- Vol.- 46, Issue No. 198
- Sunday, 19 October 2025
- ରବିବାର, ୧୯ ଅକ୍ଟୋବର ୨୦୨୫
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com







## କଳିଙ୍ଗ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ସାଇବର ରଥ

# ସାଇବର ଅପରାଧ: ସଚେତନତା ବଡ଼ ଅସ୍ତ୍ର

ଭୁବନେଶ୍ୱର,୧୮।୧୦: ସାଇବର ଅପରାଧକୁ ପ୍ରତିରୋଧ କରିବା ପାଇଁ ରାଜ୍ୟରେ ଖୁବଶୀଘ୍ର ଆଉ ୨୦ ନୂତନ ସାଇବର ଅପରାଧ ପୋଲିସ୍ ଥାନା କାର୍ଯ୍ୟକ୍ଷମ ହେବ । ୧୧୨୭ଟି

### ଗଡ଼ିଲା ୧୬ ସାଇବର ସଚେତନତା ରଥ

### ୨୦ନୂତନ ସାଇବର ଥାନା ଖୋଲିବ, ୧୭୦ ଜଣଙ୍କୁ ମିଳିବ ନିଯୁକ୍ତି




ନୂତନ ପୋଲିସ ପଦବୀ ସହିତ ୧୭୦ ବୈଷୟିକ ବିଶେଷଜ୍ଞଙ୍କୁ ଖୁବଶୀଘ୍ର ନିଯୁକ୍ତି ଦିଆଯିବ । ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ସାଇବର ସୁରକ୍ଷା ସଚେତନତା ଅଭିଯାନର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ । ଏହି ଅଭିଯାନରେ ଏକ ମାସବ୍ୟାପୀ ନୂଆପଡ଼ା ଜିଲ୍ଲା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲା ଗୁଡିକରେ ସଚେତନତା ରଥ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କୁ ସାଇବର ସୁରକ୍ଷା ସମ୍ପର୍କିତ ସଚେତନ କରାଯିବ । ମୁଖ୍ୟମନ୍ତ୍ରୀ ୧୬ଟି ସଚେତନତା ରଥକୁ ପତକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜି ଇଣ୍ଟରନେଟ୍ ବ୍ୟବହାରୀକାରୀଙ୍କୁ ସାଇବର ଅପରାଧ, ଅନଲାଇନ ଠକେଇ ଭଳି ଅପରାଧର ଶିକାର ହେବାକୁ ପଡୁଛି । ଏହି ଅପରାଧକୁ ରୋକିବା ପାଇଁ ସରକାର ସବୁବେଳେ ଗୁରୁତ୍ୱ ଦେଉଛନ୍ତି । ସାଇବର ପୋଲିସଙ୍କୁ ଶକ୍ତିଶାଳୀ କରିବା, ସଚେତନତା ବୃଦ୍ଧି କରିବା ଓ ସୁରକ୍ଷିତ ଡିଜିଟାଲ ପରିବେଶ ଗଠନ କରିବା ଭଳି ପଦକ୍ଷେପମାନ ଗ୍ରହଣ କରିଛନ୍ତି । ସାଇବର ଅପରାଧ ରୋକିବା କ୍ଷେତ୍ରରେ ଓଡ଼ିଶା ପୋଲିସକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନ୍ୟାସନାଲ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲ ଏବଂ ସାଇବର ହେଲ୍ପଲାଇନ୍ ୧୯୩୦ ମାଧ୍ୟମରେ ହଜାର ହଜାର ଅଭିଯୋଗକାରୀଙ୍କୁ ସଠିକ୍ ସମୟରେ ସହାୟତା ପ୍ରଦାନ କରାଯାଇଛି । ସାଇବର ଅପରାଧକୁ ପ୍ରତିରୋଧ କରିବା ପାଇଁ ରାଜ୍ୟରେ ଖୁବଶୀଘ୍ର ଆଉ ୨୦ ନୂତନ ସାଇବର ଅପରାଧ ପୋଲିସ୍ ଷ୍ଟେସନ କାର୍ଯ୍ୟକ୍ଷମ ହେବ । ଏହା ସହ ପୂର୍ବରୁ ଥିବା ୧୪ଟି ସାଇବର ପୋଲିସ୍ ଷ୍ଟେସନର ଆଧୁନିକୀକରଣ ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି । କ୍ରାଇମବ୍ରାଞ୍ଚ ଅଧୀନରେ ଏକ ରାଜ୍ୟସ୍ତରୀୟ କମାଣ୍ଡ ସେଣ୍ଟର ଗଠନ କରାଯିବ ଏବଂ ଏହି ସେଣ୍ଟରଟି ସାଇବର ଅପରାଧ ରୋକିବା କ୍ଷେତ୍ରରେ ସେଣ୍ଟର ଅଫ୍ ଏକ୍ସେଲେନ୍ସ ଭାବରେ କାର୍ଯ୍ୟ କରିବ । ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଅଧିକାଂଶ ସାଇବର ଠକାମୀର ପ୍ରମୁଖ କାରଣ ହେଉଛି ସଚେତନତାର ଅଭାବ । ଏଥିପାଇଁ ଅନଲାଇନ, ଡିଜିଟାଲ ଓ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କୁ ସତର୍କ ରହିବାକୁ ପଡିବ, ସଚେତନ ହେବାକୁ ପଡିବ । ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଆଜିଠାରୁ ଏହି ସଚେତନତା ଅଭିଯାନ ଆରମ୍ଭ କରାଯାଇଛି । ସାଇବର ଠକେଇର ବିଭିନ୍ନ ଦିଗ ଉପରେ ଲୋକଙ୍କୁ ସଚେତନ କରାଯିବ । ସେଥିପାଇଁ ଏହି ଅଭିଯାନରେ ସମସ୍ତେ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଥିଲେ । ମୁଖ୍ୟମନ୍ତ୍ରୀ ଇଣ୍ଟରନେଟ୍ ଜରିଆରେ ଯୁବତୀ ମାନଙ୍କୁ ବ୍ଲାକମେଲିଙ୍ଗ ଓ ମାନସିକ ନିର୍ଯାତନା ଉପରେ କ୍ଷୋଭ ପ୍ରକାଶ କରି ଓଡିଶା ପୋଲିସକୁ ଏହି ମାନସିକତା ରଖୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପଦକ୍ଷେପ ନନେଲେ ସମ୍ପୃକ୍ତ ପୋଲିସଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ତାଗିଦା କରିଛନ୍ତି ।

## ପୁଣି ଡରାଇବ କି ଅକ୍ଟୋବର ?

# ୨୧ ସୁଦ୍ଧା ଲଘୁଚାପ, ପରେ ଅବପାତ

ଭୁବନେଶ୍ୱର,୧୮।୧୦: ଆମେରିକା ଜିଏଫଏସ ମଡେଲର ସାଟେଲାଇଟ୍ ଆକଳନ କହୁଛି, ଅକ୍ଟୋବରରେ ବାତ୍ୟା ଆସୁଛି । ଗୋଟିଏ ନୁହେଁ, ଦୁଇଟି ବାତ୍ୟା ଆସିପାରେ । ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ଆସନ୍ତା ୨୧ ତାରିଖ ସୁଦ୍ଧା ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଏହା ପଶ୍ଚିମ- ଉତ୍ତରପଶ୍ଚିମ

### ବାତ୍ୟା ପୂର୍ବାନୁମାନ ହୋଇନାହିଁ: ଆଇଏମ୍‌ଡି

ଦିଗକୁ ଗତିକରି ଘନୀଭୂତ ହୋଇ ଅବପାତ ରୂପ ନେଇପାରେ । ଦକ୍ଷିଣ ଓ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରରେ ପରବର୍ତ୍ତୀ ୪୮ ଘଣ୍ଟାରେ ଅବପାତର ରୂପ ନେବ । ଅକ୍ଟୋବରରେ ଲଘୁଚାପରୁ ଅବପାତ ଏବଂ ବାତ୍ୟା ସମ୍ଭାବନାକୁ ନେଇ ଆଶଙ୍କା ବଢିଛି । ଆସନ୍ତା ସପ୍ତାହରେ ବଙ୍ଗୋପସାଗରରେ ଅବପାତ ପାଇଁ ଏକ ଅନୁକୂଳ ପରିବେଶ ରହିଥିବା ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଏକ ଗଣମାଧ୍ୟମକୁ ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି,ଏଯାଏଁ ବାତ୍ୟା ନେଇ କୌଣସି ପୂର୍ବାନୁମାନ ହୋଇନାହିଁ । ବର୍ତ୍ତମାନ ସୁଦ୍ଧା କେବଳ ଲଘୁଚାପ ଓ ଅବପାତ ଆକଳନ କରାଯାଇଛି । ୨୧ ପୂର୍ବରୁ ମତ୍ସ୍ୟଜୀବୀ କୂଳକୁ ଫେରିଆସିବା ଆବଶ୍ୟକ । ଲଘୁଚାପ ସୃଷ୍ଟି ହେବା ପରେ ହିଁ ସ୍ଥିତି ସ୍ପଷ୍ଟ ହେବ । କାହିଁକି ଅକ୍ଟୋବରରେ ଆସେ ବାତ୍ୟା ? ପାଣିପାଗ ବିଜ୍ଞାନୀଙ୍କ ମତରେ, ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଲେଉଟାଣି ସମୟ ଅକ୍ଟୋବର ହେତୁ ସେତେବେଳେ ସମୁଦ୍ରର



ଉପର ଭାଗରେ ତାପମାତ୍ରା ଅଧିକ ଥାଏ । ସମୁଦ୍ର ଭିତରେ ପବନର ବେଗ କମ୍ ବେଶି ହୋଇଥାଏ । ଯାହା ଝଡ଼ ସୃଷ୍ଟି କରି ସମୁଦ୍ରକୁ ଅଶାନ୍ତ କରେ । ପ୍ରଶାନ୍ତ ମହାସାଗରରେ ଲା-ନିନା ସଂଗଠିତ ହେଲେ ବାତ୍ୟା ଆଶଙ୍କା ବଢିଥାଏ । ଚଳିତବର୍ଷ ମଧ୍ୟ ଲା-ନିନା ପ୍ରଭାବ ରହିପାରେ । ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ସଂଗଠିତ ହେଉଥିବା ବାତ୍ୟା ବେଶ୍ ଶକ୍ତିଶାଳୀ ହୋଇଥାଏ । ସୂଚନାଯୋଗ୍ୟ ଯେ ଓଡ଼ିଶାରେ ୧୯୯୯ ଅକ୍ଟୋବରରେ ହୋଇଥିବା ପ୍ରଳୟଙ୍କରୀ ମହାବାତ୍ୟା ବହୁ ଧନଜୀବନର କାରଣ ହୋଇଥିଲା ।

## ୨୦ ତାରିଖ ଦୀପାବଳି ପାଇଁ ଅତିରିକ୍ତ ଛୁଟି

# ସମସ୍ତ ସ୍କୁଲ, କଲେଜ ଛୁଟି ରହିବ

ଭୁବନେଶ୍ୱର, ୧୮।୧୦(ନିପ୍ର): ଆସନ୍ତା ୨୦ ତାରିଖ ଦୀପାବଳି ପର୍ବ ଉପଲକ୍ଷେ ଅତିରିକ୍ତ ଛୁଟି ଘୋଷଣା କରାଯାଇଛି । ନୂଆପଡ଼ା ଜିଲ୍ଲା ବ୍ୟତୀତ ରାଜ୍ୟର ଅନ୍ୟ ସବୁ ସରକାରୀ କାର୍ଯ୍ୟାଳୟ ଓ ମାଜିଷ୍ଟ୍ରେରିଆଲ କୋର୍ଟ ବନ୍ଦ ରହିବ । ୨୦ରେ ନୂଆପଡ଼ାରେ ସରକାରୀ କାର୍ଯ୍ୟାଳୟ/ ମାଜିଷ୍ଟ୍ରେରିଆଲ କୋର୍ଟ ଖୋଲା ରହିବ । ରାଜ୍ୟ ସରକାରଙ୍କ ରାଜସ୍ୱ




ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ମୁତାବକ ସରକାରୀ କର୍ମଚାରୀ ଦୁଇ ଦିନ ଛୁଟି ପାଇବେ । ରାଜ୍ୟ ସରକାରଙ୍କ ପୂର୍ବ ନିର୍ଦ୍ଧାରିତ କ୍ୟାଲେଣ୍ଡର ଅନୁସାରେ, ୨୧ ତାରିଖରେ ଦୀପାବଳି ଛୁଟି ସହ ୨୦ ତାରିଖକୁ ଅତିରିକ୍ତ ଛୁଟି ଘୋଷଣା କରାଯାଇଛି । ୨୫ ତାରିଖ ଚତୁର୍ଥ ଶନିବାର କାର୍ଯ୍ୟଦିବସ ଭାବେ ଘୋଷଣା କରାଯାଇଛି । ଆସନ୍ତା ୨୦ ତାରିଖ ସୋମବାର ଦୀପାବଳି ଉପଲକ୍ଷେ ସମସ୍ତ ଶିକ୍ଷାନୁଷ୍ଠାନ ଛୁଟି ରହିବ । ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକ ବନ୍ଦ ରହିବ । ଉଭୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଅତିରିକ୍ତ ଛୁଟି ନେଇ ଘୋଷଣା କରାଯାଇଛି ।

## ରାତି ୯ଟା ପରେ ବାଣଫୁଟା ବନ୍ଦ

ଭୁବନେଶ୍ୱର,୧୮।୧୦(ନିପ୍ର): ଦୀପାବଳିରେ ଭୁବନେଶ୍ୱରରେ ରାତି ୯ଟା ପରେ ବାଣଫୁଟା ବନ୍ଦ । ଏନେଇ ଭୁବନେଶ୍ୱର ଡିସିପି ଜଗମୋହନ ମୀନା କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଉଚ୍ଚ ଧ୍ୱନି ସଂପନ୍ନ ବାଣ ଫୁଟାଇଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସମସ୍ତଙ୍କୁ ସବୁଜ ବାଣ ଫୁଟାଇବା ପାଇଁ ପୋଲିସ ଅନୁରୋଧ କରିଛି । ମଦ ପିଇ ଗାଡ଼ି ଚଳାଇଲେ ଚାଳକ ଅଟକ ରହିବେ ବୋଲି କୁହାଯାଇଛି । ଗାଡ଼ିକୁ ଜବତ କରି ନେଇଯିବ ପିସିଆର ଭ୍ୟାନ୍ । ସବୁ ଥାନାରେ ପାଟ୍ରୋଲିଂ ଭ୍ୟାନ୍ ଆଲର୍ଟ ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି । ବେଆଇନ ବାଣ ବିକିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି କହିଛନ୍ତି । ସେହିପରି ବାଣର ଧ୍ୱନି ୧୨୫ ଡେସିବଲରୁ ଅଧିକ ହୋଇପାରିବ ନାହିଁ ।

# ଏଣିକି ଅନଲାଇନରେ ଜମି ସୀମା ନିର୍ଦ୍ଧାରଣ

ଭୁବନେଶ୍ୱର,୧୮।୧୦(ନିପ୍ର): ଡିମାର୍କସେନ ପାଇଁ ଆଉ ବାରମ୍ବାର ତହସିଲ ଅଫିସ ଦୌଡିବାକୁ ପଡ଼ିବନାହିଁ । ଏହା ଏଣିକି ଅନଲାଇନରେ ଆବେଦନ କଲେ ତାରିଖ ମିଳିବ । ତହସିଲ ଅଧିକାରୀ ଅମିନ ଏବଂପୋଲିସ ଆସି କରିବେ ଆବେଦନକାରୀଙ୍କ ଜମିର ଡିମାରକେସନ କରିବେ । ପ୍ରଥମେ ରାଜସ୍ୱ ବିଭାଗର



ଅନଲାଇନ ସାଇଟକୁ ଯିବାକୁ ପଡିବ । ସେଥିରେ ମୋବାଇଲ ନମ୍ବର ପଂଜୀକରଣ କରି ଡିମାରକେସନ ପାଇଁ ଆବେଦନ କରିବାକୁ ହେବ । ପରେ ଆବଶ୍ୟକ ଜମି କାଗଜ ପତ୍ର ସହ ଫି ଦେବାକୁ ପଡିବ । ଆବେଦନ ସବ୍‌ମିଟ କରିବା ପରେ ତହସିଲଦାର ଆବେଦନ ଯାଞ୍ଚ କରିବେ । ମୋବାଇଲ ନମ୍ବରକୁ ତାରିଖ ମେସେଜ ଭାବେ ଆସିବ ।

## ଝାଡ଼ଖଣ୍ଡ ନାବାଳିକାଙ୍କୁ ରାଜଧାନୀରେ ଗଣଦୁଷ୍କର୍ମ ଚର୍ଚ୍ଚା

# ବାହାରିଲା ସେକ୍ସ ରାକେଟ ଲିଙ୍କ୍

ଭୁବନେଶ୍ୱର,୧୮।୧୦(ନିପ୍ର): ଗୁରୁବାର ରାଜଧାନୀରେ ଝାଡ଼ଖଣ୍ଡର ଜଣେ ନାବାଳିକାଙ୍କୁ ଗଣଦୁଷ୍କର୍ମ ହୋଇଥିବା ଖବର ଆଲୋଡ଼ନ ସୃଷ୍ଟି କରିଥିଲା । ଖବରପାଇ ନାବାଳିକାଙ୍କୁ କ୍ୟାପିଟାଲ ଥାନା ପୋଲିସ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇ ତାଙ୍କ ଚିକିତ୍ସା ଚଳାଇଛି । ପରେ ପୋଲିସ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ, ସେକ୍ସ ରାକେଟ ଲିଙ୍କ୍ ଜଣାପଡ଼ିଥିଲା । ଶନିବାର ସକାଳୁ କ୍ୟାପିଟାଲ ଥାନା ପୋଲିସ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଚଢ଼ଉ କରିଥିଲା । ଚଢ଼ଉ ବେଳେ, ଏକ ଘର ଭିତରୁ ୪ ଜଣ ଝାଡ଼ଖଣ୍ଡର ନାବାଳିକାଙ୍କୁ ଉଦ୍ଧାର କରାଯିବା ସହ ଘର ମାଲିକ, ତାଙ୍କ ସ୍ତ୍ରୀ ଏବଂ ୨ ଜଣ ଦଲାଲଙ୍କୁ ଗିରଫ କରାଯାଇଛି । ଗଣଦୁଷ୍କର୍ମ ହୋଇଥିବା ନାବାଳିକାଙ୍କୁ ଝାଡଖଣ୍ଡ ଅଞ୍ଚଳରୁ ଆଣି ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ୩ ମହଲା ଘର ଭଡାକୁ ନେଇ ସେଠାରେ ସେକ୍ସ ର୍ୟାକେଟ ଚଳାଉଥିଲା ଘର ମାଲିକ । ପରେ



■ ୪ ଗିରଫ, ୪ ନାବାଳିକା ଉଦ୍ଧାର

ଗ୍ରାହକଙ୍କ ଠାରୁ ମୋଟା ଆକାରରେ ଟଙ୍କା ନେଇ ଜୋରଜବରଦସ୍ତ ସେକ୍ସ ର୍ୟାକେଟରେ ନିୟୋଜିତ କରାଯାଇଥିବା ଏକ ସୂତ୍ରରୁ ଜଣାପଡିଛି । ଏନେଇ ସୂଚନା ମିଳିବା ପରେ କ୍ୟାପିଟାଲ ଥାନା ପୋଲିସ ଶନିବାର ଚଢ଼ାଉ କରିଛି । ଏନେଇ ଶନିବାର ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଗୁରୁବାର ରାତି ପ୍ରାୟ ୮ଟା ବେଳେ ଅଶୋକନଗରରେ ରକ୍ତାକ୍ତ ଅବସ୍ଥାରେ ପଡିଥିଲେ ନାବାଳିକା ଜଣକ । କିଛି ଲୋକ ଜନପଥ କଡରୁ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ନେବା ସହ କ୍ୟାପିଟାଲ ଥାନା ପୋଲିସକୁ ଖବର ଦେଇଥିଲେ । ଏହି ସମୟରେ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ପରି ପୁଲିସ ତଦନ୍ତ କରି ଜାଣିବାକୁ ପାଇଛି ଯେ, ନାବାଳିକାଙ୍କୁ ଝାଡଖଣ୍ଡରୁ ଭୁବନେଶ୍ୱର ଅଣାଯାଇ ଲକ୍ଷ୍ମୀସାଗର ଥାନା ଅଧୀନରେ ଏକ ୩ ମହଲା ଘରକୁ ଭଡାରେ ନେଇ ଲେଡିଜ୍ ହଷ୍ଟେଲ ନାଁରେ ସେକ୍ସ ରାକେଟ୍ ଚଳାଉଥିଲେ ଘର ମାଲିକ ଓ ତାଙ୍କ ସ୍ତ୍ରୀ । ପରେ କ୍ୟାପିଟାଲ ଥାନାର ୨ଟି ସ୍ପେଶାଲ ଟିମ୍ ଡ଼ିସିପିଙ୍କ ନିର୍ଦ୍ଦେଶ କ୍ରମେ ସେକ୍ସ ରାକେଟ ଚାଲିଥିବା ଘରେ ଚଢ଼ାଉ କରାଯାଇ, ଝାଡଖଣ୍ଡର ୪ ଜଣ ନାବାଳିକା, ୩ ଜଣ ଯୁବତୀଙ୍କୁ ଉଦ୍ଧାର କରାଯିବା ସହ ଘର ମାଲିକ, ତାଙ୍କ ସ୍ତ୍ରୀ ଏବଂ ୨ ଜଣ ଦଲାଲଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ, ମଞ୍ଚେଶ୍ୱର ପାଲାମଣ୍ଡପ ଅଞ୍ଚଳରେ ରହୁଥିବା ପୁରୀ ଜିଲ୍ଲାର ମଞ୍ଜୁ ସେଠୀ, ବରମୁଣ୍ଡା କାଳିମନ୍ଦିର ଅଂଚଳର ମମତା ସାହୁ, ଲକ୍ଷ୍ମୀସାଗର ପ୍ଲଟ ନମ୍ବର ଇବି-୩୨୪ ଘର ମାଲିକ ସଞ୍ଜିବ୍ କୁମାର ଦାସ ଓରଫ ବାପି ଏବଂ ନୟାଗଡ଼ ଜିଲ୍ଲାର ଅଭିନାଶ ମୁଦୁଲି ।

## ଚିନ୍ତା ପ୍ରକଟ କଲେ ସୁପ୍ରିମକୋର୍ଟ

# ୮.୮ ଲକ୍ଷରୁ ଅଧିକ ଫାଶି ଆବେଦନ ବିଚାରାଧୀନ

ନୂଆଦିଲ୍ଲୀ, ୧୮।୧୦: ଦେଶରେ ୮.୮ ଲକ୍ଷରୁ ଅଧିକ ଫାଶି ଆବେଦନର ଶୀଘ୍ର ସମାଧାନ ସୁନିଶ୍ଚିତ କରିବା ପାଇଁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିବା ସତ୍ତ୍ୱେ, ଏହା ବିଚାରାଧୀନ ରହିଛି । ସୁପ୍ରିମକୋର୍ଟ ଏନେଇ ଚିନ୍ତା ପ୍ରକଟ କରିଛନ୍ତି ବିଚାରପତି ଜେ.ବି. ପାରଦିୱାଲା ଏବଂ ପଙ୍କଜ ମିଥାଲଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଉଲ୍ଲେଖ କରିଛନ୍ତି ଯେ ଯଦିଓ ଚଳିତ ବର୍ଷ ମାର୍ଚ୍ଚ ମାସରୁ ୩.୩୮ ଲକ୍ଷ ଫାଶି ଆବେଦନର ସମାଧାନ କରାଯାଇଛି, ତଥାପି ଏହି ମାମଲା 'ଚିନ୍ତାଜନକ' ରହିଛି । ଏହା ଚେତାବନୀ ଦେଇ



କହିଛି ଯେ ଯଦି ଡିକ୍ରିଧାରୀମାନେ ବର୍ଷ ବର୍ଷ ବିଳମ୍ବ ନ କରି ସେମାନଙ୍କ ମାମଲାର ଫଳାଫଳ ବୁଝିପାରିବେ ନାହିଁ, ତେବେ ନ୍ୟାୟ ନିଜେ ଏକ ପ୍ରହସନରେ ପରିଣତ ହେବ । କୋର୍ଟ ଗୁଡ଼ିକରେ ବର୍ତ୍ତମାନ ରଖାଯାଇଥିବା ସମନ୍ୱିତ ରିପୋର୍ଟଗୁଡ଼ିକ ଅନେକ କ୍ଷେତ୍ରାଧିକାରରେ ବଡ଼ ବଡ଼ ବିଚାରାଧୀନ ମାମଲା ପ୍ରକାଶ କରିଛି । ମହାରାଷ୍ଟ୍ର ୩.୪ ଲକ୍ଷରୁ ଅଧିକ ବିଚାରାଧୀନ ମାମଲା ସହିତ ଶୀର୍ଷରେ ଉଭା ହୋଇଛି, ତାମିଲନାଡୁ ୮୬,୦୦୦ରୁ ଅଧିକ ମାମଲା ସହିତ ଦ୍ୱିତୀୟ ସ୍ଥାନରେ ଏବଂ କେରଳ ପ୍ରାୟ ୮୩,୦୦୦ ମାମଲା ସହିତ ତୃତୀୟ ସ୍ଥାନରେ ରହିଛି । ଉତ୍ତର ପ୍ରଦେଶ ୨୭,୦୦୦ରୁ ଅଧିକ ବିଚାରାଧୀନ ମାମଲା ରିପୋର୍ଟ କରିଛି ଯେତେବେଳେ ଆନ୍ଧ୍ର ପ୍ରଦେଶ ୬୮,୦୦୦ରୁ ଅଧିକ ମାମଲା ରିପୋର୍ଟ କରିଛି । ଦେଶବ୍ୟାପୀ ଏହି ସଂଖ୍ୟା ୮,୮୨,୫୭୮ ମୃତ୍ୟୁଦଣ୍ଡ ଆବେଦନ ସମାଧାନ ଅପେକ୍ଷାରେ ରହିଛି ।



### ସାଳନ୍ଦୀନଦୀ ତଟେ ବିଜେ

# ମା' ଭଦ୍ରକାଳୀ







ଭଦ୍ରକ ଜିଲ୍ଲାରେ ମା'ଭଦ୍ରକାଳୀଙ୍କ ପୀଠ ପୁରାତନ କାଳର। ଭଦ୍ରକ ସହର ଅର୍ନ୍ତଗତ ଆହାରପଦା ସ୍ଥିତ ପୁଣ୍ୟତୋୟା ସାଳନ୍ଦୀନଦୀ ନିକଟସ୍ଥ ଭଦ୍ରକାଳୀସାହି ଗ୍ରାମରେ ଅବସ୍ଥାପିତ ମା'ଙ୍କର ପୀଠ। ଏହା ଭଦ୍ରକ ସହର ଠାରୁ ପ୍ରାୟ ୭କି.ମି. ଦୂରରେ ଅବସ୍ଥିତ। ଏହାର ଚତୁଃପାର୍ଶ୍ୱ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ। ମନ୍ଦିରମାଳିନୀ ଓଡ଼ିଶାର ଏହା ମୁଖ୍ୟ ଅଙ୍ଗ କହିଲେ ଅତ୍ୟୁକ୍ତି ହେବ ନାହିଁ। ଭଦ୍ରକରେ ଅବସ୍ଥାପିତ ମା' ଭଦ୍ରକାଳୀଙ୍କର ମନ୍ଦିରଟି ୫୦୦ ବର୍ଷର ପୁରାତନ ଏବଂ ବର୍ତ୍ତମାନର ମନ୍ଦିରଟି ପ୍ରାୟତଃ ୭୦ ବର୍ଷର। ମନ୍ଦିରଟିର ଉଚ୍ଚତା ୪୦ଫୁଟ୍। ମା'ଙ୍କର ବିଗ୍ରହଟି ୪ଫୁଟ୍ ଉଚ୍ଚତା ବିଶିଷ୍ଟ କଳା ମୁଗୁନି ପଥରର । ଆଦ୍ୟାଶକ୍ତି ମା ଭଦ୍ରକାଳୀ ଚତୁର୍ଭୁଜା ବିଶିଷ୍ଟ। ଉପର ଡାହାଣ ହସ୍ତରେ ଖଡ୍‌ଗ, ଉପର ବାମ ହସ୍ତରେ ଖର୍ପର ଏବଂ ତଳ ଏକ ହସ୍ତରେ କମଣ୍ଡଳୁ ଏବଂ ଅନ୍ୟ ହସ୍ତରେ ପ୍ରଭୁ ବାଳଗୋପାଳଙ୍କ ଧାରଣ କରି ମାତୃବତ୍ସଳା ଜନନୀର ଅପରୂପ ମାତୃଶକ୍ତିର ଅନୁପମ ଦୃଷ୍ଟାନ୍ତ ଅନୁଭବ କରିହୁଏ। ମା' ପଦ୍ମଫୁଲ ଉପରେ ଅଧିଷ୍ଠିତା ହୋଇ ରୌପ୍ୟରେ ନିର୍ମିତ ମସ୍ତକରେ ବିମଣ୍ଡିତ ମୁକୁଟରେ ସୁସଜ୍ଜିତ ତଥା ଭକ୍ତମାନଙ୍କୁ ବରଦାନ ପୂର୍ବକ ବରଦାମୁଦ୍ରା ଧାରଣ କରି ସାରା ସଂସାରରେ ସନ୍ତାନବତ୍ସଳା ଦେବୀ ଭାବରେ ସର୍ବପୂଜିତ।

## ବାରମାସରେ ତେର ପର୍ବ ପାଳନ

ମଙ୍ଗଳବାର ହେଉଛି ମା'ଙ୍କର ଅତି ପ୍ରିୟ ବାର ହୋଇଥିବାରୁ ହଜାର ହଜାର ଶ୍ରଦ୍ଧାଳୁ ମଧ୍ୟ ଏଠାରେ ଏକତ୍ର ହୋଇ ମା'ଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ ଲାଭ କରିଥାନ୍ତି। ଦେଶ ବିଦେଶରୁ ମଧ୍ୟ ଅନେକ ଶ୍ରଦ୍ଧାଳୁ ମା'ଙ୍କ ପରିଦର୍ଶନରେ ଆସିଥାନ୍ତି। ଏଠାରେ ବାରମାସରେ ତେର ପର୍ବ ପାଳନ ପୂର୍ବକ ରଥଯାତ୍ରାରେ ପ୍ରଭୁ ବଳଭଦ୍ର, ବିଶ୍ୱନିୟନ୍ତା ଶ୍ରୀଜଗନ୍ନାଥ ଏବଂ ଦେବୀ ସୁଭଦ୍ରାଙ୍କୁ ରଥାରୂଢ଼ କରାଯାଇ ପବିତ୍ର ରଥଯାତ୍ରା ଉତ୍ସବ ମଧ୍ୟ ପାଳନ ଅତି ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଇଥାଏ। ଚଇତ୍ର ମାସରେ ଚଇତିଘୋଡ଼ାର ନାଚ ମଧ୍ୟ ଏ ପରିବେଶକୁ ଆହୁରି ଆନନ୍ଦମୁଖର କରି ଗଢ଼ିତୋଳେ। ରଜସଂକ୍ରାନ୍ତି ଦିନ ମା'ଙ୍କର ସୁବର୍ଣ୍ଣବେଶ ଅତ୍ୟନ୍ତ ଉଲ୍ଲାସଦାୟକ, ରଜ ତିନିଦିନ ଧରି ମା'ଙ୍କ ପାଖରେ ଭିଡ଼ ଲାଗିରହେ। ଦୋକାନବଜାର ମଧ୍ୟ ପଡ଼େ, ଦୂରଦୂରାନ୍ତରୁ ଅନେକ ଭକ୍ତ ମା'ଙ୍କ ଦର୍ଶନ ଲାଗି ଆସି ମେଳା କରିଥାନ୍ତି।

## ମା' ଧାରଣ କରିଛନ୍ତି ଶାନ୍ତ ରୂପ

ବିଗ୍ରହଟିର ସୌନ୍ଦର୍ଯ୍ୟ ଯେତିକି ମନୋରମ ସେତିକି ମଧ୍ୟ ଆନନ୍ଦଦାୟକ। ମା'ଙ୍କୁ ଥରେ ଯିଏ ଦର୍ଶନ କରିଛି ସିଏ ସଂସାରର ସବୁ ଦୁଃଖ ଶୋକକୁ ଭୁଲିଯାଇଥାଏ। ଭାରତର ଅନ୍ୟ ଦେବୀ ପୀଠମାନଙ୍କରେ ମା' କାଳୀ ଉଗ୍ର ରୂପ ଧାରଣ କରିଥିବା ବେଳେ ମା'ଭଦ୍ରକାଳୀ କିନ୍ତୁ ଶାନ୍ତ ରୂପ ଧାରଣ କରି ସନ୍ତାନବତ୍ସଳା ମାତୃଶକ୍ତିର ଅପାର କରୁଣାର



ଅଧିକାରିଣୀ ଭାବରେ ପ୍ରତିଷ୍ଠିତା। ଅନ୍ୟ ପୀଠମାନଙ୍କ ଭଳି ଏହି ପୀଠରେ କୌଣସି ପଶୁବଳି ଦିଆଯାଇ ନ ଥାଏ। ଏହା ହେଉଛି ଏହି ପୀଠର ଅନନ୍ୟ ତଥା ବିଶେଷ ପରମ୍ପରା। କ୍ଷୀର, କଦଳୀ, ନଡ଼ିଆ ଏବଂ ଫଳ ହେଉଛି ମା'ଙ୍କର ଅତି ପ୍ରିୟ ଭୋଗ। ଏଠାରେ ମା'ଙ୍କୁ ସକାଳେ ମଙ୍ଗଳଆଳତି ସହ ମଧ୍ୟାହ୍ନରେ ଅନ୍ନପ୍ରସାଦ ସହ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ଏବଂ ସନ୍ଧ୍ୟାରେ ଆଳତି ଭୋଗ, ଏଭଳି ଭାବରେ ଦିନରେ ତିନିଥର ପୂଜାର୍ଚ୍ଚନା କରାଯାଇଥାଏ। ମା'ଙ୍କର କାଳୀପୂଜାର ପରମ୍ପରା ସବୁଠାରୁ ଅନ୍ୟତମ ତଥା ନିଆରା। ଏଠାରେ ସପ୍ତଦିନ ବ୍ୟାପୀ ଉତ୍ସବ ପାଳନ କରାଯାଇଥାଏ। ଏହି ସାତଦିନରେ ମା' ୧.ବେଦମାତା, ୨. ମହାକାଳୀ, ୩. ସିଂହବାହିନୀ, ୪. ଜଗଦ୍ଧାତ୍ରୀ, ୫. ରାଜରାଜେଶ୍ୱରୀ, ୬. ମହାଲକ୍ଷ୍ମୀ ଏବଂ ୭. ମହାସରସ୍ୱତୀ ବେଶ ଧାରଣ, ଏହିଭଳି ଭାବରେ ସାତଟି ବେଶ ଧାରଣ କରି ପୂଜା ପାଇଥାନ୍ତି। ମା'ଙ୍କ ମନ୍ଦିର ଉଭୟ ପାର୍ଶ୍ୱରେ ଜୟ ଏବଂ ବିଜୟ ମୂର୍ତ୍ତି ସ୍ଥାନିତ ହୋଇଛି। ପାର୍ଶ୍ୱ ଦେବତା ତଥା ପ୍ରଭୁ ଶ୍ରୀମନ୍ ନାରାୟଣ, ଦେବ ଦେବ ମହାଦେବ, ଅଗ୍ରପୂଜ୍ୟ ଗଜାନନ, ସୂର୍ଯ୍ୟନାରାୟଣ ଏବଂ ଦେବୀ ଦୁର୍ଗାଙ୍କର ମୂର୍ତ୍ତି ପୂଜା ପାଉଥିବା ବେଳେ, ପତିତପାବନ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ମଧ୍ୟ ଅନ୍ୟ ଏକ ମନ୍ଦିରରେ ସ୍ଥାପିତ କରାଯାଇ ପୂଜାର୍ଚ୍ଚନା ମଧ୍ୟ କରାଯାଇଥାଏ। ବାର ମାସରେ ତେର ପର୍ବ ମଧ୍ୟ ମା'ଙ୍କ ପୀଠରେ ପାଳନ କରାଯାଇଥାଏ। ମା'ଭଦ୍ରକାଳୀଙ୍କୁ ମଧ୍ୟ ପରମ ବୈଷ୍ଣବୀ ଭାବରେ ନାମିତ କରାଯାଇଛି। ଭକ୍ତର ଦୁଃଖଦ ମନସ୍କାମନା ମା' ତୁରନ୍ତ ପୂରଣ କରିଥାନ୍ତି ତେଣୁ ତାଙ୍କୁ ବରଦାୟିନୀ ବୋଲି ମାନ୍ୟତା ଦିଆଯାଇଛି।

## ଭକ୍ତିରେ ହୁଅନ୍ତି ସନ୍ତୁଷ୍ଟ, ଦିଅନ୍ତି ଆଶୀର୍ବାଦ

ଶକ୍ତି ସ୍ୱରୂପିଣୀ ସନ୍ତାନବତ୍ସଳା ବରଦାଦାୟିନୀ ମା'କାଳୀଙ୍କୁ ଭକ୍ତି ଆରାଧନା କରି ସଂସାରର ଦୁଃଖ ଶୋକର ପରିତ୍ରାଣ ଲାଭ କରିବା ପାଇଁ ଯୁଗେ ଯୁଗେ ଭକ୍ତ ନିରନ୍ତର ବିଶ୍ୱାସ କରି ଆସିଛି। ଦୁଷ୍ଟ ମାନଙ୍କ ପାଇଁ ମା' ଭୟଙ୍କରୀ, ହେଲେ ସାଧୁମାନଙ୍କ ପାଇଁ ମା' କରୁଣାମୟୀ, ସ୍ନେହମୟୀ ଜନନୀ । ମା'ର ଆଶୀର୍ବାଦ ଯିଏ ପାଏ ତା'ର ଏ ସଂସାରରେ କାହାକୁ ଭୟ ନଥାଏ ମାତ୍ର ଯିଏ ମା'ର ଆଦେଶକୁ ଉଲଘଂନ କରେ, ନୀତି ନିୟମକୁ ଭାଙ୍ଗିଦିଏ, ସିଏ କାଳର କରାଳ ଗର୍ଭରେ ଲୀନ ହୋଇଯାଏ।



-ବିଦ୍ୟାଶ୍ରୀ ପଣ୍ଡା
କୋରକୋରା, ଭଦ୍ରକ
ମୋ - ୯୦୯୦୮୯୯୮୨୬

ଉତ୍ସବର ମୂଳ ଉଦ୍ଦେଶ୍ୟ ଦୀପ ପ୍ରଜ୍ୱଳନ। ଭାରତ ଭ୍ରମଣରେ ଆସିଥିବା ଅନେକ ଐତିହାସିକ ଓ ପର୍ଯ୍ୟଟନ ଦୀପାବଳି ଉତ୍ସବ ସ୍ୱଚକ୍ଷୁରେ ଦେଖି ଯାଇଛନ୍ତି।

## ମନେ ପକାଏ ଦୀପାବଳି

ଭାରତର ପ୍ରାୟ ସବୁ ରାଜ୍ୟରେ ଦୀପାବଳି ଉତ୍ସବର ଆୟୋଜନ କରାଯାଇଥାଏ। ଉତ୍ତର ଓ ପଶ୍ଚିମ ଭାରତରେ ଲକ୍ଷ୍ମୀପୂଜାକୁ କେନ୍ଦ୍ର କରି ଦୀପାବଳି ପାଳୁଥିବା ବେଳେ ଦକ୍ଷିଣ ଭାରତ ପବିତ୍ର ନଦୀଗୁଡ଼ିକରେ ପୁଣ୍ୟାର୍ଥୀ ସ୍ନାନାଦି କର୍ମରେ ଏହି ଉତ୍ସବ ପାଳନ କରିଥାଆନ୍ତି। ଏହି ଉତ୍ସବର ମୂଳ ଉଦ୍ଦେଶ୍ୟ ଦୀପ ପ୍ରଜ୍ୱଳନ। ଭାରତ ଭ୍ରମଣରେ ଆସିଥିବା ଅନେକ ଐତିହାସିକ ଓ ପର୍ଯ୍ୟଟନ ଦୀପାବଳି ଉତ୍ସବ ସ୍ୱଚକ୍ଷୁରେ ଦେଖି ଯାଇଛନ୍ତି। ହର୍ଷବର୍ଦ୍ଧନଙ୍କ 'ନାଗନମ' ନାଟକରେ ଦୀପାବଳି ଉତ୍ସବର ଉଲ୍ଲେଖ ଅଛି। ଆଲବେରୁନିଙ୍କ ଭ୍ରମଣ ବୃତ୍ତାନ୍ତରେ ଦୀପାବଳି ଉତ୍ସବ କଥା ଲେଖା ଅଛି। ଆବୁଲ ଫଜଲ ତାଙ୍କ 'ଆଇନ-ଇ-ଆକବରି' ଗ୍ରନ୍ଥରେ ନିଜ ହାତରେ ଜଳାଇଥିବା ଦୀପ କଥା ଲେଖିଛନ୍ତି। ହିନ୍ଦୁ ମହାକାବ୍ୟ 'ମହାଭାରତ'ରେ ଦୀପାବଳିର ଗୁଣକୀର୍ତ୍ତନ କରାଯାଇଛି। ଦୀପ ତେଜଃ ପଦାର୍ଥ ଏବଂ ସର୍ବଦା ଉର୍ଦ୍ଧ୍ୱଗାମୀ। ଦୀପ ଜଳାଇଲେ ମନୁଷ୍ୟ ତେଜସ୍ୱୀ ଏବଂ ଉଚ୍ଚାକାଂକ୍ଷୀ। ହୋଇଥାଏ ଏପରି ବିଶ୍ୱାସ ରହିଛି । ଦୀପାବଳିରେ ଆଲୋକ ସଜ୍ଜାର ଆୟୋଜନ କରି ମଣିଷ କାହିଁକି ଉତ୍ସବର ସାମିଲ ହେଲା ସେ ସଂକ୍ରାନ୍ତରେ ବିଜ୍ଞାନୀମାନଙ୍କ ଧାରଣା ଯେ ଆଦିମ ମଣିଷ ଅନିଷ୍ଟକାରୀ ଶକ୍ତି ଭୟରୁ ରକ୍ଷା ପାଇବା ପାଇଁ ଆଲୋକ ଜଳାଉଥିଲେ। ପର୍ବପର୍ବାଣି ମାଧ୍ୟମରେ ଏହି ପ୍ରକ୍ରିୟାକୁ ସ୍ମରଣ କରିବା ନିମନ୍ତେ ଏପରି ଧାରା ପ୍ରଚଳିତ।

- ମୁରଲୀଧର
ମୋ : ୭୯୭୮୮୪୧୭୪୧



ଭାରତର ପ୍ରାୟ ସବୁ ରାଜ୍ୟରେ ପାଳିତ ହୁଏ ଦୀପାବଳି

## ଦୀପାବଳି ସତର୍କତା ଅବଲମ୍ବନ କରନ୍ତୁ

ଚଳିତ ବର୍ଷ ଦୀପାବଳି ଦ୍ୱନ୍ଦ୍ୱକୁ ମୁକ୍ତି ମଣ୍ଡପ ପଣ୍ଡିତ ମହାସଭା ଏବଂ ଜ୍ୟୋତିର୍ବିଦଙ୍କ ଗଣତିରେ ଅକ୍ଟୋବର ୨୦ ତାରିଖ ବୋଲି ସମାଧାନ କରାଯାଇଅଛି। ହିନ୍ଦୁ ପରମ୍ପରା ଅନୁଯାୟୀ ପିତୃପକ୍ଷରେ ଆସିଥିବା ପିତୃପୁରୁଷଙ୍କୁ ଆଲୋକ ପ୍ରଦର୍ଶନ କରି ଏହି ତିଥିରେ ମେଲାଣି ଦେଇଥାଆନ୍ତି। ଦୀପ ଓ ମହମବତି ଘରେ ତଥା ବାହାରେ ସାବଧାନରେ ଲଗାଇବା ସହିତ ପରିବାରରେ ସମସ୍ତେ ସତର୍କ ରୁହନ୍ତୁ।ପରିବେଶକୁ ଯଥାସମ୍ଭବ ସୁରକ୍ଷା ଦିଅନ୍ତୁ। ଛୋଟ ପିଲା, ରୋଗ ଭୋଗ କରୁଥିବା ବ୍ୟକ୍ତି ବିଶେଷଙ୍କୁ ବାଣ ପ୍ରଦୂଷଣ ଓ ଧ୍ୱନି ପ୍ରଦୂଷଣ ଠାରୁ ଦୂରରେ ରଖନ୍ତୁ। ଦୂରରେ ରହି ସବୁଜ ବାଣରେ ଅଗ୍ନି ସଂଯୋଗ କରନ୍ତୁ। ନିଜ ଘରେ ଓଦା ଅଖା, କମଳ ଓ ଆବଶ୍ୟକ ପୋଡା ଜଳା ନିରୋଧୀ ଔଷଧ ବି ରଖନ୍ତୁ। ଅତ୍ୟଧିକ ବିପଦର ସତର୍କତା ପାଇଁ ଦମକଳ ୧୦୧ ଓ ଚିକିତ୍ସାଳୟ ଆମ୍ବୁଲାନ୍ସ ୧୧୨ ନମ୍ବରକୁ ଲେଖି ରଖି ଆବଶ୍ୟକ ସମୟରେ କାର୍ଯ୍ୟରେ ଲଗାନ୍ତୁ।ଭୁବନେଶ୍ୱରସ୍ଥିତ ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ସହିତ ରାମକୃଷ୍ଣ ପରିଡା, ସେଖ୍ ତାହାର , ଅଶୋକ କୁମାର ମହାରଣା ଓ ହୃଷୀକେଶ ମହାରଣା ପ୍ରମୁଖ ଆୟୋଜିତ ସଚେତନତା ଆଲୋଚନାରେ ଏଭଳି ସତର୍କତା ଜାରି କରିଛନ୍ତି।

## ଶ୍ୟାମାକାଳୀ ପୂଜା ଓ ନରକ ଚତୁର୍ଦ୍ଦଶୀ

କାର୍ତ୍ତିକ ଅମାବାସ୍ୟାରେ କାଳୀ ପୂଜା ବା ଶ୍ୟାମାକାଳୀ ପୂଜା ବା ମହାନିଶା ପୂଜା ଅନୁଷ୍ଠିତ ହୁଏ। ଯିଏ ମହାକାଳୀ, ସେ ହିଁ ନିତ୍ୟକାଳୀ, ଶ୍ମଶାନକାଳୀ, ରକ୍ଷାକାଳୀ ଓ ଶ୍ୟାମାକାଳୀ। ଶ୍ୟାମାକାଳୀ, ମହାକାଳୀଙ୍କର ଅପେକ୍ଷାକୃତ କମ୍ ଉଗ୍ର ରୂପ ହୋଇଥିବାରୁ, ଘରେ ଘରେ ପୂଜିତା। ଉତ୍ତର ଭାରତରେ ଏହି ଦିନରେ ମହାଲକ୍ଷ୍ମୀ ପୂଜା ହେଉଥିବା ବେଳେ ପଶ୍ଚିମ ବଙ୍ଗ, ଓଡ଼ିଶା ଓ ଆସାମରେ କାଳୀ ପୂଜା ଅନୁଷ୍ଠିତ ହୁଏ। ସାର୍ବଜନୀନ କାଳୀପୂଜାର ଆରମ୍ଭ ବଙ୍ଗ ପ୍ରଦେଶରୁ। ଅଷ୍ଟାଦଶ ଶତାବ୍ଦୀରେ ନବଦ୍ୱୀପର ରାଜା କୃଷ୍ଣଚନ୍ଦ୍ର ଏହା ଆରମ୍ଭ କରିଥିଲେ। ଊନବିଂଶ ଶତାବ୍ଦୀରେ ତାଙ୍କ ନାତି ଈଶ୍ୱରଚନ୍ଦ୍ର ଏହାକୁ ଏକ ଲୋକପ୍ରିୟ ଉତ୍ସବରେ ପରିଣତ କରାଇଥିଲେ। ସପ୍ତଦଶ ଶତାବ୍ଦୀରେ ବଳରାମ ରଚିତ କାଳିକା ମଙ୍ଗଳକାବ୍ୟରେ କାଳୀ ପୂଜାର ଉଲ୍ଲେଖ ମିଳେ। ଏହି ଦିନରେ କାଳୀ ମାତାଙ୍କ ଗଳାରେ ରକ୍ତଜବା ମାଳ ପିନ୍ଧାଇବା ସହ ମାଛ-ମାଂସ ଭୋଗ ହୁଏ। ପୁଣି ଏହି ଦିନରେ କୋଲକାତାର କାଳୀ୦୦୦୦ଘାଟ ମନ୍ଦିର ଓ ଗୁଆହାଟୀର କାମାକ୍ଷା ମନ୍ଦିରରେ କାଳୀ ମାତାଙ୍କୁ ଲକ୍ଷ୍ମୀ ଭାବେ ପୂଜା କରାଯାଏ। ନରକ ଚତୁର୍ଦ୍ଦଶୀରେ ଯମରାଜଙ୍କୁ ପୂଜା କରାଯାଇଥାଏ । ବଳିଙ୍କ ଭକ୍ତିରେ ପ୍ରସନ୍ନ ହୋଇ ବାମନ





ଭଗବାନ ତାଙ୍କୁ ତିନୋଟି ବର ମାଗିବାକୁ କହିଥିଲେ । କାର୍ତ୍ତିକ କୃଷ୍ଣପକ୍ଷ ତ୍ରୟୋଦଶୀ ଦିନ ଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ନରକ ଚତୁର୍ଦ୍ଦଶୀରେ ଦୀପଦାନ କରୁଥିବା ବ୍ୟକ୍ତିକୁ ଯମଯାତନା ମିଳିବ ନାହିଁ, ଲକ୍ଷ୍ମୀ ଛାଡ଼ି ଯିବେ ନାହିଁ ଏବଂ ସର୍ବଦା ତାଙ୍କ ଉପରେ ଭଗବାନ ବିଷ୍ଣୁଙ୍କ କୃପା ରହିବ । ବାମନ ଭଗବାନଙ୍କ ଆଶୀର୍ବାଦ କ୍ରମେ ଏହି ଦିନ ନରକ ଚତୁର୍ଦ୍ଦଶୀ ନାମରେ ଖ୍ୟାତ ହେଲା । ଏହି ପବିତ୍ର ତିଥିରେ ଯମରାଜ ଏବଂ ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବା ପାଇଁ ଦୀପ ଜଳାଯାଇଥାଏ । ଏହି ଦିନ ଯମରାଜଙ୍କ ପୂଜା କରୁଥିବା ବ୍ୟକ୍ତି ନରକ ଯାତନା ଭୋଗେ ନାହିଁ ବୋଲି ପୁରାଣରେ ବର୍ଣ୍ଣିତ ରହିଛି । ଆଉ ଏକ ଆଖ୍ୟାନ ଅନୁଯାୟୀ ନରକ ଚତୁର୍ଦ୍ଦଶୀ ଦିନ ଭଗବାନ କୃଷ୍ଣ ନରକାସୁରର ବଧ କରିଥିଲେ ଏବଂ ତା'କବଳରୁ ୧୬ ହଜାର ୧୦୦ କନ୍ୟାଙ୍କୁ ମୁକୁଳାଇଥିଲେ । ନରକ ଚତୁର୍ଦ୍ଦଶୀ ଦିନକୁ ମହାରାଷ୍ଟ୍ର, ରାଜସ୍ଥାନ ଏବଂ ଗୁଜରାଟରେ କାଳୀ ଚୌଦସ୍ ନାମରେ ପାଳନ କରାଯାଏ । ଗୋଆରେ ଏହି ଦିନ ନର୍କାସୁରର ପ୍ରତିମା ନିର୍ମାଣ କରାଯାଇ ଜଳାଯାଇଥାଏ । ବଙ୍ଗରେ ଏହି ପର୍ବ କାଳୀ ଚୌଦସ ବା ଦେବୀ କାଳୀଙ୍କ ଜନ୍ମ ଦିବସ ରୂପରେ ପାଳନ କରାଯାଇଥାଏ । ନରକ ଚତୁର୍ଦ୍ଦଶୀରେ ମୃତ୍ୟୁର ଦେବତା ଯମରାଜା, ମା'କାଳୀ, ଭଗବାନ ହନୁମାନ, ଦେବୀ ଲକ୍ଷ୍ମୀ, ଭଗବାନ ବିଷ୍ଣୁଙ୍କ ପୂଜା କରାଯାଏ । ଏହି ପର୍ବ ଦିନ ସନ୍ଧ୍ୟାରେ ଦକ୍ଷିଣ ଦିଗକୁ ତିଳ ବା ରାଶି ତେଲରେ ଦୀପ ଜାଳିଲେ ଅକାଳ ମୃତ୍ୟୁ ଯୋଗ କଟିଥାଏ ବୋଲି ବିଶ୍ୱାସ ରହିଛି। ଏହି ଦିନ ଭଗବାନ କୃଷ୍ଣଙ୍କ ପୂଜା କରିବାର ମଧ୍ୟ ବିଧି ରହିଛି ।

- ଅଜୟ କୁମାର ବେହେରା
ମୋ : ୯୪୩୭୦୩୧୨୫୩

## ସଫଳତାର ଜୀବନ ସୂତ୍ର



ସାଧାରଣତଃ ଜୀବନରେ ସଫଳତା ପାଇବା ପାଇଁ ବହୁତ ପରିଶ୍ରମ କରିବାକୁ ପଡିଥାଏ । କଠିନ ପରିଶ୍ରମ ବିନା କୌଣସି ସଫଳତା ସିଡ଼ି ଚଢି ହୁଏ ନାହିଁ। ସଫଳତା ମିଳିଲେ କେବଳ ଧନ ହିଁ ନୁହେଁ ବ୍ୟକ୍ତିର ଦକ୍ଷତା, ଆତ୍ମବିଶ୍ୱାସ ଏବଂ ଲୋକପ୍ରିୟତା ମଧ୍ୟ ବଢିଥାଏ । ସଫଳତାର ଚାବି କହୁଛି ଯେଉଁମାନେ ଭଲ ଜ୍ଞାନ ଏବଂ ଭଲ ସଂଗତ ଉପରେ ଗମ୍ଭୀର ରୁହନ୍ତି, ସେମାନେ ସର୍ବଦା ସଫଳତା ପାଇଥାନ୍ତି ଏବଂ ସମ୍ମାନ ମଧ୍ୟ ପାଆନ୍ତି । ଯଦି ତୁମେ ଜୀବନରେ ସଫଳ ହେବାକୁ ଚାହୁଁଛ ତେବେ ଏହି ଜିନିଷଗୁଡ଼ିକୁ କେବେ ହେଲେ ଅଣଦେଖା କରନ୍ତୁ ନାହିଁ । ତେବେ ସଫଳତାର ସିଡ଼ି ଆପଣାଇବାକୁ ହେଲେ ଜାଣନ୍ତୁ ସେହି ଗୁଡିକ ବିଷୟରେ

**ଯୋଗ୍ୟ ହୁଅ, ସବୁବେଳେ କିଛି ନୂଆ ଶିଖ:**

ସଫଳତାର ଚାବି କହୁଛି ଜୀବନରେ ସଫଳତା ସେହିମାନଙ୍କ ପାଇଁ ଆସିଥାଏ ଯେଉଁମାନେ ସର୍ବଦା ଶିକ୍ଷା ଗ୍ରହଣ କରିବାକୁ ପ୍ରସ୍ତୁତ ଥାନ୍ତି । ଏହିପରି ଭାବରେ ଲୋକମାନେ ସର୍ବଦା କିଛି ନୂଆ ଶିଖନ୍ତି । ଜ୍ଞାନ ଆହରଣ ପାଇଁ ସର୍ବଦା ପ୍ରସ୍ତୁତ ରହିଥାନ୍ତି । କହିବାକୁ ଗଲେ ଶିକ୍ଷା ପାଇବା ପାଇଁ କୌଣସି ବୟସ ନଥାଏ । ଜ୍ଞାନ ଆହରଣ କରିବାକୁ ହେଲେ ଜଣେ ଆତ୍ମବିଶ୍ୱାସ ରହିବା ଆବଶ୍ୟକ । ଯେତେବେଳେ ଜଣେ ବ୍ୟକ୍ତି ସଂପୂର୍ଣ୍ଣ ରୂପେ ସ୍ଥିର ହୁଏ, ସେତେବେଳେ କେହି ତାଙ୍କୁ କିଛି ଶିଖିବାକୁ ଅଟକାଇ ପାରିବେ ନାହିଁ ।

**ରୀତିନୀତି ଏବଂ ସଂଗତ ପ୍ରତି ଧ୍ୟାନ ଦେବାକୁ ନିଶ୍ଚିତ ହୁଅନ୍ତୁ:**

ସଫଳତାର ଚାବି କହେ ଯେ ମୂଲ୍ୟବୋଧ ଏବଂ ସଂଗତର ଭଲ ହେଲେ ଶିକ୍ଷାର ଗୁରୁତ୍ୱ ମଧ୍ୟ ରହିଥାଏ । ସଂସ୍କୃତ ମାଧ୍ୟମରେ ହିଁ ଶିକ୍ଷାକୁ କିପରି ବ୍ୟବହାର କରାଯିବ ସେଥିପାଇଁ ପ୍ରେରଣା ମିଳିଥାଏ । ସଂଗତ ସହ ସଫଳତାର ରାସ୍ତା ସହଜ ହୋଇଯାଏ ।

**ସର୍ବଦା ଭଲ କାର୍ଯ୍ୟ କର:**

ସଫଳତାର ଚାବି କହେ ଯେ ଜଣେ ସର୍ବଦା କଠିନ ପରିଶ୍ରମ କରିବାକୁ ପ୍ରସ୍ତୁତ ହେବା ଉଚିତ । ଉଚିତ ଫଳ ବିଷୟରେ ଚିନ୍ତା କରନ୍ତୁ ନାହିଁ । ଯଦି କାମଟି ଭଲ, ତେବେ ଏହାର ଭଲ ଫଳାଫଳ ମିଳିବ । ମଣିଷର କଲ୍ୟାଣ ପାଇଁ ଜଣେ ସର୍ବଦା ଗମ୍ଭୀର ହେବା ଉଚିତ। ତୁମେ ଯାହା ବି କାମ କର, ଅନ୍ୟମାନଙ୍କୁ କେତେ ଲାଭ ମିଳିବ ଏହା ଉପରେ ଚିନ୍ତା କରିବା ଉଚିତ।

**ଏହିସବୁ ଲୋକମାନଙ୍କ ଠାରୁ ଦୂରରେ ରୁହନ୍ତୁ:**

ସଫଳତାର ଚାବି କହୁଛି ଯେ ଜଣେ ତାଙ୍କ ସଂଗତ ପ୍ରତି ଯତ୍ନବାନ ହେବା ଉଚିତ। ଖରାପ ସଂଗତ ହେତୁ ଜଣେ ଦକ୍ଷ ବ୍ୟକ୍ତି ମଧ୍ୟ ନିଜ ପ୍ରତିଭାର ପୂର୍ଣ୍ଣ ଲାଭ ଅନ୍ୟମାନଙ୍କୁ ଦେବାରେ ସକ୍ଷମ ହୁଅନ୍ତି ନାହିଁ । ଏଥିପାଇଁ ଖରାପ ସଂଗତ ସର୍ବଦା ପରିତ୍ୟାଗ କରାଯିବା ଉଚିତ । ଏହି ପ୍ରକାର ବ୍ୟକ୍ତି ସମସ୍ତ ପ୍ରକାର ପ୍ରତିଭାକୁ ନଷ୍ଟ କରିଥାଏ । ବ୍ୟକ୍ତିଙ୍କୁ ଲକ୍ଷ୍ୟରୁ ବିଚ୍ୟୁତ କରେ ।

# କେନ୍ଦୁଝର ସହରର ମାଷ୍ଟର ଡ୍ରେନ୍ ନିର୍ମାଣ ପାଇଁ ସର୍ଭେ

କେନ୍ଦୁଝର,(ନିପ୍ର): କେନ୍ଦୁଝର ସହରରେ ଡ୍ରେନ ବ୍ୟବସ୍ଥା ନ ଥିବାରୁ ବର୍ଷା ଦିନେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ପାରମ୍ପରିକ ଜଳସ୍ରୋତକୁ ଅବରୋଧ କରିବା ସହ ଡ୍ରେନେଜ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ନ ଥିବାରୁ ଅନେକ ୱାର୍ଡରେ ବର୍ଷା ଦିନେ ଲୋକ ଜଳବନ୍ଦୀ ହୋଇ ରହୁଛନ୍ତି । ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ରାସ୍ତାଘାଟରେ ଯାଉଥିବାବେଳେ ସାହିବସ୍ତିରେ ଲୋକଙ୍କ ଘରେ ପାଣି ପଶୁଛି । ସହରର ପ୍ରମୁଖ ତଥା ସମ୍ବେଦନଶୀଳ ଅଞ୍ଚଳମାନଙ୍କରେ ଆଣ୍ଠୁଏ ଉଚ୍ଚର ପାଣି ଚାଲୁଥିବାବେଳେ ସାଧାରଣ ଲୋକଙ୍କର ଦୁର୍ଦ୍ଦଶା ବଢିବାରେ ଲାଗିଛି । ଅନେକ ୱାର୍ଡରେ ବର୍ଷା ଓ ନର୍ଦ୍ଦମା ଜଳ ନିଷ୍କାସନର କୌଣସି ବ୍ୟବସ୍ଥା ନ ଥିବାରୁ ବହୁ ଲୋକ ଏକ ପ୍ରକାର ଜଳବନ୍ଦୀ ହୋଇ ରହୁଛନ୍ତି । କେନ୍ଦୁଝର ସହରର ଲୋକସଂଖ୍ୟା ହିସାବରେ ସହରର କଳେବର, କିନ୍ତୁ ବୃଦ୍ଧି ପାଇନାହିଁ । ସୀମିତ ସ୍ଥାନରେ ଦୋକାନ ବଜାର ସାଙ୍ଗକୁ ଘରଦ୍ୱାର ଗଢି ଉଠିଛି । ସେହିପରି ସହରରେ ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନ ଥିବାରୁ ସାମାନ୍ୟ ବର୍ଷା ହେଲେ ଲୋକଙ୍କ ଘରେ ପାଣି ପଶୁଛି । ରାସ୍ତାରେ ବର୍ଷା ପାଣି ଲହଡି ମାରୁଛି। ଲଗାଣ ବର୍ଷା ହେଲେ ଲୋକ ଜଳବନ୍ଦୀ ହେବା ସହ ମୋଟର ଲଗାଇ ଜଳ ନିଷ୍କାସନ କରିବାକୁ ପଡୁଛି । ଏହି ସମସ୍ୟାର ସମାଧାନ ପାଇଁ ସହରବାସୀ ସହରର ଏକ ମୁଖ୍ୟ ଡ୍ରେନ୍ ନିର୍ମାଣ ପାଇଁ ଦାବି କରି ଆସୁଥିଲେ । କେନ୍ଦୁଝର ସହରର ସୌନ୍ଦର୍ଯ୍ୟ ବୃଦ୍ଧି ଓ ଅତି ଆବଶ୍ୟକ



ମାଷ୍ଟର ଡ୍ରେନ ଅଭାବରୁ ଜଳ ନିଷ୍କାସନ ପାଇଁ ବିଳମ୍ବରେ ହେଲେ ମଧ୍ୟ କେନ୍ଦୁଝରଗଡ ପୌରପାଳିକା ମୁଖ୍ୟ ଡ୍ରେନ୍ ନିର୍ମାଣ ପାଇଁ ଡିଜିପିଏସ୍ ସର୍ଭେ ଆରମ୍ଭ ହୋଇଛି । ଡ୍ରେନ ମାଧ୍ୟମରେ ଏହି ସର୍ଭେ କରାଯାଉଛି । ୧୫ଦିନ ମଧ୍ୟରେ ସର୍ଭେ କାର୍ଯ୍ୟ ସରିବ ବୋଲି କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ କୁମର ନାୟକ ପ୍ରକାଶ କରିଛନ୍ତି। କେନ୍ଦୁଝର ସହରରେ କିପରି ମୁଖ୍ୟ ଡ୍ରେନ୍ ସଫଳ ଭାବେ ହେବ ସେ ନେଇ ଯୋଜନା ପ୍ରସ୍ତୁତ କରାଯିବ । ଏହି ଯୋଜନା ସଫଳ ହେଲେ କେନ୍ଦୁଝର ସହର ସମସ୍ତ ଡ୍ରେନ୍ ମୁଖ୍ୟ ଡ୍ରେନ୍ ସହ ଯୋଡି ହେବେ । ବର୍ଷା ପାଣି ଓ ଘରୁ ବାହାରୁ ଥିବା ମଇଳା ପାଣି ସହଜରେ ନିଷ୍କାସିତ ହେବ । ମାଷ୍ଟରପ୍ଲାନ ଅନୁଯାୟୀ ମୁଖ୍ୟ ଡ୍ରେନ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି । ମାଷ୍ଟରପ୍ଲାନ ମୁତାବକ ପ୍ରାଥମିକ ପର୍ଯ୍ୟାୟରେ ୨୧ଟି ୱାର୍ଡ ଏବଂ ଏହାର ସନ୍ନିକଟ ଅଂଚଳରେ ପ୍ରାୟ ୨୬ ବର୍ଗ କିଲୋମିଟରରେ ଡ୍ରେନ ସର୍ଭେ କାମ ଆରମ୍ଭ ହୋଇଛି । ଏହାପରେ ଡିଜାଇନ ପ୍ରସ୍ତୁତ ହୋଇ ଡିପିଆର ଏବଂ ଏଷ୍ଟିମେଟ ପ୍ରସ୍ତୁତ ହେବ । ବହୁ ପ୍ରତୀକ୍ଷିତ ମାଷ୍ଟର ଡ୍ରେନ ହେଲେ କେନ୍ଦୁଝର ସହରର ଜଳ ନିଷ୍କାସନ ସମସ୍ୟା ଦୂର ହେବ ବୋଲି ନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି ।

## ପୋଷଣ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ପରିବେଷଣ ସହ ପ୍ରଦର୍ଶନୀ

କାଶୀନଗର,(ନିପ୍ର): କାଶୀନଗର ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜେ.ନର୍ମଦା ଦାସ, ମୁଖ୍ୟବକ୍ତା ଭାବେ ସମାଜସେବୀ ହୃଷିକେଶ ଗୌଡ଼, ସୁପେରଭାଇଜର ପଦ୍ମାବତୀ ନାଗବଂଶ, ଇନ୍ଦିରା ପଣ୍ଡା, ଶିକ୍ଷକ ଭୁବନେଶ୍ୱର ବେହେରା ପ୍ରମୁଖ ମଞ୍ଚାସୀନ ହୋଇ ଉପଯୁକ୍ତ ପୋଷଣ ଶିଶୁକୁ ନୀରୋଗ ରଖିବା ସହିତ ତାହାର ମାନସିକ ବିକାଶ ସହ ସୁସ୍ଥତା ବଜାୟ ରଖିବାରେ ସହାୟକ ହୋଇଥାଏ। ସେଥିପାଇଁ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସରୁ ଅକ୍ଟୋବର ମାସ ଯାଏଁ ଏକ ମାସ ଧରି ପୋଷଣ ମାସର ଆୟୋଜନ ହୋଇଥାଏ। ଏହାଦ୍ୱାରା ଉପଯୁକ୍ତ ପୋଷଣ ସମ୍ପର୍କରେ ସଚେତନ ସୃଷ୍ଟି ସହ ଏହାକୁ ଯେପରି ଲୋକାଭିମୁଖୀ କରାଯିବା ସେଥିପାଇଁ ବ୍ୟବସ୍ଥା ହୋଇଥାଏ ବୋଲି ବକ୍ତବ୍ୟ ରଖିଥିଲେ।

ଏହି ପୋଷଣ ମେଳାରେ ବ୍ଲକର ଅଙ୍ଗନବାଡି କେନ୍ଦ୍ର ମାନଙ୍କର ମହିଳାମାନେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ଯାହାକି ଦେହକୁ ହିତକର ହେବ ସେ ସବୁ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। ପୋଷଣ ମାସ ଉପଲକ୍ଷେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ହୋଇଥିବା ପ୍ରତିଯୋଗିତାରେ କୃତୀମାନଙ୍କୁ ମାନପତ୍ର ଓ ପୁରସ୍କାର ଦିଆଯାଇଥିଲା।

## ସ୍ମୃତି ସଂସଦ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

ଭଦ୍ରକ,(ନିପ୍ର): ବନ୍ତ ବ୍ଲକ ସେଣ୍ଡତିରା ପଂଚାୟତ ବିଂଝା ଗ୍ରାମରେ ସ୍ୱର୍ଗତ ଗୌରାଙ୍ଗ ମହକୁଡଙ୍କ ସ୍ମୃତି ସଂସଦ ପକ୍ଷରୁ ତୃତୀୟ ବାର୍ଷିକ ସ୍ମୃତି ଚାରଣ ସଭା ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ୍ ଜଗନ୍ନାଥ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ବିଧାନସଭା ନେତା ଡ.ସୁଧାଂଶୁ ନାୟକ, ଅବସର ପ୍ରାପ୍ତ ଶିକ୍ଷାବିତ ପିତାମ୍ବର ପହି,ଭଦ୍ରକ ଜିଲ୍ଲା ଓଷ୍ଟା ସମ୍ପାଦକ ଉପେନ୍ଦ୍ର କୁମାର ବିଶ୍ୱାଳ,ଶିଶୁ ସାହିତ୍ୟିକ ତଥା ଶିକ୍ଷାବିତ ଗୋବିନ୍ଦ ଚନ୍ଦ୍ର ବାରିକ,ଶିକ୍ଷାବିତ କୃଷ୍ଣଚନ୍ଦ୍ର ପଣ୍ଡା,ଓଷ୍ଟା ରାଜ୍ୟ ଯୁଗ୍ମ ସମ୍ପାଦକ ପ୍ରଣୟ କୁମାର ସିଂହ,ଅବସର ପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷାଅଧିକାରୀ ପୁରୁଷୋତ୍ତମ ଧଳ,ପୁରସ୍କାର ପ୍ରାପ୍ତ ଶିକ୍ଷାବିତ ଖଗେଶ୍ୱର ପଣ୍ଡା,ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଅଲେଖ ଚନ୍ଦ୍ର ନାୟକ,ଶିକ୍ଷାବିତ ରତ୍ନାକର ଦାସ,ନିରାକାର ଧଳ,ଘନଶ୍ୟାମ ସ୍ୱାଇଁ,ରୋହିତ କୁମାର ଜେନା ପ୍ରମୁଖ ଯୋଗ ଦେଇ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ଶିକ୍ଷାବିତ ପିତାମ୍ବର ପହିଙ୍କୁ ମାନପତ୍ର ଓ ଉପଢ୍ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। କାଳନ୍ଦୀ ଚରଣ ଜେନା ଓ ଶ୍ରୀରାମ ସେଠୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶିଶୁ ମହୋତ୍ସବ ‘ସୁରଭି’

ଡାବୁଗାଁ,(ନିପ୍ର): ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’-୨୦୨୫ ଡାବୁଗାଁ ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ ଠାରେ ସମାରୋହରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରସନ୍ନ କୁମାର ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରାଧନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ନିହାଲଙ୍କ ସହ ଡାବୁଗାଁ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନସ୍ଥ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଶିକ୍ଷକ ରତିକାନ୍ତ ନାୟକ। ଏଥିରେ ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ, ବକ୍ତୃତା, ସଙ୍ଗୀତ, ସୃଜନ ଲିଖନ, ଶ୍ରୁତଲିଖନ ଓ ହସ୍ତାକ୍ଷର,ଏବଂ ମଧ୍ୟାହ୍ନ ଭୋଜନ ପରେ ଆର୍ଟ ଓ ନୃତ୍ୟ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ପ୍ରସଙ୍ଗ ହେଉଛି ‘ଓଡିଶାର ଲୋକକଳା’ । ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବରିଷ୍ଠ, କନିଷ୍ଠ, ଉପକନିଷ୍ଠ ଓ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ମାନପାତ୍ର ସହ ଟ୍ରଫି ପୁରସ୍କୃତ କରାଯାଇ ଥିଲା। ଶିକ୍ଷକମାନଙ୍କ ସହ ଏହା ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରୀମାନେ ଉପସ୍ଥିତ ଥିଲେ।

## ଶିଶୁବାଟିକା ଶିଶୁମାନଙ୍କ ଦମକଳ କେନ୍ଦ୍ର ପରିଦର୍ଶନ

ଛତ୍ରପୁର,(ନିପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଶିଶୁ ବାଟିକା ଶିଶୁମାନଙ୍କ ନିକଟସ୍ଥ ଦମକଳ କେନ୍ଦ୍ର ପରିଦର୍ଶନ କରିଥିଲେ । କାର୍ଯ୍ୟକ୍ରମ ବିଦ୍ୟାଳୟର ଶିଶୁ ବାଟିକା ଶୈକ୍ଷିକ ସଂଯୋଜିକା ବି ସୁଶୀଳାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦମକଳ କେନ୍ଦ୍ରର ଅଧିକାରୀଙ୍କ ସହଯୋଗରେ ଶିଶୁମାନେ ସେଠାରେ ଅତ୍ୟାଧୁନିକ ଯନ୍ତ୍ରାଂଶ ସହିତ କର୍ମଚାରୀଙ୍କ ନିଆଁଲିଭାର କୌଶଳ ଓ ହଠାତ ଘଟିଯାଇଥିବା ଦୁର୍ଘଟଣାରେ ଆହତଙ୍କ ତୁରନ୍ତ ସହଯୋଗ କରିବା ନମୁନା ଦେଖାଇଥିଲେ। ଶେଷରେ ଦମକଳ କେନ୍ଦ୍ରର ସହଯୋଗ ପାଇଁ ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର



ନାଥ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ବାଟିକା ଶ୍ରେଣୀର ଶିଶୁମାନଙ୍କ ସହିତ କାର୍ଯ୍ୟକ୍ରମରେ ସମସ୍ତ ଆଚାର୍ଯ୍ୟା ଉପସ୍ଥିତ ଥିଲେ।

## ବଡ଼ବଡୁଆ ପାଇଁ ଅଭାବ ପଡ଼ିଲାଣି କାଉଁରିଆ

ହିଞ୍ଜିଳିକାଟୁ,(ନିପ୍ର): ଆଉ ମାତ୍ର ଦିନକ ପରେ ପରେ ଆସୁଛି ଆଲୋକର ପର୍ବ ଦୀପାବଳି । ସୋମବାର ସବୁଠି ପାଳନ ହେବ ଆଲୋକର ପର୍ବ ଦୀପାବଳି । ଏହି ଦିନ ଓଡ଼ିଆଙ୍କ ଚିରାଚରିତ ପର୍ବ ଭାବେ ଗାଁ ଗଣ୍ଡାରୁ ପିଠାପଣା କରି ବଡ଼ ବଡୁଆଙ୍କୁ ଘର ଆଗରେ ଡ଼ାକିଥାନ୍ତି ପରିବାର ଲୋକେ । ଏକ ସଙ୍ଗରେ କାଉଁରିଆ କାଠିକୁ ଜଳାଇ ସପରିବାର ସହ ସାହି ପଡ଼ୋଶୀ ଓ ପରିଜନ ମିଶି ଡ଼ାକନ୍ତି ବଡ଼ ବଡୁଆ ହୋ ଅନ୍ଧାରରେ ଆସ, ଦୀପାବଳି ଆଲୋକ ଦେଖି ଆମକୁ ଆଲୋକିତ କର। କିନ୍ତୁ ଦୀପାବଳି ପୂର୍ବରୁ ଗାଁ ହାଟରେ ବଡ଼ ବଡୁଆଙ୍କୁ ଡ଼ାକିଆ ପାଇଁ ଆଉ କାଉଁରିଆ କାଠ ଆଗ ଭଳି ମିଳୁନାହିଁ । କାରଣ ନଳିତା ଚାଷ ପୂର୍ବ ଭଳି ଗାଁରେ ଚାଷୀ କରୁନାହାନ୍ତି। ସମସ୍ତେ ଧାନ ଓ ପରିବା ଚାଷ ପାଇଁ ମୁହାଁଉଛନ୍ତି । ଯେଉଁଥି ପାଇଁ ଚଳିତ ଦୀପାବଳିରେ ଗାଁ ଗଣ୍ଡାରେ ବଡ଼ ବଡୁଆଙ୍କୁ ଡ଼ାକିବା ପାଇଁ କାଉଁରିଆ କାଠି ବା ନଳିତା କାଠି ମିଳୁନାହିଁ। ୪ଟି କାଠି ବିଶିଷ୍ଟ ଗୋଟିଏ ବିଡ଼ାକୁ ୧୫ ରୁ ୨୦ ଟଙ୍କାରେ ବିକ୍ରି ହେଉଛି । ହିଞ୍ଜିଳିକାଟୁ ବ୍ଲକରେ ନଳିତା ଚାଷର ପ୍ରସାର ପାଇଁ ବ୍ୟାପକ ଭିତ୍ତିଭୂମି ଥିଲେ ମଧ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ଯୋଗୁଁ ଏହି ଚାଷର ବିକାଶ ଆଶାନୁରୂପ ହୋଇପାରୁନ ଥିବା କୁହାଯାଉଛି। ହିଞ୍ଜିଳିକାଟୁ ବ୍ଲକର ବୁରୁପୋଡ଼ା, ଖଣ୍ଡରା, ଚାନ୍ଦୁଲି, ଆଳପୁର, ଖରିଡ଼ା, ବଳରାମପୁର, ଶାସନଆମ୍ବଗାଁ ଆଦି ଅଞ୍ଚଳରେ ନଳିତା ଚାଷ ପାଇଁ ବ୍ୟାପକ ଭିତ୍ତିଭୂମି ରହିଛି । ନଦୀ ଉପକୂଳବର୍ତ୍ତୀ ଉପରୋକ୍ତ ଅଞ୍ଚଳରେ ପୂର୍ବରୁ ଚାଷୀମାନେ ନଳିତା ଚାଷ କରି ଗୁଜରାଣ ମେଣ୍ଟାଉଥିବା ବେଳେ ବର୍ତ୍ତମାନ ଚାଷୀମାନେ ଧାନ ଓ ପନିପରିବା ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ନଳିତା ଚାଷୀମାନଙ୍କୁ ସରକାରଙ୍କ



ପକ୍ଷରୁ ଆବଶ୍ୟକ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଗଲେ ପୂର୍ବପରି ନଳିତା ଚାଷ ପ୍ରତି ଆଦର ରହିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

## ପଥର କ୍ରସର ବନ୍ଦ ଆନ୍ଦୋଳନ ଚାଲୁ ରହିଛି

ଛତ୍ରପୁର,(ନିପ୍ର): ପଥର କ୍ରସର ବନ୍ଦ ଆନ୍ଦୋଳନକୁ ଶନିବାର ୧୦ ଦିନରେ ପହଞ୍ଚି ଥିବା ବେଳେ ଆନ୍ଦୋଳନକାରୀଙ୍କ ଗୁହାରି ଶୁଣିବାକୁ କେହି ନାହାନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଆବଶ୍ୟକ ପଡିଲେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ଆନ୍ଦୋଳନ କାରୀମାନେ ଚେତାବନୀ ଦେଇଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ଜିଲ୍ଲାର ସଦର ମହକୁମା ଛତ୍ରପୁର ବ୍ଲକ ଅନ୍ତର୍ଗତ ଚିକଲଖଣ୍ଡି ପଞ୍ଚାୟତର ଝର ପୋଖରୀ ଗ୍ରାମରେ ଥିବା ଓଁ ସାଇ ପଥର କ୍ରସ କେନ୍ଦ୍ରରେ। ବନ୍ଦ କରିବା ଦାବିକୁ ୧୦ ଦିନ ପୂରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିବା ଘଟଣା ଏବେ ସାରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । କାହା ଚାପରେ ପ୍ରଶାସନ ଚୁପ୍ ହୋଇ ବସିଛି ବୋଲି ପଶ୍ନ କରିଛନ୍ତି ଗ୍ରାମବାସୀମାନେ । ଝର ପୋଖରୀ ଗ୍ରାମରେ ଥିବା ପଥର କ୍ରସର ବନ୍ଦ କରିବା ଲାଗି ଦୀର୍ଘ ୧୦ ଦିନ ଧରି ଆନ୍ଦୋଳନରେ ବସି ରହିଛନ୍ତି ଗ୍ରାମବାସୀମାନେ । ପଥର କ୍ରସରରେ ପଥର



ବ୍ଲାଷ୍ଟିଂ ଯୋଗୁଁ ଗ୍ରାମର ଘର ଗୁଡିକର କାନ୍ଥରେ ଫାଟ ସୃଷ୍ଟି ହେଉଛି । ଏପରିକି, ଗ୍ରାମରେ ପିଲାଙ୍କ ପାଠ ପଢା ପାଇଁ ଉଦ୍ଦିଷ୍ଟ ଥିବା ସ୍କୁଲର କାନ୍ଥ ଗୁଡିକ ମଧ୍ୟ ଫାଟ ସୃଷ୍ଟି ହେଲାଣି । ଯାହାକୁ ନେଇ ଭୟଭୀତ ଅବସ୍ଥାରେ ଅଛନ୍ତି ଗ୍ରାମବାସୀମାନେ । ସେହିପରି ଗ୍ରାମକୁ ସଂଲଗ୍ନ ହୋଇଥିବା ରାସ୍ତା ଗୁଡିକ ମଧ୍ୟ ବଡ ଧରଣର ଯାନ ବାହନ ଚଳାଚଳ ଯୋଗୁଁ ନଷ୍ଟ ହେବାରେ ଲାଗିଲାଣି । ଏଣୁ ଉକ୍ତ କ୍ରସରକୁ ବନ୍ଦ କରିବା ଲାଗି ଗ୍ରାମବାସୀମାନେ ଦାବି କରିଛନ୍ତି । ଦୀର୍ଘ ୧୦ ଦିନ ଧରି ଗ୍ରାମର ଛୋଟ ପିଲାଠାରୁ ବୁଢା ପର୍ଯ୍ୟନ୍ତ ସମସ୍ତ ବର୍ଗର ଲୋକ ଖରା, ବର୍ଷା ଶୀତ କାକରକୁ ଖାତିର ନ କରି ଅହୋରାତ୍ର ଧାରଣାରେ ବସି ରହିଥିଲେ ମଧ୍ୟ ସେମାନଙ୍କ ଗୁହାରି ବୁଝିବାକୁ କିଏ ବୋଲି ସାଧାରଣ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି, ସେଠାରେ ହିଁ ରୋଷେଇ କରି ସେମାନେ ଖାଇ ପିଇ ବସି ରହୁଛନ୍ତି । ଅନ୍ୟପଟେ ଛତ୍ରପୁର ତହସିଲଦାର, ମାଇନିଂ ଅଫିସର ପ୍ରମୁଖ ପହଂଚି ତଦନ୍ତ ସିନା କରୁଛନ୍ତି ହେଲେ ପଥର କୁଆଁରୀ ବନ୍ଦ କରିବା ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି।

## ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ଛତ୍ରପୁର,(ନିପ୍ର): ଗଞ୍ଜାମ ଜିଲ୍ଲା ଗଞ୍ଜାମ ବ୍ଲକ ହୁମ୍ମା ଗ୍ରାମ ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିବା ପାଇଁ ଛତ୍ରପୁର ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ନାଏବ ସରପଞ୍ଚଙ୍କ ସମେତ ୧୫ ଜଣ ୱାର୍ଡ ସଭ୍ୟ/ସଭ୍ୟା । ହୁମ୍ମା ପଞ୍ଚାୟତର ସରପଞ୍ଚ ଜାନକୀ ଦାସଙ୍କ ମନମୁଖି ଓ ବେଆଇନ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ତାଙ୍କ ଉପରେ ୱାର୍ଡ ସଭ୍ୟ/ସଭ୍ୟାମାନେ ଆସ୍ଥା ହରାଇ ଏହି ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା କହିଛନ୍ତି । ସରକାରଙ୍କ ସିଏଫସି ଓ ଏସଏଫସି ଯୋଜନା ମାଧ୍ୟମରେ ଗ୍ରାମ ପଞ୍ଚାୟତକୁ ଆସୁଥିବା ଅନୁଦାନ ରାଶି ବିନିମୟରେ ଅନୁମୋଦିତ ପ୍ରକଳ୍ପ ଗୁଡିକୁ ବ୍ୟୟ ଅଟକଳ ମୁତାବକ ନ କରି ସରପଞ୍ଚ ତାଙ୍କ ସମର୍ଥକଙ୍କ ଦ୍ୱାରା ନିମ୍ନମାନର କାମ କରି ଲକ୍ଷଲକ୍ଷ ଟଙ୍କାର ଅର୍ଥ ହେରଫେର କରିଥିବା ଅଭିଯୋଗ ହେଉଛି। ସେହିପରି ଏନଆରଇଜିଏସ ମାଧ୍ୟମରେ ଆସୁଥିବା ଅନୁଦାନକୁ ବ୍ୟାପକ ଅନିୟମିତତା କରି ଲକ୍ଷଲକ୍ଷ ଟଙ୍କା ସରପଞ୍ଚ ହରିଲୁଟ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମପଞ୍ଚାୟତର ନାଏବ ସରପଞ୍ଚଙ୍କ ସମେତ ୱାର୍ଡ ସଭ୍ୟ/ସଭ୍ୟାମାନେ ଛତ୍ରପୁର ଉପଜିଲ୍ଲାପାଳଙ୍କ ନିକଟରେ ସରପଞ୍ଚ ଜାନକୀ ଦାସଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଛନ୍ତି ।

## ବେଆଇନ କେନ୍ଦୁପତ୍ର ଚୋରାଚାଲାଣ, ଜଣେ ଗିରଫ

ରେଢ଼ାଖୋଲ,(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ବଂଶାଜାଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାରବାଙ୍କ ଗାଁ ରୁ ଗତ ଶୁକ୍ରବାର ଚଢ଼ାଉ କରି ୩୨୪ ବଣ୍ଡଲ୍ କେନ୍ଦୁପତ୍ର ବିଡା ସହ ଏକ ୬ଚକିଆ ଯାନ (ଓଆର୍ ୧୬ସି ୦୯୧୧) ଗାଡ଼ି ଜବତ୍ କରିଛି ବନବିଭାଗର ସ୍ୱତନ୍ତ୍ର ସ୍କ୍ୱାର୍ଡ । ଏନେଇ ଚାଲାଣକାରୀଙ୍କୁ ଗିରଫ କରିଛି ବନବିଭାଗ। ଗିରଫ ଜଣକ ହେଲେ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ଅନ୍ତର୍ଗତ ବେତଗଡ ଗାଁର ଲିଙ୍ଗରାଜ ପ୍ରଧାନ ।
ସୂଚନାଯୋଗ୍ୟ ଯେ ବେଆଇନ କେନ୍ଦୁପତ୍ର ବୋଝେଇ ହୋଇ ଏକ ଗାଡିରେ ଚୋରାଚାଲାଣ ହେଉଥିଲା । ଏନେଇ ବନବିଭାଗ ଖବରପାଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ ପୂର୍ବକ ଚୋରାଚାଲାଣ ହେଉଥିବା



କେନ୍ଦୁପତ୍ର, ଗାଡିକୁ ବାରବାଙ୍କ ଗାଁ ରୁ ଚଢ଼ାଉ କରି କେନ୍ଦୁପତ୍ର ଓ ଚାଲାଣକାରୀଙ୍କୁ ଗିରଫ କରିଥିଲେ । ସେପଟେ ଏହି କେନ୍ଦୁପତ୍ର ଚାଲାଣରେ କେଉଁମାନେ ସାମିଲ ଅଛନ୍ତି ଏନେଇ ଆହୁରି ତଦନ୍ତ ଜାରି ରଖିଛି ବନବିଭାଗ ।

## ଏମ୍‌କେସିଜି କର୍ମଚାରୀଙ୍କ କାର୍ଯ୍ୟବନ୍ଦ ସହ ଧାରଣା, ଚାରିଘଣ୍ଟା ରୋଗୀସେବା ବ୍ୟାହତ

ବ୍ରହ୍ମପୁର,(ନିପ୍ର): ବ୍ରହ୍ମପୁର ବଡ଼ ମେଡିକାଲ କଲେଜ ଓ ହସ୍ପିଟାଲ ବ୍ରହ୍ମପୁରରେ ନିୟୋଜିତ ଥିବା ସଂସ୍ଥାମାନେ ସଠିକ ସମୟରେ ଦରମା ଦେଇପାରୁ ନଥିବା କାରଣରୁ କର୍ମଚାରୀ ଅସନ୍ତୋଷ ଦେଖିବାକୁ ମିଳିଛି। ଆଗକୁ ଦୀପାବଳି ଥିବାବେଳେ କର୍ମଚାରୀମାନେ ଦରମା ନ ପାଇ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି କ୍ରମରେ ଏକ କେୟାରଟେକିଂ ଏକ୍ସପର୍ଟ ସର୍ଭିସେସ ସଂସ୍ଥା, ଭୁବନେଶ୍ୱର ଅଧୀନରେ କାର୍ଯ୍ୟ କରୁଥିବା ଶତାଧିକ ଆଟେଣ୍ଡାଣ୍ଟ କର୍ମଚାରୀ ସୁପରିଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ଫଳରେ ମେଡିକାଲରେ ଦୀର୍ଘ ଚାରି ପାଞ୍ଚ ଘଣ୍ଟା ଧରି



ରୋଗୀସେବା ବ୍ୟାହତ ହୋଇଥିଲା । ଘଟଣା ସ୍ଥଳକୁ ଏଜେନ୍ସି କର୍ତ୍ତୃପକ୍ଷ ଓ ପ୍ରଶାସନିକ ଅଧିକାରୀ ପହଞ୍ଚି ବୁଝାସୁଝା କରିଥିଲେ। ଦରମା ମିଳିବ ବୋଲି ପ୍ରତିଶ୍ରୁତି ମିଳିବାରୁ ଧାରଣା ହଟିଥିଲା ।
ସୂଚନାଯୋଗ୍ୟ ସମ୍ପୃକ୍ତ ଏଜେନ୍ସିକୁ କର୍ମଚାରୀମାନଙ୍କ ଦରମା ବାବଦକୁ ପ୍ରତିମାସର ଦଶ ତାରିଖ ସୁଦ୍ଧା ବିଲ୍ ପ୍ରଦାନ ପାଇଁ ନିର୍ଦ୍ଦେଶ ଥିବାବେଳେ ଏଥିରେ ଖିଲାପ ହେଉଥିବା ସଙ୍ଘ ଅଭିଯୋଗ କରୁଛି । କିନ୍ତୁ ମେଡିକାଲ ତରଫରୁ ଅଢେଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମିଳିବାକୁ ବାକି ଥିବାସହ ଗତ ଅଗଷ୍ଟ ମାସରୁ ମେଡିକାଲ ଆମକୁ ବିଲ୍ କ୍ଲିଅର କରି ନଥିବା ଏଜେନ୍ସି ଦାବି କରୁଛି । କିନ୍ତୁ ରେଜିଷ୍ଟ୍ରାରଙ୍କ କହିବା ପ୍ରକାରେ ଆମକୁ ଏ ପର୍ଯ୍ୟନ୍ତ ସଠିକ ବିଲ ନ ମିଳିଲେ ଆମେ ଦେଇ ପାରିବୁନି ଏ ବିଷୟରେ ଏଜେନ୍ସି ଆସି ଆଲୋଚନା କରିବା କୁହାଯାଇଛି । କିନ୍ତୁ ଏଜେନ୍ସି ଏକଥାକୁ ଗ୍ରହଣ କରୁନି କିମ୍ବା ଟେଣ୍ଡର ନିୟମ ଅନୁସାରେ ବିନା ବିଲ୍‌ରେ ମଧ୍ୟ ତିନିମାସ ପର୍ଯ୍ୟନ୍ତ ଦରମା ଦେବାକୁ ନିର୍ଦ୍ଦେଶ ଥାଇ ମଧ୍ୟ ଏଜେନ୍ସି ଏହି ନିୟମକୁ ଖିଲାପ କରାଯାଇଥିବା କୁହାଯାଉଛି। ବକେୟା ବର୍ଦ୍ଧିତ ଦରମା, ଇପିଏଫ /ଇଏସଆଇର ପୈଠ, ଏଜେନ୍ସିର ସ୍ଥାନୀୟ କାର୍ଯ୍ୟାଳୟ ଗଠନ ଓ ଦରମା ମିଳିବା ଦାବି ପୂରଣ ନ ହେଲେ ସଙ୍ଘ ପୁଣି ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଙ୍ଘ କର୍ମକର୍ତ୍ତା ଦାବି କରିଛନ୍ତି ଓ ଆଜିର କାର୍ଯ୍ୟକ୍ରମରେ ସଂଗଠନର ରାଜ୍ୟ ସଭାପତି ପ୍ରତାପ ପ୍ରଧାନ, ସଭାପତି ସି. ଏଚ ସୁନୀଲ ପାତ୍ର, ସମ୍ପାଦକ ଏନ. ନିରଞ୍ଜନ ଦାସଙ୍କ ସମେତ ସମସ୍ତ କର୍ମକର୍ତ୍ତା ନେତୃତ୍ୱ ନେଇଥିଲେ ।

## ମନୋରଞ୍ଜନଙ୍କୁ ଶ୍ରୀତମ୍ୱାପଟା ସାହିତ୍ୟ ନିଧି ସମ୍ମାନ

ଭଦ୍ରକ,(ନିପ୍ର): ଢେଙ୍କାନାଳ ଜିଲ୍ଲା ଲେଖକ ସାମ୍ମୁଖ୍ୟ ସଭା ଗୃହ ସଭା କକ୍ଷରେ ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଶ୍ରୀତମ୍ୱା ପଟା ରଘୁନାଥ ସାହିତ୍ୟ ସଂସ୍କୃତି କଳା ସଂସଦର ୨ ୟ ବାର୍ଷିକ ମହୋତ୍ସବ ମହା ସମାରୋହରେ ପାଳିତ ହେବା ସହ ବିଭିନ୍ନ ନୂତନ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଇଥିଲା । ସମ୍ମାନିତ ଅତିଥି ଭାବେ ପ୍ରକାଶ ଚନ୍ଦ୍ର ପାଣି, ବସନ୍ତ ପଟ୍ଟନାୟକ,ପ୍ରତିଭା ରାଣୀ ମିଶ୍ର, ବିଭୂତି ଭୂଷଣ ଷଡ଼ଙ୍ଗୀ,ନାରାୟଣ ଚନ୍ଦ୍ର ସେନାପତି,ଏସ ଗୀତାଞ୍ଜଳି ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଅନୁଷ୍ଠାନରୁ ପ୍ରକାଶିତ ପତ୍ରିକା ବଣ ମଲ୍ଲୀର ହସ ଓ ବଟକୃଷ୍ଣ ପଣ୍ଡାଙ୍କ ଲିଖିତ ପୁସ୍ତକ ମୋ ଗାଆଁ ଏବଂ ଅନ୍ୟ କେତେକ ପୁସ୍ତକ ଯଥା ଜୀବନ ସନ୍ଧ୍ୟା, ଜ୍ଞାନ ସୁଧା, ଜୀବନ ଫାଙ୍କ ଆଦି ପୁସ୍ତକ ଉନ୍ମୋଚନ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅନ୍ତର୍ଗତ ରାମକୃଷ୍ଣପୁର ଗ୍ରାମର ମନୋରଞ୍ଜନ ମହାନ୍ତିଙ୍କୁ ନିୟମିତ ଲେଖା ଲେଖି ପାଇଁ ଶ୍ରୀତମ୍ୱା ପଟା ସାହିତ୍ୟ ନିଧି ସମ୍ମାନରେ ସମ୍ମାନିତ କରାଯାଇଥିଲା ।

## ଟ୍ରକ୍ ଧକ୍କାରେ ଠିକାଦାର ମୃତ

ବ୍ରହ୍ମପୁର,(ନିପ୍ର): ଗୋପାଳପୁର ଥାନା ଅନ୍ତର୍ଗତ ପୁକୁଡ଼ିବନ୍ଧ ଛକ ନିକଟରେ ଏକ ଟ୍ରକ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ଜଣକ ହେଲେ ବ୍ରହ୍ମପୁର ଗୋଷାଣିନୂଆଗାଁ ବେଢାବନ୍ଧ ସାହିର ପ୍ରମୋଦ ପାତ୍ର(୫୦) । ସୂଚନା ଯୋଗ୍ୟ ଯେ ଠିକାଦାର ପ୍ରମୋଦ ନିଜ ସ୍କୁଟି (ଓଡ଼ି ୦୭ ଏସ ୭୧୮୧) ଯୋଗେ କୌଣସି କାମରେ ଗୋବିନ୍ଦପୁର ଯାଇଥିଲେ। ବ୍ରହ୍ମପୁର ଅଭିମୁଖେ ଫେରୁଥିବା ବେଳେ ପୁକୁଡ଼ିବନ୍ଧ ଛକ ନିକଟରେ ପଶ୍ଚିମବଙ୍ଗ ଠାରୁ କେରଳ ଅଭିମୁଖେ ଯାଉଥିବା ଚାଉଳ ବୋଝେଇ ଟ୍ରକ (ଡ଼ବ୍ଲୁ ବି ୪୧ କେ ୨୦୬୫) ତାଙ୍କୁ ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି କୁହାଯାଇଛି।

## ମା’ମଙ୍ଗଳାଙ୍କ ବାର୍ଷିକ ପୂଜା ଉତ୍ସବ

ଭଦ୍ରକ,(ନିପ୍ର): ବନ୍ତ ବ୍ଲକ ଆଡ଼ିଆ ପଂଚାୟତ ପଦାଡ଼ୋ ଗ୍ରାମରେ ମା’ମଙ୍ଗଳାଙ୍କ ୪୯ ତମ ମଙ୍ଗଳା ବ୍ରତ ଉତ୍ସବ ପାଳିତ ହୋଇଯାଇଛି । ମା’ଙ୍କୁ ଆବାହନ କରିବାପରେ ପୂଜକ ବୈଦନାଥ ଦାସ ଚଣ୍ଡୀପାଠ କରିଥିଲେ ଓ ମାନସିକଧାରୀ ସଂକଳ୍ପ କଲା ପରେ ହୋମଯଜ୍ଞ, ସନ୍ଧ୍ୟା ଆଳତି ଓ ମଙ୍ଗଳା ସ୍ତୁତି ପଠନ କରାଯାଇଥିଲା । ପରିଶେଷରେ ପୂର୍ଣ୍ଣାହୁତି ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଗ୍ରାମର ଶତାଧିକ ମହିଳା ଉପସ୍ଥିତ ରହି ମା’ଙ୍କ ଆଶୀର୍ବାଦ ପ୍ରାପ୍ତ କରିଥିଲେ । ଗ୍ରାମବାସୀଙ୍କ କହିବା ଅନୁଯାୟୀ ପ୍ରଥମେ ଏହି ମଙ୍ଗଳା ପୂଜା ସ୍ୱର୍ଗତ ଦୁର୍ଯ୍ୟୋଧନ ଦାସ ଓ ତାଙ୍କ ପତ୍ନୀ ସଖି ଦାସଙ୍କ ସହଯୋଗରେ ଦୀର୍ଘ ୪୯ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା। ପରେ ତାଙ୍କ ପୁତ୍ର କୁଳମଣି ଦାସ ଓ ପତ୍ନୀ କନକଲତା କର୍ତ୍ତା କାର୍ଯ୍ୟ ତୁଲାଇ ଥିବାବେଳେ କମିଟି ସଭାପତି ପଂଚାନନ ଦାସ,ଉପସଭାପତି ମହେନ୍ଦ୍ର ଦାସ,ସମ୍ପାଦକ ସନାତନ ମଲ୍ଲିକ,ସହ ସମ୍ପାଦକ କୁଳମଣି ଦାସ, ସଦସ୍ୟ ମହେନ୍ଦ୍ର ମଲ୍ଲିକ,ରୀନାରାଣୀ ମଲ୍ଲିକ,ମଧୁସୂଦନ ଦାସ,ଲକ୍ଷ୍ମଣ କୁମାର ଦାସ,ନୀଳମଣି ଦାସ,ଦୁଃଶାସନ ଦାସ ମଳୟ ଦାସ ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ।

### ପିଏମ୍ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା

## ଉପଭୋକ୍ତାଙ୍କ ଛାତରେ ସୋଲାର ପ୍ୟାନେଲ ସ୍ଥାପନାର ଉଦ୍‌ଘାଟନ

ବଲାଙ୍ଗିର,(ନିପ୍ର): ପଶ୍ଚିମ ଓଡିଶାରେ ପ୍ରଥମ ଥର ପାଇଁ ବଲାଙ୍ଗିର ଜିଲ୍ଲା ପୁଇଁତଲା ବ୍ଲକ ଅନ୍ତର୍ଗତ ମହିମୁଣ୍ଡା ଠାରେ ପିଏମ୍ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା ଅଧୀନରେ ଶାନ୍ତିଲତା ମେଷୁଆଙ୍କ ଘର ଛାତରେ ସୋଲାର ପ୍ୟାନେଲ ସ୍ଥାପନାର ଉଦଘାଟନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲୱାର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ, ଅନ୍ୟତମ ଅତିଥି ଭାବେ ମୁଖ୍ୟ ନିର୍ବାହୀ



ଅଧିକାରୀ, ଟିପିଡବ୍ଲୁଓଡିଏଲ୍ ପ୍ରବୀଣ ବର୍ମା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁଇଁତଲା ଅମରେନ୍ଦ୍ର ସ୍ୱାଇଁ, ସରପଞ୍ଚ ମହିମୁଣ୍ଡା ରଞ୍ଜିତା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଟାଟା ପାଓ୍ୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ପଶ୍ଚିମ ଓଡ଼ିଶା ବଣ୍ଟନ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍)ଙ୍କ ଦ୍ୱାରା ପରିଚାଳିତ ପିଏମ୍ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା ଅଧୀନରେ ଘର ଛାତରେ ସୋଲାର ପ୍ୟାନେଲ ସ୍ଥାପନାକୁ ପ୍ରୋତ୍ସାହିତ କରିବା ପାଇଁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଉଅଛି । ପିଏମ ସୂର୍ଯ୍ୟଘର ପୋର୍ଟାଲରେ ଉପଭୋକ୍ତା ମାନେ ଆବେଦନ କରି ଏକକାଳୀନ ସ୍ୱଳ୍ପ ବିନିଯୋଗରେ ଦୀର୍ଘକାଳୀନ ସୁବିଧା ତଥା ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ରିହାତି ଓ ଋଣର ଲାଭ ଉଠାଇ ପାରିବେ । ଏହି କାର୍ଯ୍ୟକ୍ରମରେ ଟିପିଡବ୍ଲୁଓଡିଏଲ୍‌ର ସମସ୍ତ ଅଧିକାରୀ ଓ କର୍ମଚାରୀ ବୃନ୍ଦ ତଥା ମହିମୁଣ୍ଡାର ଗ୍ରାମବାସୀ ଓ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ।

## ସୁରଭିରେ ଅନ୍ତର୍ନିହିତ ପ୍ରତିଭା ବିକଶିତ କରିବାକୁ ଗୁରୁତ୍ୱ

ନିମାପଡ଼ା,(ନି.ପ୍ର.): ବ୍ଲକ୍ ଅନ୍ତର୍ଗତ ଭାଟବନ୍ଧ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ସରକାରୀ ଉଚ୍ଚ ବିଦ୍ୟାଳୟ, ଭାଟବନ୍ଧ ପରିସରରେ ଶୁକ୍ରବାର ଉତ୍ସାହ ଓ ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ବିନୟ କୁମାର ବିଶ୍ୱାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଦାରନାଥ ମାଝି ସମ୍ମାନିତ ଅତିଥି, ଅବସରପ୍ରାପ୍ତ ଶିକ୍ଷକ କୁଳମଣୀ ସେନାପତି ମୁଖ୍ୟ ଅତିଥି, ସତ୍ୟ ଭୂଷଣ ସ୍ୱାଇଁ ସମ୍ମାନିତ ଅତିଥି, ଅମିୟ ମହାନ୍ତି ସଂଯୋଜକ ଭାବେ ଯୋଗଦେଇ ଛାତ୍ରମାନଙ୍କ ମଧ୍ୟରେ ଥିବା ଉଚ୍ଚକୋଟୀର ଅନ୍ତର୍ନିହିତ ପ୍ରତିଭାକୁ ଖୋଜି ବାହାର କରିବା ପ୍ରତ୍ୟେକ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ କର୍ତ୍ତବ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ କାଳନ୍ଦୀ ଜେନା ଓ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହଯୋଗରେ ଛାତ୍ରଛାତ୍ରୀମାନେ ସେମାନଙ୍କ କଳା ପ୍ରଦର୍ଶନ କରି ପୁରସ୍କୃତ ହୋଇଥିଲେ। ୧୨ଟି ବିଦ୍ୟାଳୟର ୧୦୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତା (ନୃତ୍ୟ, ସଂଗୀତ, ତର୍କ, କୁଇଜ, ପ୍ରବନ୍ଧ, ଶ୍ରୁତଲିଖନ, ପିଏମ୍ ପୋଷଣ)ରେ ଅଂଶଗ୍ରହଣ କରିଥିବା ବିଦ୍ୟାଳୟ ସୂତ୍ରରୁ ପ୍ରକାଶ । ବିଭିନ୍ନ ପ୍ରତିଯୋଗିତାର ପ୍ରଥମ ପ୍ରତିଯୋଗୀଙ୍କୁ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ଘୋଷଣା କରାଯାଇଥିଲା। ଶିକ୍ଷକ ପ୍ରମଥ ସ୍ୱାଇଁ, ଚନ୍ଦ୍ରକାନ୍ତ ନନ୍ଦ, ଶିକ୍ଷୟିତ୍ରୀ ପ୍ରଣତି ଦେଇ, ମନ୍ଦାକିନୀ ପାଇଟାଳ, ପୂର୍ବତନ ପ୍ରଧାନ ଶିକ୍ଷକ



ବ୍ରଜ କିଶୋର ସାହୁ ପ୍ରମୁଖ ସହଯୋଗ କରିଥିଲେ। କୌଣସି କାରଣ ନଥାଇ ହଠାତ୍ ଶ୍ରୀ ସାହୁଙ୍କୁ ବିଷ୍ଣୁପୁର ଉଚ୍ଚ ବିଦ୍ୟାଳୟକୁ ବଦଳି ହୋଇ ତାଙ୍କ ସ୍ଥାନରେ ସସ୍ମିତା ସେନାପତିଙ୍କୁ ପଠଯାଇଥିଲା । ଗ୍ରାମବାସୀ, ଅଭିଭାବକ, ସରପଂଚ, ସମିତି ସଭ୍ୟ ଏହାର ପ୍ରତିବାଦ କରି ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ ଏବଂ ଉପ-ମୁଖ୍ୟମନ୍ତ୍ରୀଙ୍କୁ ପୂର୍ବରୁ ପତ୍ର ଲେଖିଥିଲେ । ଉପ-ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ଯେ, ଶ୍ରୀ ସାହୁଙ୍କୁ ବଦଳି କରାଯିବନି କିନ୍ତୁ ବଳଦି କରାଗଲା କେମିତି ବୋଲି ଧାରଣାସ୍ଥଳୀରେ ଗ୍ରାମବାସୀ ପ୍ରଶ୍ନ କରିଥିଲେ। ପ୍ରଶାସନ ଏବଂ ରାଜନୈତିକ ବ୍ୟକ୍ତିଙ୍କ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁଁ ବିଦ୍ୟାଳୟରେ ତାଲା ପକାଇବାକୁ ବାଧ୍ୟ ହେଲୁ ବୋଲି ଅଭିଭାବକ ଜୟନ୍ତ କୁମାର ପାଟ୍ଟସାଣୀ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଗତ ୧ ମାସ ହେଲା ବିଦ୍ୟାଳୟ ପରିଚାଳନା କମିଟି, ଜନ ପ୍ରତିନିଧି, ଅଭିଭାବକ ଏବଂ ଗ୍ରାମବାସୀମାନେ ଅଧିକାରୀଙ୍କ ସମେତ ପୋଲିସକୁ ଜଣାଇଥିଲେ ମଧ୍ୟ କେହି ପଦକ୍ଷେପ ନେଇ ନଥିଲେ ବୋଲି ଅଭିଯୋଗ କରିଥିଲେ।

ତିଥି : (ତ୍ରୟୋଦଶୀ) : (ଉତ୍ତରାଫା କନ୍ୟା)
ଅମୃତବେଳା: ଦିବା ଘ୬ ।୩୩ ଗତେ ଘ ୮ ।୫୭ ମଧ୍ୟେ

## ଆଜିର ଅନୁଚିନ୍ତନ

ଅଜ୍ଞାନ ମନୁଷ୍ୟ ନିଜକୁ 'ମୁଁ କର୍ତ୍ତା' ବୋଲି ମନେ କରେ।
- ଶ୍ରୀମଦ୍ ଭଗବଦ୍ ଗୀତା

# ଭୟ, ପ୍ରଲୋଭନ ବାଧକ

ପ୍ରଶ୍ନ ପଚାରିବାର ପ୍ରବୃତ୍ତି ଯଦି ମରିଯାଏ ତେବେ ମଣିଷକୁ ପୁଷ୍ଟିକରଣ ପୂର୍ବାଗ୍ରହ କରାୟତ୍ତ କରେ। ଏ ପ୍ରଶ୍ନ ପଚାରିବାର ପ୍ରବୃତ୍ତି ନିଜ ଠାରେ ଖୁବ୍ ଦରକାର ପଡ଼ିଥାଏ। ପୁଷ୍ଟିକରଣ ପୂର୍ବାଗ୍ରହ ହେଉଛି- କୌଣସି ସୂଚନା, ତଥ୍ୟ ବା ବିଷୟବସ୍ତୁକୁ ନିଜ ପୂର୍ବ ବିଶ୍ୱାସ ବା ଧାରଣା ମୁତାବକ ହୁଏତ ସମର୍ଥନ କରିବା ଅବା ବିରୋଧ କରିବା। ଗ୍ରୀକ୍ ଦାର୍ଶନିକ ସକ୍ରେଟିସ୍‌ଙ୍କ ଜୀବନଶୈଳୀର ମୁଖ୍ୟ ଦିଗ ଥିଲା ପ୍ରଶ୍ନାକୁଳତା। ଆମ ବୈଦିକ ପରମ୍ପରାରେ ପ୍ରଶ୍ନାକୁଳତା ବହୁ କାଳରୁ ରହିଆସିଛି। ଏହି ପ୍ରଶ୍ନାକୁଳତା ଅପେକ୍ଷା ପୁଷ୍ଟିକରଣ ପୂର୍ବାଗ୍ରହର ମାୟାଜାଲ ଆଜିକାଲି ତଥାକଥିତ ସଭ୍ୟ ସମାଜକୁ ଅଧିକ ବିସ୍ତାରିତ କରୁଛି। ଫଳରେ ଡିଜିଟାଲ ଆରେଷ୍ଟ ଭଳି ଘଟଣା ବୃଦ୍ଧି ପାଉଛି। ବ୍ୟକ୍ତି ନିଜ ଉପରେ ନିୟନ୍ତ୍ରଣ ରଖିପାରୁନାହିଁ, ଡିଜିଟାଲ ଆରେଷ୍ଟ କରୁଥିବା ବ୍ୟକ୍ତି ପ୍ରତି ଅହେତୁକ ଭାବରେ ତାର ଭୟ, ପ୍ରଲୋଭନ ଅଥବା ଆକର୍ଷଣ ପ୍ରଭୃତି ବଢ଼ିଯାଉଛି।

ମହାରାଷ୍ଟ୍ରର ୭୨ବର୍ଷୀୟ ଜଣେ ବ୍ୟବସାୟୀଙ୍କ ଦୃଷ୍ଟାନ୍ତ ନିଆଯାଇପାରେ। ଏକ ହ୍ୱାଟସ୍‌ଅପ୍ ଫୋନ୍ କଲ୍ ଆସିବା ପରେ ଅପରପାର୍ଶ୍ୱ ବ୍ୟକ୍ତି ଜଣଙ୍କ ନିଜକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଅଫିସର ଭାବରେ ପରିଚୟ ଦେଲେ। କହିଲେ- ତୁମେ ବେଆଇନ ଅର୍ଥ କାରବାରରେ ସଂପୃକ୍ତ ରହିଛ। ବେଆଇନ ଅର୍ଥ ବିଦେଶକୁ ପଠାଉଛ। ଏନେଇ ଅଭିଯୋଗ ରହିଛି। ତେଣୁ ତୁମର ସମସ୍ତ ସଂପତ୍ତି ବାଜ୍ୟାପ୍ତ କରାଯିବ। ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ସିଲ୍ କରାଯିବ। ୪୦ ଦିନ ଧରି ଉକ୍ତ ତଥାକଥିତ ଇଡି ଅଧିକାରୀଙ୍କ କବ୍‌ଜାରେ ବା ନଜରବନ୍ଦୀରେ ବ୍ୟବସାୟ ଜଣଙ୍କ ରହିଲେ। ପରିଶେଷରେ ହରାଇଲେ ୫୮ କୋଟି ଟଙ୍କା।

ମଣିଷ ଭୁଲିଯାଏ ଯେ ସର୍ବନିମ୍ନ ଆବଶ୍ୟକତା ନେଇ ସେ ଜନ୍ମ ହୁଏ। ମାତ୍ର ସମୟକ୍ରମେ ଯେଉଁସବୁ ଅନାବଶ୍ୟକ ଆବଶ୍ୟକତାକୁ ବଢାଇ ଚାଲେ, ତାହାର ଚକ୍ରବ୍ୟୂହ ମଧ୍ୟରେ ନିଜେ ପଡ଼ିଯିବାର ଆଶଙ୍କା ବରାବର ଥାଏ। କୌଣସି ବ୍ୟକ୍ତି ଯଦି ବେଆଇନ କାରବାରରେ ସଂପୃକ୍ତ ରହେ ଅବା ଅହେତୁକ ଲୋଭର ବଶବର୍ତ୍ତୀ ହୁଏ, ତେବେ ତାହାର ମନ ଅସ୍ଥିର ତଥା ଉଦ୍‌ବିଗ୍ନ ରହିବା ସ୍ୱାଭାବିକ। ସାଧାରଣ ଲୋକ ସୁଦ୍ଧା ଆଖିଦୃଶିଆ ଭାବେ ଅଧିକ ଆଜିକାଲି ଡିଜିଟାଲ ଗିରଫଦାରିର ସମ୍ମୁଖୀନ ହେବା ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଏ ପରିପ୍ରେକ୍ଷୀରେ ନିକଟରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ କରିଛନ୍ତି। ଏହି ନୋଟିସରେ ଏପରି ଅପରାଧ ନିୟନ୍ତ୍ରଣ କରିବା ଲାଗି କେନ୍ଦ୍ର ଓ ରାଜ୍ୟ ପୋଲିସ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ଉପରେ ସୁପ୍ରିମକୋର୍ଟ ଗୁରୁତ୍ୱ ଦେଇଛନ୍ତି , ଯାହା ସ୍ୱାଗତଯୋଗ୍ୟ ବିଷୟ।

ଏକ ତଥ୍ୟ ମୁତାବକ ଚଳିତବର୍ଷ ଆମ ଦେଶରେ ଜାନୁଆରୀରୁ ଅଗଷ୍ଟ ସୁଦ୍ଧା ସଂଘଟିତ ହୋଇଥିବା ଡିଜିଟାଲ ଗିରଫଦାରି ସଂଖ୍ୟା ୪ହଜାର ୪ଶହ ୩୯। ଆଗକୁ ଏହି ସଂଖ୍ୟା ବୃଦ୍ଧି ପାଇବ ନାହିଁ, ଏପରି କହିହେବ ନାହିଁ। ତେଣୁ ସବୁଠୁ ବଡ଼ ଆବଶ୍ୟକତା ରହିଛି ବ୍ୟକ୍ତି କୌଣସି ବେଆଇନ କାରବାରରେ ସଂପୃକ୍ତ ନ ହେବା ଆବଶ୍ୟକ। ନିଜ ପେସା ଓ ପ୍ରବୃତ୍ତିରେ ସତ୍ ରହିବା ନିତାନ୍ତ ଲୋଡ଼ା। ନଚେତ୍ ସୋସିଆଲ ମିଡିଆରେ ତାହା କ୍ରମେ ପ୍ରତିଫଳିତ ହେବ ଏବଂ ଡିଜିଟାଲ ଆରେଷ୍ଟ ଅପରାଧୀଙ୍କ କବ୍‌ଜାରେ ପଡ଼ିବାର ଆଶଙ୍କା ବଢ଼ିବ ହିଁ ବଢ଼ିବ।

ସୁତରାଂ କୌଣସି ଅଜଣା ଲିଙ୍କ୍‌ରେ କ୍ଲିକ୍ ନ କରିବା, ଲୋଭର ବଶବର୍ତ୍ତୀ ହୋଇ କୌଣସି ଅଜଣା ନମ୍ବରରୁ ଆସିଥିବା ବଡ଼ ଚାକିରି ହେଉ କି କମ୍ ସମୟରେ ଅଧିକ ରୋଜଗାର ଲୋଭର ନିଶାରେ ନ ପଡିବା, କୌଣସି ଅଜଣା ବ୍ୟକ୍ତିଙ୍କ ନିର୍ଦ୍ଦେଶ ମୁତାବକ ନିଜ ସଂପର୍କିତ ତଥ୍ୟ ଦେବାକୁ ନିବୃତ୍ତ ରହିବା,ଏପରି ନାନା ସାବଧାନତା ଖୁବ୍ ଦରକାର ପଡୁଛି। ଆବଶ୍ୟକ ସ୍ଥଳେ ସାଇବର ଥାନାର ଦ୍ୱାରସ୍ଥ ହେବା ଆବଶ୍ୟକ ।

ଏକଦା ଜଣେ ସନ୍ଥ ଉଲ୍ଲେଖ କରିଥିଲେ- ପ୍ରତ୍ୟେକ ପ୍ରଲୋଭନ ତୁମ ଅନ୍ତରର ଆଧ୍ୟାତ୍ମିକ ବଳର ଏକ ପରୀକ୍ଷା। ଏ ପରିପ୍ରେକ୍ଷୀରେ କୁହାଯାଇପାରେ ଯେ ବ୍ୟକ୍ତି ନିକଟରେ ପ୍ରଶ୍ନାକୁଳତା ବା ଉପୁଜିଥିବା ସ୍ଥିତି ନେଇ ଉଚିତ ପ୍ରଶ୍ନମାନ ସହ ଆତ୍ମସମୀକ୍ଷା ଥିଲେ ଡିଜିଟାଲ ଆରେଷ୍ଟରୁ ବର୍ତ୍ତିବା କଷ୍ଟକର ହେବ ନାହିଁ।

# ସଂଘର ବାର୍ତ୍ତା : ସମାଧାନର ରାସ୍ତା ଦେଖାଇପାରିବ

ଡ. ସମନ୍ୱୟ ନନ୍ଦ

"ସରସଂଘଚାଳକ ତାଙ୍କର ଉଦ୍‌ବୋଧନରେ ଭାରତର ସାଂସ୍କୃତିକ ବିବିଧତାକୁ ଏହାର ଶକ୍ତି ବୋଲି କହିଥିଲେ । ଏହା ସହିତ ସେ ସତର୍କ ମଧ୍ୟ କରି କହିଥିଲେ । ଏହି ବିବିଧତା ବିଭାଜନର କାରଣ ହେବା ଉଚିତ ନୁହେଁ। ଭାରତର ଏହି ଏକତାକୁ ଡ. ଅମ୍ବେଦକରଙ୍କର "ଅନ୍ତର୍ନିହିତ ସାଂସ୍କୃତିକ ଏକତା" ବୋଲି କହିଛନ୍ତି । ଭାରତର ରାଷ୍ଟ୍ରୀୟତା କୌଣସି "ନେସନ-ଷ୍ଟେଟ୍"ର ଧାରଣା ଉପରେ ନୁହେଁ, ବରଂ ସାଧାରଣ ସାଂସ୍କୃତିକ, ପରମ୍ପରା ଓ ମାତୃଭୂମି ଭକ୍ତି ଉପରେ ଆଧାରିତ। ଏହି "ହିନ୍ଦୁ ରାଷ୍ଟ୍ରୀୟତା" ଆମକୁ ଏକତାର ସୂତ୍ରରେ ବାନ୍ଧି ଥାଏ ବୋଲି ସେ ସ୍ପଷ୍ଟ କରିଥିଲେ ।

ନିଜର ବା 'ସ୍ୱ' ଆଧାରରେ 'ଭାରତ ' ରାଷ୍ଟ୍ରର ପୁନଃନିର୍ମାଣର ଧ୍ୟେୟ ନେଇ ୧୯୨୫ ମସିହାରେ ଆରମ୍ଭ ହୋଇଥିବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଶହେ ବର୍ଷ ପୂରଣ କରିଛି । ପ୍ରତିବର୍ଷ ସଂଘର ପ୍ରତିଷ୍ଠା ଦିବସ ବିଜୟାଦଶମୀ ଉତ୍ସବରେ ସରସଂଘଚାଳକଙ୍କ ଉଦ୍‌ବୋଧନକୁ ଅତ୍ୟନ୍ତ ଗୁରୁତ୍ୱ ଦିଆଯାଇଥାଏ । କାରଣ ଏହି ଉଦ୍‌ବୋଧନରେ ସେ ରାଷ୍ଟ୍ର ସମ୍ମୁଖରେ ଥିବା ଆହ୍ୱାନ ଓ ଏହାର ସମାଧାନ ତଥା ଆଗାମୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥାନ୍ତି।

ଚଳିତବର୍ଷ ସରସଂଘଚାଳକ ତାଙ୍କ ଉଦ୍‌ବୋଧନରେ ସମରସତାପୂର୍ଣ୍ଣ ସମାଜ ତିଆରି କରିବା, ଆତ୍ମନିର୍ଭର ଭାରତ ନିର୍ମାଣ, ବିଭିନ୍ନ ସମସ୍ୟାରେ ଜର୍ଜରିତ ସମ୍ପୂର୍ଣ୍ଣ ବିଶ୍ୱକୁ ଭାରତ କିଭଳି ଭାବେ ତାର ସନାତନ ବିଚାର ମାଧ୍ୟମରେ ସମାଧାନର ରାସ୍ତା ଦେଖାଇ ପାରିବ ସେ ନେଇ ଚର୍ଚ୍ଚା କରିଥିଲେ । ତାଙ୍କ ଉଦ୍‌ବୋଧନରେ ସେ ଯେଉଁ ବାର୍ତ୍ତା ପ୍ରଦାନ କରିଥିଲେ ତାହା କେବଳ ସଂଘର କାର୍ଯ୍ୟକର୍ତ୍ତାମାନଙ୍କ ପାଇଁ ନୁହେଁ ବରଂ ସମ୍ପୂର୍ଣ୍ଣ ଭାରତୀୟ ସମାଜ ଓ ସମଗ୍ର ବିଶ୍ୱ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ । ତାଙ୍କର ଚଳିତ ବର୍ଷର ବକ୍ତବ୍ୟ ରାଷ୍ଟ୍ରୀୟ ଓ ଅନ୍ତଃରାଷ୍ଟ୍ରୀୟ ପରିସ୍ଥିତିର କେବଳ ବିଶ୍ଳେଷଣ ନ ଥିଲା ବରଂ ଭାରତ ନିକଟରେ ଏହି ସମସ୍ତ ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ଦୃଷ୍ଟି ଓ ମାର୍ଗଦର୍ଶନ କରିବା ପାଇଁ ଶକ୍ତି ମଧ୍ୟ ରହିଛି । ଏହାକୁ ପ୍ରତ୍ୟେକ ଭାରତବାସୀଙ୍କୁ ବୁଝିବାକୁ ପଡିବ।



ସେ ସ୍ପଷ୍ଟ ଶବ୍ଦରେ କହିଥିଲେ ଯେ ଗତ କିଛି ବର୍ଷ ମଧ୍ୟରେ ଭାରତ ଆତ୍ମବିଶ୍ୱାସ ଓ ଆଶାକୁ ବଢ଼ାଇବା ଭଳି ଉପଲବ୍ଧି ମାନ ଦେଖିଛି । ବିଶାଳ ପ୍ରୟାଗରାଜ କୁମ୍ଭର ଆୟୋଜନ ଓ ପହଲଗାମ ଠାରେ ସୀମାପାର ଆତଙ୍କବାଦୀ ମାନଙ୍କ ଦ୍ୱାରା ଧର୍ମ ପଚାରି ହତ୍ୟା କରାଯିବା ଘଟଣା ପରେ ଅପରେସନ ସିନ୍ଦୂର ଜରିଆରେ ଭାରତୀୟ ସେନାର ଶକ୍ତିଶାଳୀ ପ୍ରତିକ୍ରିୟା ହେଉଛି ଏହାର ଉଦାହରଣ । ସମାଜର ଏକତା ଓ ସେନାର ପରାକ୍ରମ ସ୍ପଷ୍ଟ କରିଛି ଯେ ଭାରତ ନିଜର ସୁରକ୍ଷା ପ୍ରତି ସଚେତନ ଓ ସମର୍ଥ । ଅପରେସନ ସିନ୍ଦୂର ସମୟରେ ବିଭିନ୍ନ ଦେଶ କେତେ ମାତ୍ରାରେ ଭାରତର କିଏ ମିତ୍ର ଓ କେତେ ମାତ୍ରାରେ ମିତ୍ର ତାହା ମଧ୍ୟ ସ୍ପଷ୍ଟ କରି ଦେଇଛି । ନକ୍ସଲବାଦ ନିୟନ୍ତ୍ରଣକୁ ନେଇ ମିଳିଥିବା ସଫଳତାର ମଧ୍ୟ ସେ ଉଲ୍ଲେଖ କରିଥିଲେ। ବିଭିନ୍ନ ପଡ଼ୋଶୀ ଦେଶରେ ହିଂସାତ୍ମକ ଉପଦ୍ରବ ଜରିଆରେ କ୍ଷମତା ପରିବର୍ତ୍ତନ ଉପରେ ମନ୍ତବ୍ୟ ଦେଇ ସେ କହିଛନ୍ତି ଯେ ଗଣତାନ୍ତ୍ରିକ ମୂଲ୍ୟବୋଧ ଜରିଆରେ ମଧ୍ୟ ପରିବର୍ତ୍ତନ ସମ୍ଭବ । କ୍ରାନ୍ତି ନାମରେ ଏଭଳି ହିଂସାତ୍ମକ ଆନ୍ଦୋଳନ ଉଚିତ ନୁହେଁ ବରଂ ବିଦେଶୀ ଶକ୍ତିମାନେ ଏଥିରୁ ଲାଭ ଉଠାଇବାକୁ ଚେଷ୍ଟା କରିଥାନ୍ତି । ଭାରତର ଜନସାଧାରଣଙ୍କୁ ଏଥିପାଇଁ ସେ ସତର୍କ କରାଇଥିଲେ । ଭାରତକୁ ଅସ୍ଥିର କରିବାକୁ ଅନେକ ବିଦେଶୀ ଶକ୍ତି ପ୍ରୟାସରେ ଲାଗିଛନ୍ତି। ଶ୍ରୀ ଭାଗବତ ଦେଶର ଅର୍ଥନୀତିର ପ୍ରଗତିକୁ ସକାରାତ୍ମକ ବୋଲି ଉଲ୍ଲେଖ କରିବା ସହ କହିଥିଲେ ଯେ ବର୍ତ୍ତମାନର ଉପଭୋଗବାଦୀ ବିକାଶ ମଡେଲର କୁଫଳ ବର୍ତ୍ତମାନ ସାମ୍ନାକୁ ଆସୁଛି। ଉପଭୋଗବାଦୀ ବିକାଶ ମଡେଲ କାରଣରୁ ଶୋଷଣର ନୂଆ ତନ୍ତ୍ର, ପରିବେଶର ହାନି ଏବଂ ମାନବୀୟ ସମ୍ପର୍କରେ ଅବନତି ଘଟୁଛି । ଏସବୁ ଚ୍ୟାଲେଞ୍ଜ ଭାରତ ସମ୍ମୁଖରେ ମଧ୍ୟ ଅଛି। ଏହାର ସମାଧାନ କେବଳ 'ସ୍ୱଦେଶୀ' ଓ 'ସ୍ୱାବଲମ୍ବନ' ନୀତି ଦ୍ୱାରା ସମ୍ଭବ। ଶ୍ରୀ ଭାଗବତ ବିଶେଷ କରି ହିମାଳୟରେ ହେଉଥିବା ଜଳବାୟୁ ସଙ୍କଟ ଏବଂ ଦକ୍ଷିଣ ଏସିଆ ଉପରେ ତାହାର ପ୍ରଭାବ ବିଷୟରେ ଧ୍ୟାନ ଆକର୍ଷଣ କରିଥିଲେ। ସେ ସଚେତନ କରିଥିଲେ ଯେ ଭାରତକୁ ଏହା ଉପରେ ଗୁରୁତ୍ୱର ସହିତ ବିଚାର କରିବାକୁ ପଡିବ, କାରଣ ପରିବେଶୀୟ ଅସନ୍ତୁଳନ ସିଧାସଳଖ ବାସ୍ତବ ଅସ୍ତିତ୍ୱ ସଙ୍କଟରେ ପରିଣତ ହୋଇପାରେ।

ଆଧୁନିକ ବିଶ୍ୱର ବିକାଶ ମଡେଲ କିଭଳି ଭାବେ ଅସମ୍ପୂର୍ଣ୍ଣ ତାହାକୁ ସରସଂଘଚାଳକ ଅତ୍ୟନ୍ତ ପ୍ରାଞ୍ଜଳ ଭାବେ ବୁଝାଇଥିଲେ । ଆଧୁନିକ ବିକାଶ ମଡେଲ ଦ୍ୱାରା ବିଜ୍ଞାନ ଓ ଟେକ୍ନୋଲଜିର ପ୍ରଗତି କାରଣରୁ ଭୌତିକ ବିକାଶ ହେଉଛି ସଜ ହେଲେ ମାନବ ଜୀବନରେ ଅନେକ ସମସ୍ୟା ମଧ୍ୟ ଉତ୍ପନ୍ନ ହୋଇଛି । ସର୍ବତ୍ର ଯୁଦ୍ଧ, ଛୋଟ ବଡ କଳହ, ପରିବେଶର କ୍ଷରଣ କାରଣରୁ ପ୍ରକୃତିର ଉଗ୍ର ରୂପ, ସମାଜ ଓ ପରିବାରର ବିଘଟନ ଆଦି ଦେଖିବାକୁ ମିଳୁଛି । ଏ ସବୁର ସମାଧାନ ପାଇଁ ପ୍ରୟାସ ହେଉଛି ହେଲେ ସମାଧାନ ମିଳି ପାରୁ ନାହିଁ। ଏହାର ସମାଧାନ ଭାରତର ସନାତନ ବିଚାରରେ ରହିଛି । ଭାରତର ଆଧ୍ୟାତ୍ମିକ ସନାତନ ବିଚାର ବ୍ୟକ୍ତି, ସମାଜ ଓ ସୃଷ୍ଟି ଏହି ତିନୋଟିର ସମନ୍ୱିତ ବିକାଶ ଉପରେ ଗୁରୁତ୍ୱ ଦେଇଥାଏ । ତେଣୁ ଏବେ ଏହି ସମସ୍ୟାର ସମାଧାନ ପାଇଁ ବିଶ୍ୱ ଭାରତୀୟ ଦୃଷ୍ଟି ଓ ଭାରତୀୟ ଚିନ୍ତନକୁ ଅପେକ୍ଷା କରିଛି । ଏହି ଦୃଷ୍ଟି ଭାରତକୁ 'ବିଶ୍ୱ ଗୁରୁ' ଭୂମିକା ନିର୍ବାହ କରିବାର ଯୋଗ୍ୟ କରିଥାଏ ।

ଶ୍ରୀଭାଗବତ ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ, କେବଳ ଶାସନ-ପ୍ରଶାସନର ନୀତିମାନଙ୍କ ଦ୍ୱାରା ସମାଜରେ ପରିବର୍ତ୍ତନ ସମ୍ଭବ ନୁହେଁ। ଏହା ପାଇଁ ସମାଜକୁ ସଚେତନ ହେବାକୁ ଓ ଆଚରଣରେ ପରିବର୍ତ୍ତନଶୀଳ ହେବାକୁ ପଡିବ। ସେ ସଂଘର ଶାଖାକୁ ଏହି ପ୍ରକ୍ରିୟାର କେନ୍ଦ୍ର ବୋଲି ବର୍ଣ୍ଣନା କରିଥିଲେ। ଯେଉଁଠାରେ ବ୍ୟକ୍ତିଗତ ସଦ୍‌ଗୁଣ, ସାମୂହିକତା ଓ ସମାଜସେବାର ସଂସ୍କାର ମିଳେ।

ଶ୍ରୀଭାଗବତ ତାଙ୍କ ଉଦ୍‌ବୋଧନ ଆହୁରି କହିଥିଲେ ଯେ ସର୍ବ ପ୍ରଥମେ ବ୍ୟକ୍ତି ନିର୍ମାଣ ହେବା ଜରୁରୀ । ବ୍ୟକ୍ତି ନିର୍ମାଣ ଦ୍ୱାରା ସମାଜ ପରିବର୍ତ୍ତନ ହୋଇ ପାରିବ ଓ ଏହା ଦ୍ୱାରା ବ୍ୟବସ୍ଥାରେ ପରିବର୍ତ୍ତନ ହୋଇପାରିବ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଶାଖା ମାଧ୍ୟମରେ ଏହି ଉଦ୍ଦେଶ୍ୟ ପୂର୍ତ୍ତି ପାଇଁ କାର୍ଯ୍ୟ କରି ଆସୁଛି । ସ୍ୱୟଂସେବକମାନେ ନିଜ ଜୀବନ ଦ୍ୱାରା ଉଦାହରଣ ସୃଷ୍ଟି କରନ୍ତୁ ଓ ସମାଜକୁ ପ୍ରେରିତ କରନ୍ତୁ ବୋଲି ସେ ଆହ୍ୱାନ ଜଣାଇଥିଲେ ।

ସରସଂଘଚାଳକ ତାଙ୍କର ଉଦ୍‌ବୋଧନରେ ଭାରତର ସାଂସ୍କୃତିକ ବିବିଧତାକୁ ଏହାର ଶକ୍ତି ବୋଲି କହିଥିଲେ । ଏହା ସହିତ ସେ ସତର୍କ ମଧ୍ୟ କରି କହିଥିଲେ । ଏହି ବିବିଧତା ବିଭାଜନର କାରଣ ହେବା ଉଚିତ ନୁହେଁ। ଭାରତର ଏହି ଏକତାକୁ ଡ଼ା. ଅମ୍ବେଦକରଙ୍କର "ଅନ୍ତର୍ନିହିତ ସାଂସ୍କୃତିକ ଏକତା" ବୋଲି କହିଛନ୍ତି । ଭାରତର ରାଷ୍ଟ୍ରୀୟତା କୌଣସି "ନେସନ-ଷ୍ଟେଟ୍"ର ଧାରଣା ଉପରେ ନୁହେଁ, ବରଂ ସାଧାରଣ ସାଂସ୍କୃତିକ, ପରମ୍ପରା ଓ ମାତୃଭୂମି ଭକ୍ତି ଉପରେ ଆଧାରିତ। ଏହି "ହିନ୍ଦୁ ରାଷ୍ଟ୍ରୀୟତା" ଆମକୁ ଏକତାର ସୂତ୍ରରେ ବାନ୍ଧିଥାଏ ବୋଲି ସେ ସ୍ପଷ୍ଟ କରିଥିଲେ ।

ଶତାବ୍ଦୀ ବର୍ଷକୁ ଦୃଷ୍ଟିରେ ରଖି ସେ ସଂଘର ଆଗାମୀ ଲକ୍ଷ୍ୟ ଓ ଯୋଜନା ସମ୍ପର୍କରେ ମଧ୍ୟ ସେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲେ । ରାଷ୍ଟ୍ରୀୟ ସ୍ୱୟଂସେବକର ପଞ୍ଚ ପରିବର୍ତ୍ତନ ମଧ୍ୟରେ ସାମାଜିକ ସମରସତା, କୁଟୁମ୍ବ ପ୍ରବୋଧନ, ପରିବେଶ ସୁରକ୍ଷା, ସ୍ୱ ବୋଧ- ସ୍ୱଦେଶୀ- ସ୍ୱାବଲମ୍ବନ ଓ ନାଗରିକ ଅନୁଶାସନ ଓ ସଂବିଧାନ ପାଳନ ସାମିଲ ରହିଛି । ଏହି ପାଞ୍ଚଟି କ୍ଷେତ୍ରରେ ସ୍ୱୟଂସେବକମାନେ ନିଜ ଜୀବନ ଓ ପରିବାରରେ ପରିବର୍ତ୍ତନର ଉଦାହରଣ ହୋଇଥିବା ଆବଶ୍ୟକ ବୋଲି ସେ କହିଛନ୍ତି । ଆଗାମୀ ଦିନ ମାନଙ୍କର ସ୍ୱୟଂସେବକମାନେ ପଞ୍ଚ ପରିବର୍ତ୍ତନ ଆଧାରରେ କାର୍ଯ୍ୟ କରିବେ ବୋଲି କହିଥିଲେ । ଦେଶର ସମସ୍ତ ସଜ୍ଜନ ଶକ୍ତିମାନଙ୍କୁ ସ୍ୱୟଂସେବକମାନେ ଯୋଡି ଲକ୍ଷ୍ୟ ହାସଲ କରିବା ଦିଗରେ କାମ କରିବେ।

ମୋହନ ଭାଗବତଙ୍କ ଏହି ବିଜୟାଦଶମୀ ଉତ୍ସବର ବାର୍ତ୍ତା ସ୍ପଷ୍ଟ କରିଛି ଯେ ସଂଘ କେବଳ କୌଣସି ସଂଗଠନ ନୁହେଁ ବରଂ ସମାଜ ଓ ରାଷ୍ଟ୍ର ନିର୍ମାଣ ପାଇଁ ଚାଲିଥିବା ଏକ ଯଜ୍ଞ ଯାହା ଗତ ଏକ ଶହ ବର୍ଷ ଧରି ଚାଲି ଆସିଛି ।ଏହି ଯଜ୍ଞରେ ହଜାର ହଜାର ମୌନ ତପସ୍ୱୀ ନିଜ ଜୀବନକୁ ତିଳ ତିଳ କରି ଜଳାଇଛନ୍ତି । ଭାରତ ନିଜର ସାଂସ୍କୃତିକ ଦୃଷ୍ଟି ଓ ଚରିତ୍ର ନିର୍ମାଣର ଶକ୍ତି ଜରିଆରେ ସମଗ୍ର ବିଶ୍ୱକୁ ନୂଆ ଦିଗ ଦେଇପାରିବ । ଆଜି ଯେତେବେଳେ ବୈଶ୍ୱିକ ସ୍ତରରେ ଯୁଦ୍ଧ, ଆତଙ୍କବାଦ, ଜଳବାୟୁ ସଂକଟ ଭଳି ଆହ୍ୱାନମାନ ଦେଖା ଦେଇଛି । ଏହାର ସମାଧାନର ରାସ୍ତା ବାହାରି ପାରୁନାହିଁ ସେତେବେଳେ ଭାରତ ଠାରୁ ଆଶା କିରଣ ଦେଖାଯାଉଛି । ସମ୍ପୂର୍ଣ୍ଣ ବିଶ୍ୱର କଲ୍ୟାଣର ମାର୍ଗ ଭାରତ ନିକଟରେ ରହିଛି। ଏହି ମାର୍ଗ ଭାରତର ମୁନି ଋଷିମାନେ ହଜାର ହଜାର ବର୍ଷର ତପସ୍ୟା ଓ ସାଧନା କରି ଆମକୁ ଦେଖାଇଛନ୍ତି । ସମଗ୍ର ବିଶ୍ୱ ଓ ସମ୍ପୂର୍ଣ୍ଣ ମାନବିକତାର କଲ୍ୟାଣ ପାଇଁ ଏହି ମାର୍ଗ ବିଶ୍ୱକୁ ପ୍ରଦାନ କରିବା ହେଉଛି ଭାରତର କର୍ତ୍ତବ୍ୟ । ଏହା ପ୍ରତ୍ୟେକ ଭାରତବାସୀଙ୍କୁ ବୁଝିବାକୁ ପଡିବ ।

# ମା'କାଳୀ ଓ ଦୀପାବଳି

ଅଲେଖ ଚନ୍ଦ୍ର ସାମଲ

ଦଶ ମହାବିଦ୍ୟାର ପ୍ରଥମ ଶକ୍ତି ହେଉଛନ୍ତି ମା' କାଳୀ । ମହାକାଳୀ, ଶ୍ମଶାନ କାଳୀ, ଗୁହ୍ୟ କାଳୀ, ଭଦ୍ରକାଳୀ, କାମ କାଳୀ, ଦକ୍ଷିଣ କାଳୀ ଆଦି ମା'ଙ୍କର ଅନେକ ରୂପ । ମା'ଜଗଦମ୍ବା ହିଁ ମହାମାୟା । ସେ ପରମେଶ୍ୱରୀ । ସତ୍ତ୍ୱ, ରଜ, ତମ ଏହି ତିନି ଗୁଣ ନେଇ ସମୟାନୁସାରେ ସମ୍ପୂର୍ଣ୍ଣ ବିଶ୍ୱର ସୃଜନ, ପାଳନ ଓ ସଂହାର କରିଥାନ୍ତି ।

ମହାକାଳୀ ଏଭଳି ଶକ୍ତି, ଯାହାଙ୍କ ପୂଜା ମାତ୍ରକେ ସମସ୍ତ କଷ୍ଟ ଦୂର ହୋଇଯାଏ । ସ୍ୱୟଂ ଦୁଃଖ-କାଳ ବି ମା'ଙ୍କୁ ଭୟ କରେ । ସେଥିପାଇଁ ମା'ଙ୍କ କ୍ରୋଧ ରୋକିବାକୁ ସ୍ୱୟଂ ଭଗବାନ ଶିବଙ୍କୁ ତାଙ୍କ ସାମ୍ନାକୁ ଆସିବାକୁ ପଡ଼ିଥିଲା । ମା'ଙ୍କୁ ନେଇ ଅନେକ କାହାଣୀ ରହିଛି। ଶାସ୍ତ୍ରରେ ମା'କାଳୀଙ୍କ ଅସ୍ତିତ୍ୱକୁ ନେଇ ଏକ କଥା ରହିଛି । ରକ୍ତବୀଜ ନାମକ ଏକ ଦାନବକୁ ବରଦାନ ଥିଲା - ସେ ଏକରୁ ଅନେକ ହୋଇପାରିବ । କିନ୍ତୁ ସେ ନିଜ ଶକ୍ତିକୁ ନିର୍ଦ୍ଦୋଶ ଲୋକଙ୍କ ଉପରେ ବ୍ୟବହାର କଲା । ତାର ଦୌରାତ୍ମ୍ୟ ବଢ଼ି ଚାଲିଲା । ସର୍ବତ୍ର ହାହାକାର ପଡ଼ିଲା। ତିନିଲୋକ ଉପରେ ରାଜତ୍ୱ ବିସ୍ତାର କରିବାକୁ ଚାହିଁବାରୁ ଦେବଗଣ ତା'ସହ ଯୁଦ୍ଧ କଲେ । କିନ୍ତୁ ରକ୍ତବୀଜର ଗୋଟିଏ ବୁନ୍ଦା ରକ୍ତରୁ ଅନେକ ରକ୍ତବୀଜ ସୃଷ୍ଟି ହେଲେ । ଠିକ୍ ଏହି ସମୟରେ ମା'ଶକ୍ତିଙ୍କ ତ୍ରିଲୋଚନରୁ ମା'କାଳୀଙ୍କର ଆବିର୍ଭାବ ହେଲା । ମା'ଙ୍କ ରୂପ ଦେଖି ଦାନବଙ୍କ ସମେତ ଦେବତାମାନେ ବି ଭୟଭୀତ ହେଲେ । ମା'କାଳୀ ଦାନବଙ୍କର ବଧ ଆରମ୍ଭ କଲେ । କିନ୍ତୁ ରକ୍ତବୀଜ ନିଜ ରକ୍ତରେ ଅସଂଖ୍ୟ ଦାନବ ସୃଷ୍ଟି କରିଚାଲିଲା । ମା'ଶକ୍ତି ଏହା ଦେଖି ମହାକାଳୀଙ୍କୁ ଆହ୍ୱାନ କଲେ - ଦାନବଙ୍କର ଗୋଟିଏ ବୁନ୍ଦା ରକ୍ତ ଧରିତ୍ରୀରେ ପଡ଼ିବା ଉଚିତ ନୁହେଁ । ଦାନବଙ୍କର ଗଣ୍ଡିରୁ ମୁଣ୍ଡ ଅଲଗା କରି ମହାକାଳୀ ସେମାନଙ୍କର ରକ୍ତ ପିଇବା ଆରମ୍ଭ କଲେ । ଏହିଭଳି ଭାବେ ମା'ରକ୍ତବୀଜକୁ ବଧ କଲେ । ତା'ପରେ ବି ମା'ଶାନ୍ତ ହେଲେ ନାହିଁ । ମା'ଙ୍କୁ ଶାନ୍ତ କରିବା ନିହାତି ଆବଶ୍ୟକ ଥିଲା, କିନ୍ତୁ ତାଙ୍କ ସମ୍ମୁଖରେ ଯିବାର ସାହସ କାହାର ନଥିଲା ।ଭଗବାନ ଶିବ ସ୍ୱୟଂ ମା'ଙ୍କ ସମ୍ମୁଖକୁ ଯାଇ ଶୋଇପଡ଼ିଲେ । ମା'ଙ୍କ ପାଦ ମହାଦେବଙ୍କ ଉପରେ ପଡ଼ିଲା । ମୋ ଦ୍ୱାରା ଏ କ'ଣ ହୋଇଗଲା ବୋଲି ତତ୍‌କ୍ଷଣାତ୍ ମା'ଙ୍କ ଜିହ୍ୱା ବାହାରକୁ ଆସିଗଲା । ମା'ଶାନ୍ତ ହୋଇଗଲେ।

ଧର୍ମ ଓ ଆଧ୍ୟାତ୍ମିକତାର ମହୋତ୍ସବ ଦୀପାବଳି । ଘରର ସୁଖସମୃଦ୍ଧି ପାଇଁ ମା'ଲକ୍ଷ୍ମୀଙ୍କୁ ମଧ୍ୟ ଏହିଦିନ ଆରାଧନା କରାଯାଏ । ବୈଦିକ ଯୁଗ ପରବର୍ତ୍ତୀ ପୁରାଣ ଯୁଗରେ ମଧ୍ୟ ଦୀପାବଳି ମହତ୍ତ୍ୱ ବୃଦ୍ଧିପାଇଛି । ପ୍ରକୃତ ପକ୍ଷେ ଦୀପାବଳି ହେଉଛି ପ୍ରତ୍ୟେକ ଭାରତୀୟଙ୍କ ସୌଭାଗ୍ୟପ୍ରାପ୍ତିର ମହୋତ୍ସବ । ସନାତନ ସଂସ୍କୃତି ଅନୁଯାୟୀ, ଏହି ଦିନ ପିତୃପୁରୁଷଙ୍କ ତୃପ୍ତି ନିମନ୍ତେ ଦୀପଦାନ ଶ୍ରାଦ୍ଧ ବା ପ୍ରୟା ଶ୍ରାଦ୍ଧ ଅନୁଷ୍ଠିତ ହୋଇଥାଏ । ଏହିଦିନ ଘରେ ଘରେ ପରଲୋକଗତ ସପ୍ତ ପୁରୁଷଙ୍କୁ ଶ୍ରାଦ୍ଧ ଦିଆଯାଏ । କାଉଁରିଆ କାଠି ଜାଳି ବଡ଼ବଡୁଆଙ୍କୁ ଡକାଯାଇଥାଏ । ସମସ୍ତେ ଦୀପ ଆଲୋକରେ ଏହିଦିନ ନିଜର ଘରଦ୍ୱାର ସଜେଇବା ସହ ପିତୃ ପୁରୁଷଙ୍କୁ ସ୍ମରଣ କରନ୍ତି ।

ଦୀପାବଳି ପରଦିନ ମା'କାଳୀଙ୍କ ପୂଜା ଅନୁଷ୍ଠିତ ହୋଇଥାଏ । ଋଷି ଦୁର୍ବାସାଙ୍କ ଅଭିଶାପରୁ ଲକ୍ଷ୍ମୀଙ୍କର ସତ୍ତା ଲୋପ ପାଇଯାଇଥିଲା । କାର୍ତ୍ତିକ ଅମାବାସ୍ୟା ଦୀପାବଳି ଦିନ ସମୁଦ୍ରମନ୍ଥନ ସମୟରେ ମହାଲକ୍ଷ୍ମୀଙ୍କ ଆବିର୍ଭାବ ହୋଇଥିବାରୁ ଏହି ଦିନ ମହାଲକ୍ଷ୍ମୀଙ୍କର ପୂଜା ଅନୁଷ୍ଠିତ ହୋଇଥାଏ । ପୁରାଣ କାହାଣୀ ଅନୁଯାୟୀ, ଇନ୍ଦ୍ରଙ୍କ ପ୍ରଚଣ୍ଡ କ୍ରୋଧ ଓ ପ୍ରବଳ ବର୍ଷା ଦାଉରୁ ରକ୍ଷା କରି ଶ୍ରୀକୃଷ୍ଣ ଗୋବର୍ଦ୍ଧନ ପାହାଡ଼କୁ ଗୋଟିଏ ଆଙ୍ଗୁଠିରେ ଉଠାଇ ସମଗ୍ର ଗୋପପୁରକୁ ଏହିଦିନ ଉଦ୍ଧାର କରିଥିବାରୁ ଗୋପପୁରବାସୀ ଏହି ଉତ୍ସବ ପାଳନ କରିଆସୁଛନ୍ତି । ଆଲୋକ ଓ ଆନନ୍ଦର ମହାପାର୍ବଣ ଦୀପାବଳି ଆମ ସମସ୍ତଙ୍କ ଭିତରୁ ଅଜ୍ଞାନତା, କୁଶିକ୍ଷାର ବିରୋଧରେ ଚେତନା ଜାଗରିତ କରୁ ,ଏହା ଆମେ ଚାହିଁବା।

ଯାଜପୁର, ମୋ : ୯୪୩୭୨୫୭୧୨୩

# 'ସର୍ବେ ଭବନ୍ତୁ ସୁଖିନ, ସର୍ବେସନ୍ତୁ ନିରାମୟା...'

ଡକ୍ଟର ବିଚିତ୍ରାନନ୍ଦ ଆଚାର୍ଯ୍ୟ

"ପୁରୁଷୋତ୍ତମଙ୍କୁ ସ୍ୱାଗତ ଜଣାଇବା ପାଇଁ ଅଯୋଧ୍ୟାବାସୀ ନିଜ ଘର ଏବଂ ଅଯୋଧ୍ୟା ନଗରୀକୁ ଆଲୋକମାଳାରେ ସଜାଇଥିଲେ । ଏହି ସ୍ମୃତିସ୍ୱରୂପ ସମଗ୍ର ଭାରତବର୍ଷରେ ଦୀପାବଳି ଉତ୍ସବ ପାଳିତ ହୋଇଆସୁଛି । ସେହିପରି ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ନରକାସୁରଙ୍କୁ ବଧ କରିବାର ପରଦିନ ବ୍ରଜବାସୀ ଦୀପ ଜାଳି ଉତ୍ସବ ପାଳନ କରିଥିଲେ । ସେହିଦିନ ଥିଲା ଦୀପାବଳି । ଅସୁର ବଧ ପାଇଁ ମା'ଦୁର୍ଗା ମହାକାଳୀ ରୂପ ଧାରଣ କରିଥିଲେ । ଅସୁର ବଧ ପରେ ତାଙ୍କ କ୍ରୋଧ ପ୍ରଶମିତ ହୋଇନଥିଲା। କ୍ରୋଧକୁ ପ୍ରଶମିତ କରିବା ପାଇଁ ଭଗବାନ ଶିବ ମହାକାଳୀଙ୍କ ଚରଣ ତଳେ ଶୋଇପଡ଼ିଥିଲେ । ଏହି ସ୍ମୃତିକୁ ଲକ୍ଷ୍ମୀପୂଜନ ଆରମ୍ଭ ହେଲା । ଦୀପାବଳି ରାତିରେ ରୁଦ୍ରରୂପୀ କାଳୀଙ୍କ ପୂଜାବିଧାନ ରହିଛି ।

ଆଲୋକର ପର୍ବ ଦୀପାବଳି । କାର୍ତ୍ତିକ ଅମାବାସ୍ୟା ହେଉଛି, ଦୀପାବଳି ଅମାବାସ୍ୟା । ଅନ୍ଧକାର ଉପରେ ଆଲୋକ ଏବଂ ଅଜ୍ଞାନ ଉପରେ ଜ୍ଞାନର ବିଜୟ ଉତ୍ସବ ହେଉଛି ଦୀପାବଳି । ଅନ୍ଧକାରର ବିନାଶ ଏବଂ ଜ୍ଞାନ ଓ ଆଲୋକର ଉଲ୍ଲାସ ହେଉଛି ଦୀପାବଳିର ପ୍ରତୀକ । ଏହି ଦିନ ରାତିରେ ଘରେ ଘରେ କେବଳ ସୌନ୍ଦର୍ଯ୍ୟ ପାଇଁ ଆଲୋକମାଳା ସଜାଯାଏ ନାହିଁ, ଏହା ଜୀବନର ଗଭୀର ସତ୍ୟକୁ ଅଭିବ୍ୟକ୍ତ ମଧ୍ୟ କରେ । ଆଲୋକ ଯେମିତି ଅନ୍ଧକାରକୁ ଲିଭାଇ ଦିଏ, ଜ୍ଞାନର ଆଲୋକ ସେମିତି ଅଜ୍ଞାନ ଅନ୍ଧକାରକୁ ମଧ୍ୟ ହଟାଇ ଦିଏ । ହୃଦୟରେ ଜ୍ଞାନର ପ୍ରକାଶକୁ ପ୍ରଜ୍ୱଳିତ କରିବା ପାଇଁ ଏହି ଦୀପ ପର୍ବ ପାଳନ କରାଯାଏ । ଧର୍ମ ଓ ଆଧ୍ୟାତ୍ମିକତାର ମହୋତ୍ସବ ଦୀପାବଳି । ଘରର ସୁଖସମୃଦ୍ଧି ପାଇଁ ମା'ଲକ୍ଷ୍ମୀଙ୍କୁ ମଧ୍ୟ ଏହିଦିନ ଆରାଧନା କରାଯାଏ । ବୈଦିକ ଯୁଗ ପରବର୍ତ୍ତୀ ପୁରାଣ ଯୁଗରେ ମଧ୍ୟ ଦୀପାବଳି ମହତ୍ତ୍ୱ ବୃଦ୍ଧିପାଇଛି । ପ୍ରକୃତ ପକ୍ଷେ ଦୀପାବଳି ହେଉଛି ପ୍ରତ୍ୟେକ ଭାରତୀୟଙ୍କ ସୌଭାଗ୍ୟପ୍ରାପ୍ତିର ମହୋତ୍ସବ ।

ସନାତନ ସଂସ୍କୃତି ଅନୁଯାୟୀ, ଏହି ଦିନ ପିତୃପୁରୁଷଙ୍କ ତୃପ୍ତି ନିମନ୍ତେ ଦୀପଦାନ ଶ୍ରାଦ୍ଧ ବା ପ୍ରୟା ଶ୍ରାଦ୍ଧ ଅନୁଷ୍ଠିତ ହୋଇଥାଏ । ଏହିଦିନ ଘରେ ଘରେ ପରଲୋକଗତ ସପ୍ତ ପୁରୁଷଙ୍କୁ ଶ୍ରାଦ୍ଧ ଦିଆଯାଏ । କାଉଁରିଆ କାଠି ଜାଳି ବଡ଼ବଡୁଆଙ୍କୁ ଡକାଯାଇଥାଏ । ସମସ୍ତେ ଦୀପ ଆଲୋକରେ ଏହିଦିନ ନିଜର ଘରଦ୍ୱାର ସଜେଇବା ସହ ପିତୃପୁରୁଷଙ୍କୁ ସ୍ମରଣ କରନ୍ତି । ଦୀପାବଳି ହେଉଛି ସୁଖରାତ୍ରି । ଏହା ଓଡ଼ିଶାର ଏକ ପାରମ୍ପରିକ ଉତ୍ସବ । ଆଲୋକର ଏହି ପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ ପାଇଁ ଘରେ ଘରେ ପ୍ରସ୍ତୁତି ଆରମ୍ଭ ହୋଇଛି । ଅନ୍ଧକାର ଦୂର କରି ପରିବେଶକୁ ଆଲୋକିତ କରିବା ପାଇଁ ଦୀପାବଳି ପାଳନ ହେଉଥିଲେ ମଧ୍ୟ ଏହାର ମୁଖ୍ୟ ଆକର୍ଷଣ ହେଉଛି ଆତସବାଜି ।

ଦ୍ୱାପର ଯୁଗରେ ଦୀପାରି ନାମକ ଏକ ଦୈତ୍ୟର ଅତ୍ୟାଚାରରେ ଅତିଷ୍ଠ ହୋଇ ଦ୍ୱାରିକାଧିପତି ଶ୍ରୀକୃଷ୍ଣଙ୍କ ନିକଟରେ ପ୍ରଜାମାନେ ଗୁହାରି କଲେ । ଶ୍ରୀକୃଷ୍ଣ ଏହିଦିନ ଦୀପାରି ଅସୁରକୁ ବଧ କରିଥିବାରୁ ଏହି ଉପଲକ୍ଷେ ଦୀପାବଳି ଉତ୍ସବ ପାଳନ କରାଯାଉଛି । ଧର୍ମଶାସ୍ତ୍ର ମତରେ, ଏହିଦିନ ଶ୍ରୀକୃଷ୍ଣ ମହାକାଳୀଙ୍କ ସହାୟତାରେ ନରକାସୁରକୁ ବଧ କରିଥିଲେ । ନରକାସୁର ମୃତ୍ୟୁବରଣ କରିବା ପୂର୍ବରୁ ତା'ର ମୃତ୍ୟୁ ଦିବସକୁ ଜଗତରେ ଆନନ୍ଦ ଉତ୍ସବର ଦିବସ ରୂପେ ପାଳନ କରିବାକୁ ବର ମାଗିଥିଲା । ଭଗବାନ ଶ୍ରୀକୃଷ୍ଣ ତାଙ୍କୁ ସେହି ବର ପ୍ରଦାନ କରି ମୃତ୍ୟୁକାଳୀନ ଇଚ୍ଛା ପ୍ରଦାନ କରିଥିବାରୁ ଏହି ଉପଲକ୍ଷେ ଦୀପାବଳି ଉତ୍ସବ ପାଳନ କରାଯାଉଛି । ରାମାୟଣ ମତରେ, ଶ୍ରୀରାମଚନ୍ଦ୍ର ଚଉଦ ବର୍ଷ ବନବାସ ପରେ ଏହିଦିନ ଭାଇ ଲକ୍ଷ୍ମଣ, ପତ୍ନୀ ସୀତା ଏବଂ ହନୁମାନ



ପ୍ରମୁଖ ବାନରବୀରଙ୍କୁ ଧରି ଅଯୋଧ୍ୟା ଫେରିଥିଲେ । ପୁରୁଷୋତ୍ତମଙ୍କୁ ସ୍ୱାଗତ ଜଣାଇବା ପାଇଁ ଅଯୋଧ୍ୟାବାସୀ ନିଜ ଘର ଏବଂ ଅଯୋଧ୍ୟା ନଗରୀକୁ ଆଲୋକମାଳାରେ ସଜାଇଥିଲେ । ଏହି ସ୍ମୃତିସ୍ୱରୂପ ସମଗ୍ର ଭାରତବର୍ଷରେ ଦୀପାବଳି ଉତ୍ସବ ପାଳିତ ହୋଇଆସୁଛି । ସେହିପରି ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ନାରକାସୁରକୁ ବଧ କରିବାର ପରଦିନ ବ୍ରଜବାସୀ ଦୀପ ଜାଳି ଉତ୍ସବ ପାଳନ କରିଥିଲେ । ସେହିଦିନ ଥିଲା ଦୀପାବଳି । ଅସୁର ବଧ ପାଇଁ ମା'ଦୁର୍ଗା ମହାକାଳୀ ରୂପ ଧାରଣ କରିଥିଲେ । ଅସୁର ବଧ ପରେ ତାଙ୍କ କ୍ରୋଧ ପ୍ରଶମିତ ହୋଇନଥିଲା। କ୍ରୋଧକୁ ପ୍ରଶମିତ କରିବା ପାଇଁ ଭଗବାନ ଶିବ ମହାକାଳୀଙ୍କ ଚରଣ ତଳେ ଶୋଇପଡ଼ିଥିଲେ । ଏହି ସ୍ମୃତିକୁ ଲକ୍ଷ୍ମୀପୂଜନ ଆରମ୍ଭ ହେଲା । ଦୀପାବଳି ରାତିରେ ରୁଦ୍ରରୂପୀ କାଳୀଙ୍କ ପୂଜାବିଧାନ ରହିଛି ।

ସେହିପରି ରାଜା ବଳିଙ୍କ ଦାନ ପଣରେ ଦେବତାମାନେ ଭୀତ ହୋଇ ଭଗବାନ ବିଷ୍ଣୁଙ୍କ ଶରଣ ଗଲେ । ବିଷ୍ଣୁ ବାମନ ରୂପରେ ବଳିଙ୍କ ଠାରୁ ତିନିଲୋକ ପ୍ରାପ୍ତ ହେଲେ ଓ ବଳିଙ୍କୁ ପାତାଳକୁ ଚାପିଦେଲେ । ତେବେ ଭଗବାନ କଥା ଦେଲେ ଯେ ବଳି ବର୍ଷକେ ଥରେ ପୃଥ୍ୱୀଲୋକକୁ ଆସିପାରିବେ । ତାଙ୍କ ଆଗମନରେ ଭୂଲୋକବାସୀ ଆନନ୍ଦର ସହ ଦୀପ ପ୍ରଜ୍ୱଳିତ କରିବେ । ସେହିଦିନ ଠାରୁ ଦୀପାବଳି ପର୍ବ ଆରମ୍ଭ ହେଲା । ଦୀପାବଳି ପରଦିନ ମା'କାଳୀଙ୍କ ପୂଜା ଅନୁଷ୍ଠିତ ହୋଇଥାଏ । ଋଷି ଦୁର୍ବାସାଙ୍କ ଅଭିଶାପରୁ ଲକ୍ଷ୍ମୀଙ୍କର ସତ୍ତା ଲୋପ ପାଇଯାଇଥିଲା । କାର୍ତ୍ତିକ ଅମାବାସ୍ୟା ଦୀପାବଳି ଦିନ ସମୁଦ୍ରମନ୍ଥନ ସମୟରେ ମହାଲକ୍ଷ୍ମୀଙ୍କ ଆବିର୍ଭାବ ହୋଇଥିବାରୁ ଏହି ଦିନ ମହାଲକ୍ଷ୍ମୀଙ୍କର ପୂଜା ଅନୁଷ୍ଠିତ ହୋଇଥାଏ । ପୁରାଣ କାହାଣୀ ଅନୁଯାୟୀ, ଇନ୍ଦ୍ରଙ୍କ ପ୍ରଚଣ୍ଡ କ୍ରୋଧ ଓ ପ୍ରବଳ ବର୍ଷା ଦାଉରୁ ରକ୍ଷା କରି ଶ୍ରୀକୃଷ୍ଣ ଗୋବର୍ଦ୍ଧନ ପାହାଡ଼କୁ ଗୋଟିଏ ଆଙ୍ଗୁଠିରେ ଉଠାଇ ସମଗ୍ର ଗୋପପୁରକୁ ଏହିଦିନ ଉଦ୍ଧାର କରିଥିବାରୁ ଗୋପପୁରବାସୀ ଏହି ଉତ୍ସବ ପାଳନ କରିଆସୁଛନ୍ତି ।

ଅତୀତର ମହାନ ପରମ୍ପରାପୁଷ୍ଟ ଦୀପାବଳି ଓ ବର୍ତ୍ତମାନର ଆଭିଜାତ୍ୟପୂର୍ଣ୍ଣ ବାଣ ଫୁଟା ପର୍ବ ଦୀପାବଳି ପାଳନ ବ୍ୟବସ୍ଥାକୁ ତୁଳନା କଲେ ଆମେ କିପରି ଏହି ମହାନ୍ ପର୍ବର ଉଚ୍ଚ ସଂସ୍କୃତିଠାରୁ ଦୂରେଇ ଯାଉଛୁ ତାହା ସ୍ପଷ୍ଟ ହୋଇଥାଏ । ପର୍ବ ପାଳନର ଆନନ୍ଦ ମଧ୍ୟରେ ଯଦି ଦୁଃଖ ଆସିଲା, ମଣିଷଙ୍କ ସମେତ ଧରାପୃଷ୍ଠରେ ବସବାସ କରୁଥିବା ଅସଂଖ୍ୟ ଜାତିର ଜୀବଜନ୍ତୁ ଭୟାତୁର ଓ କ୍ଷତିଗ୍ରସ୍ତ ହେଲେ, ପକ୍ଷୀ, କୀଟପତଙ୍ଗ ଆତଙ୍କିତ ହେଲେ ତେବେ ଏଭଳି ଉତ୍ସବ ପାଳନ ମାଧ୍ୟମରେ ଆମେ ଲାଭ କରୁଛେ କି କ୍ଷତି ଆଣୁଛେ ତାହା ଏବର ପରିପ୍ରେକ୍ଷୀରେ ଗୁରୁତ୍ୱ ସହ ବିଚାର କରିବାର କଥା । ଆଜିର ଏହି ପବିତ୍ର ଦିବସରେ ଆସନ୍ତୁ ସେହି ମହାନ୍ ଜ୍ୟୋତିକୁ ସ୍ୱାଗତ କରିବା ଓ ବିଶ୍ୱରୁ ଅଜ୍ଞାନର ଅମାଅନ୍ଧକାର ଦୂରେଇ ଦେବା ପାଇଁ ପ୍ରାର୍ଥନା କରି କାହାକୁ କ୍ଷତି ପହଞ୍ଚାଇବା ଠାରୁ ଦୂରେଇ ରହି ଦୀପାବଳି ଉତ୍ସବ ପାଳନ କରିବାକୁ ଶପଥ ନେବା । ଦୀପାବଳିର ପବିତ୍ର ସନ୍ଧ୍ୟାରେ ପ୍ରଜ୍ୱଳିତ ପ୍ରଦୀପକୁ ସ୍ୱାଗତ କରି କହିବା - 'ସର୍ବେ ଭବନ୍ତୁ ସୁଖିନ, ସର୍ବେସନ୍ତୁ ନିରାମୟା...'।

କନ୍ଧମାଳ,
ମୋ : ୯୪୩୭୨୪୨୩୧୭

19.10.2025.pmd 1 10/18/2025, 5:38 PM
Black

# ନିଟ୍ ପିଜି ପ୍ରବେଶିକା ପରୀକ୍ଷାରେ ବିଶ୍ୱମ୍ଭରଙ୍କ ସଫଳତା

ଖଣ୍ଡପଡା ୧୮ ।୧୦ (ନି.ପ୍ର) ସ୍ନାତକୋତ୍ତର ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ସର୍ବଭାରତୀୟ ସ୍ତରରେ ଆୟୋଜିତ ନିଟ୍ ୨୦୨୫ ପିଜି ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଛନ୍ତି ଖଣ୍ଡପଡା ବ୍ଲକର ମର୍ଦ୍ଦରାଜପୁର ପଞ୍ଚାୟତ ଅଧିନ ଗିରିଡିପାଟଣା ଗ୍ରାମର ଛାତ୍ର ବିଶ୍ୱମ୍ଭର ଖୁଣ୍ଟିଆ। ଜଣେ ମେଧାବୀ ଛାତ୍ର ଭାବେ ଜଣାଶୁଣା ବିଶ୍ୱମ୍ଭର ୨୦୨୪ ରେ ବ୍ରହ୍ମପୁରସ୍ଥିତ ସରକାରୀ ଆୟୁର୍ବେଦିକ ମହାବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ଏବେ ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ସରକାରୀ ଚିକିତ୍ସାଳୟର ଶଲ୍ୟଚିକିତ୍ସା ବିଭାଗରେ ଡାକ୍ତର ଭାବେ କାର୍ଯ୍ୟରତ ଥିବା ଜଣାପଡିଛି। ନିଟ୍‌ପିଜି ପ୍ରବେଶିକା ପରୀକ୍ଷାରେ ସେ ସଫଳତା ହାସଲ କରିଥିବା ନେଇ ଖବର ପ୍ରଚାରିତ ହେବା ପରେ ଖଣ୍ଡପଡ଼ା ଓ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଆୟୁର୍ବେଦ ଡାକ୍ତର ବିଶ୍ୱମ୍ଭରଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର



ଉଜ୍ଜଳ ଭବିଷ୍ୟତ କାମନା କରିଥିବା ଜଣାପଡିଛି। ଦୃଢ ଆତ୍ମ ବିଶ୍ୱାସ,ଶିକ୍ଷକଙ୍କ ପ୍ରେରଣା ଓ ପରିବାରବର୍ଗଙ୍କ ଆର୍ଶୀବାଦ ଯୋଗୁଁ ସଫଳତାର ଶୀର୍ଷରେ ସେ ପହଞ୍ଚି ପାରିଛନ୍ତି ବୋଲି ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି। ବିଶ୍ୱମ୍ଭରଙ୍କ ସଫଳତାକୁ ନେଇ ପରିବାରବର୍ଗ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

# ରାଜସ୍ୱ ବିଭାଗରେ ୩ ବର୍ଷରୁ ଊର୍ଦ୍ଧ୍ୱ ରହିଥିବା କିରାଣୀଙ୍କୁ ବଦଳି ଦାବି

ବ୍ରହ୍ମପୁର, ୧୮ ।୧୦ ( ନିପ୍ର )ଗଞ୍ଜାମ ଓକିଲ ସଂଘ ସଭାପତି ଜିଲ୍ଲାପାଳ ଗଞ୍ଜାମଙ୍କ ପାଖରେ ଇ-ମେଲ ମାଧ୍ୟମରେ ଅଭିଯୋଗ କରିଛନ୍ତି ଯେ ଗଞ୍ଜାମ ଜିଲ୍ଲାରେ ଥିବା ୨୩ ଟି ତହସିଲ ଗୁଡିକରେ ପାଞ୍ଚ ବର୍ଷରୁ ଅଧିକ ବର୍ଷଧରି କିରାଣୀମାନେ ଚୌକି ମାଡି ବସିଛନ୍ତି । ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ପାରିଦର୍ଶିତା ଆଣିବା ପାଇଁ ସରକାରୀ କର୍ମଚାରୀଙ୍କୁ ଗୋଟିଏ କାର୍ଯ୍ୟାଳୟରେ ସର୍ବାଧିକ ତିନି ବର୍ଷ ରଖିବା ନିୟମ ରହିଥିବା ବେଳେ ତାହା ଠିକ ରୂପେ ପାଳନ ହଉନଥିବା ଦେଖାଦେଇଛି। ଫଳରେ କିରାଣୀମାନଙ୍କ ଔଦ୍ଧତ୍ୟ ବଢିଯାଇଛି ଲାଞ୍ଚ ନ ମିଳିଲେ ଫାଇଲ କାମ ମନ୍ଥର ଗତିରେ ଗତି କରୁଛି, ଓକିଲଙ୍କ ଗରିବ ମହକିଲମାନେ ବହୁତ ହଇରାଣ ହେଉଛନ୍ତି। ଉଦାହରଣ ସ୍ୱରୂପ କନିଷ୍ଠ ତହସିଲ ଅଦାଲତରେ ଫାଇଲ କାମ ତ୍ୱରାନ୍ୱିତ କରିବାକୁ ହେଲେ ନିକଟରେ ଥିବା ପାନ ଓ ଚା ଦୋକାନରେ ବ୍ୟବସ୍ଥିତ ଢଙ୍ଗରେ ଆଗ ଲାଞ୍ଚ ଦେବାକୁ ପଡୁଛି ନ ଦେଲେ କାମ ହେଉ ନାହିଁ ବୋଲି ସାଧାରଣରେ କୁହାଯାଉଛି। ।ଗଞ୍ଜାମ ଜିଲ୍ଲାରେ ଥିବା ଭଞ୍ଜନଗର, ଛତ୍ରପୁର ଓ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବହୁ କିରାଣୀ ବହୁବର୍ଷ ହେଲା ଅଛନ୍ତି। ତେଣୁ ସ୍ୱଚ୍ଛତା ଦୃଷ୍ଟିରୁ ତହସିଲ ଅଦାଲତ ଗୁଡିକରେ ୩ ବର୍ଷରୁ ଅଧିକ ଦିନ ରହିଥିବା କିରାଣୀମାନଙ୍କୁ ତୁରନ୍ତ ବଦଳିକରାଯାଉ ।

# ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ଓ ଲୋକନୃତ୍ୟ ପ୍ରତିଯୋଗିତା

ପୁରୀ, ୧୮ ।୧୦ (ନିପ୍ର): ପୁରୀ ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର,ପୁରୀ ପରିସରରେ ଜିଲ୍ଲା ସ୍ତରୀୟ ବିଜ୍ଞାନ ନାଟକ ଓ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶ୍ରୀକୁମାର ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ୧୧ଟି ବ୍ଲକରୁ ମୋଟ୍ ୧୮ ଗୋଟି ଦଳ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଡି.ଆଇ.ଇ.ଟି. ଅଧକ୍ଷ ସନ୍ତୋଷ ପରିଡ଼ା, ଉପାଧକ୍ଷା ଦେବସ୍ମିତା ମହାପାତ୍ରଙ୍କ ଦ୍ୱାରା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଯାପନୀ ଅବସରରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହ ସଚେତନତା ସୃଷ୍ଟି ଏବଂ ସମାଜକୁ ବୈଜ୍ଞାନିକ ଦୃଷ୍ଟିକୋଣାଭିମୁଖୀ କରିବାରେ ବିଜ୍ଞାନ ନାଟକ ଓ ଲୋକନୃତ୍ୟ ଏକ ବଳିଷ୍ଠ ମାଧ୍ୟମ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦ୍ୱିତିକାନ୍ତ ପ୍ରଧାନ ଓ ଭବମ୍ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ବିଜ୍ଞାନ ନାଟକ ପ୍ରତିଯୋଗିତାରେ ପିଏମ୍ ବିଶ୍ୱମ୍ଭର ବିଦ୍ୟାପୀଠ, ପୁରୀଙ୍କ ପ୍ରଥମ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୋବିନ୍ଦପୁର ଦ୍ୱିତୀୟ, ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ବ୍ରହ୍ମଗିରି ତୃତୀୟ ଏବଂ ଲୋକନୃତ୍ୟ ପ୍ରତିଯୋଗିତାରେ ସୁଖଲତା ସ୍ମୃତି ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ, ପୁରୀ ପ୍ରଥମ, ସିରେଇ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କଣାସ ଦ୍ୱିତୀୟ, ପୁରୀ ଜିଲ୍ଲା ସ୍କୁଲ,ପୁରୀ ତୃତୀୟ ସ୍ଥାନ ହାସଲ କରିଥିଲେ। ବିଚାରକ ଭାବେ ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ଶିକ୍ଷକ ବିକାଶ ଦତ୍ତ, ଭରତ କୁମାର ନାୟକ ଓ ଅନୁପ କୁମାର ଷଡଙ୍ଗୀ କାର୍ଯ୍ୟ ତୁଲାଇଥିଲେ।

# ରମ୍ଭାରେ ସ୍ତନ କର୍କଟ ରୋଗର ସଚେତନତା ରାଲି

ରମ୍ଭା, ୧୮ ।୧୦ (ନିପ୍ର): ମିଞ୍ଚିନି ପାଟଣା ସ୍ଥିତ ଜ୍ଞାନାଲୋକ କୋଚିଙ୍ଗ ସେଣ୍ଟର ଓ ଅଖିଳ ଭାରତୀୟ ମାରୱାଡି ମହିଳା ସମିତିଙ୍କ ମିଳିତ ଆନୁକୂଲ୍ୟରେ ଏକ ସ୍ତନ କର୍କଟ ରୋଗର ଏ ସଚେତନତା ରାଲି ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଜ୍ଞାନାଲୋକ କୋଚିଙ୍ଗର ସମସ୍ତ ଛାତ୍ର ଛାତ୍ରୀ ପୋଷ୍ଟର,ବେନେର ଓ ସ୍ଲୋଗାନ ଦେଇ ରମ୍ଭା ସହର ପରିକ୍ରମା ସହ ପ୍ରତ୍ୟେକ ସାହିର ଘରେ ଘରେ ଓ ଗଳିକନ୍ଦିରେ ପ୍ରଚାର ପତ୍ର ଦେଇ ଲୋକଙ୍କୁ କର୍କଟ ରୋଗ ବିଷୟରେ ଅବଗତ କରାଇ ଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ କର୍କଟ ରୋଗ ବିଶେଷଜ୍ଞ ଡ଼.ସରୋଜ କୁମାର ଦାସ ଅଧକ୍ଷତା କରିଥିବା ବେଳେ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ପ୍ରାକ୍ତନ ଓଡ଼ିଆ ପ୍ରାଧାପକ ଡ଼. ବିଜୟାନନ୍ଦ ମହାପାତ୍ର, ଅଖିଳ ଭାରତୀୟ ମାରୱାଡି ମହିଳା ସମିତିର ସଦସ୍ୟା ଆଶା ବାଜାଜ, ରଜତ କୁମାର ବେହେରା, ବିଭୁତି ସାହୁ, ଶତ୍ରୁଞ୍ଜୟ ଦାସ, ଧର୍ମେନ୍ଦ୍ର ଗୌଡ଼ ପ୍ରମୁଖ ସାମିଲ ହୋଇ ସମସ୍ତଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ସହର ଠାରୁ ପୁର ପଲ୍ଲୀ ପର୍ଯ୍ୟନ୍ତ ଏହି ବାର୍ତ୍ତା ପହଞ୍ଚାଇ ରୋଗର ନିରାକରଣ କେମିତି ହେବ ତାହା ସୂଚାଇଥିଲେ। କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ କାଳିଆ ବେହେରା ଏବଂ ଶାନ୍ତନୁ ପ୍ରଧାନ, ମନୋଜ କୁମାର ପ୍ରଧାନ, ପ୍ରଭଞ୍ଜନ ନାହାକ, ରୁଦ୍ର ବେହେରା ଓ ଅନିଲ ଦଳାଇ ସହଯୋଗ କରିଥିଲେ।

# ଗର୍ଭଣା ସଂକ୍ରାନ୍ତି :ମା’ଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ବିଲ ହୁଡ଼ାରେ ଜାଉ ପ୍ରସ୍ତୁତି କଲେ ଚାଷୀ

ନିରାକାରପୁର, ୧୮ ।୧୦ (ନିପ୍ର): ପବିତ୍ର ଗର୍ଭଣା ସଂକ୍ରାନ୍ତିରେ ଚାଷୀମାନେ ଧାନ ବିଲରେ ଜାଉ କ୍ଷୀରି କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ସମୟରେ ଧାନ ଗଛର ଗର୍ଭରେ ଧାନକେଣ୍ଡା ମାନ ବାହାରକୁ ବାହାରିଥାଏ। ତେଣୁ ଚାଷୀଭାଇମାନେ ଭଲ ଧାନ ଫସଲ ଅମଳ ଓ ରୋଗପୋକ ଦାଉରୁ ରକ୍ଷା ନିମନ୍ତେ ଧାନକ୍ଷେତର ହିଡ଼ ମୁଣ୍ଡରେ ଯାଉ ପ୍ରସ୍ତୁତିକରି ଧାନ ମାଣିକାର ଦେବୀ ମା’ଲକ୍ଷ୍ମୀଙ୍କର ନିକଟରେ ଭୋଗଲାଗି କରିବା ସହିତ ଭଲ ଫସଲ ପାଇଁ ପ୍ରାର୍ଥନା କରିଥାନ୍ତି। ଏହି ଦିନ ଚାଷୀ ସକାଳୁ ସ୍ନାନ ପରେ ନୂତନ ବସ୍ତ୍ର ପିନ୍ଧି ନୂଆ ଆଟିକା ସହ ଜାଉ କ୍ଷୀରି ପ୍ରସ୍ତୁତି ସାମଗ୍ରୀ ଧରି ଧାନ କ୍ଷେତରେ ପହଞ୍ଚେ ।ପରମ୍ପରା ଅନୁସାରେ ହିଡ଼ ମୁଣ୍ଡରେ ଅରୁଆ ଚାଉଳ, କ୍ଷୀର, ନଡ଼ିଆରେ ଜାଉ କ୍ଷୀରି ପ୍ରସ୍ତୁତ କରେ। ପ୍ରସ୍ତୁତି କ୍ଷୀରିକୁ ମା’ଅନ୍ନଦାତ୍ରୀଙ୍କ ନାମରେ



ଭୋଗଲାଗି କରାଯାଇଥାଏ। ନିରାକାରପୁର ଓ ଜଂକିଆ ଅଞ୍ଚଳ ଥିବା ସମସ୍ତ ଚାଷୀଭାଇମାନେ ମା’ଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ଧାନ ଜମିର ହିଡ଼ ମୁଣ୍ଡରେ ପରିବାର ସଦସ୍ୟଙ୍କ ସହିତ ଖିରି ପ୍ରସ୍ତୁତି କରୁଥିବା ଦେଖିବାକୁ ମିଳିଥିଲା ।ହରିବୋଲ, ହୁଳହୁଳିରେ ଧାନ ଗହୀର ଜମିରେ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା। ଗର୍ଭଣା ସଂକ୍ରାନ୍ତି ସହ କୃଷ୍ଣପକ୍ଷ ଏକାଦଶୀ ହୋଇଥିବାରୁ ସ୍ଥାନୀୟ ବିଭିନ୍ନ ମନ୍ଦିର ବେଢା ଉତ୍ସବ ମୁଖର ହୋଇ ଉଠିଥିଲା।

# ନିୟମଗିରିରୁ ‘ଦୁଆରେ ପ୍ରଶାସନ’ କାର୍ଯ୍ୟକ୍ରମ ଶୁଭାରମ୍ଭ

ରାୟଗଡ଼/ବିଷମକଟକ, ୧୮ ।୧୦ (ନିପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଐତିହାସିକ ତଥା ଲୋକାଭିମୁଖୀ ଯୋଜନା ’ପିଏମ ଜନମନ’ର ଲକ୍ଷ୍ୟ ସହ ସମନ୍ୱିତ ଏକ ଅନନ୍ୟ ପ୍ରୟୋଗ ଭାବେ ରାୟଗଡା ଜିଲ୍ଲା ପ୍ରଶାସନ, ଓଡ଼ିଶାର ପ୍ରଥମ କରି (ପିଭିଟିଜି), ବିଶେଷ ଭାବେ ପ୍ରଭାବିତ ଜନଜାତିଙ୍କ ନିମନ୍ତେ ଘର ପର୍ଯ୍ୟନ୍ତ ସେବା ପହଞ୍ଚାଇବା ଲକ୍ଷ୍ୟରେ ଆଜି ଏକ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି । ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ସଫଳତା ର ସହ ବିଷମକଟକ ବ୍ଲକ ନିୟମଗିରିର କୁର୍ଲି ପଞ୍ଚାୟତ ଠାରେ ଉଦ୍‌ଘାଟନ ହୋଇଯାଇଛି। ବିଷମକଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପଟ୍ଟନାୟକ ଏବଂ ସହକାରୀ ଯନ୍ତ୍ରୀ ଝରଣା ତ୍ରିପାଠୀଙ୍କ ପରିକଳ୍ପନା ଓ ମିଳିତ ଉଦ୍ୟମ ରେ ନିୟମଗିର ଖମ୍ବେସୀ ଗ୍ରାମଠାରୁ ‘ଦୁଆରେ ପ୍ରଶାସନ‘ କାର୍ଯ୍ୟକ୍ରମର ପ୍ରୟୋଗ ଆରମ୍ଭ କରାଯାଇଛି । ଏହି ପ୍ରୟାସ ମାଧ୍ୟମରେ ବିଷମକଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଅଧୀନରେ ଥିବା ପିଭିଟିଜି ପଞ୍ଚାୟତ ଓ ସେଥିରେ ବସବାସ କରୁଥିବା ହିତାଧିକାରୀ ମାନଙ୍କୁ ଘର ପର୍ଯ୍ୟନ୍ତ ଭତ୍ତା ପହଞ୍ଚାଇବା ଯୋଜନାର ପ୍ରୟାସ କରାଯାଇଛି । ଏହା ନିୟମଗିରିର ଶତାଧିକ ହିତାଧିକାରୀଙ୍କ ଜୀବନକୁ ସିଧାସଳଖ ପ୍ରଭାବିତ କରିବ ବୋଲି କାର୍ଯ୍ୟ କାରି କରାଯାଇଛି । ଏହି ପଦକ୍ଷେପକୁ କେବଳ ଏକ ଦାୟିତ୍ୱ କିମ୍ବା ଦୃଷ୍ଟିକୋଣ ନୁହଁ, ବରଂ ଏହାକୁ ଯଥେଷ୍ଟ ଗୁରୁତ୍ୱ ଦେଇ ପ୍ରଶାସନ ଯୋଜନା କରିଥିବା ଦେଖିବାକୁ ମିଳିଛି। ପିଭିଟିଜି ଅଞ୍ଚଳର ହିତାଧିକାରୀଙ୍କ ନିମନ୍ତେ ଭତ୍ତା ବିତରଣ ପାଇଁ ବିଶେଷ ଡିଜାଇନ୍ ଥିବା ଲଫାଫା ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଛବି ସହିତ ଘରେ ଘରେ ପେନ୍‌ସନ ପହଁଞ୍ଚାଇବାର ପ୍ରୟାସ କରାଯାଇଥିବା ଦେଖିବାକୁ ମିଳିଛି। ପ୍ରକାଶ ଥାଉକି ଏନଏସଏପ ଯୋଜନା ଅଧୀନରେ ଡିବିଟି ମାଧ୍ୟମରେ ପେନ୍‌ସନ ରାଶି ହିତାଧିକାରୀଙ୍କ ଖାତାକୁ ସିଧାସଳଖ ଯାଉଛି। କିନ୍ତୁ ମଧୁବାବୁ ପେନ୍‌ସନ ଯୋଜନା (ଏମବିପିୱାଇ) ହିତାଧିକାରୀମାନଙ୍କୁ ନିକଟସ୍ଥ ଗ୍ରାମପଞ୍ଚାୟତରୁ ଯାଇ ଆଣିବାକୁ ପଡୁଛି । ଭୌଗୋଳିକ ଦୃଷ୍ଟିରୁ ଓ ଦୁର୍ଗମ ପାହାଡ଼, ଜଙ୍ଗଲ ଅଞ୍ଚଳ ଦେଇ ମାଇଲ୍ ମାଇଲ୍ ଚାଲି ନିକଟସ୍ଥ ପଞ୍ଚାୟତକୁ ଆସିବାକୁ ହିତାଧିକାରୀ ବାଧ ହେଉଥିଲେ। କିନ୍ତୁ ଏହି ପ୍ରୟୋଗ ଦ୍ୱାରା ନିୟମଗିରି ଅଞ୍ଚଳର ହିତାଧିକାରୀଙ୍କ ‘ଘର ପର୍ଯ୍ୟନ୍ତ ପେନ୍‌ସନ ପହଞ୍ଚାଇବା‘ର ବାଟ ଆପଣେଇଛି ବିଷମକଟକ ବ୍ଲକ ପ୍ରଶାସନ।

“ଏହା କେବଳ ଭତ୍ତା ବଣ୍ଟନ ନୁହେଁ ବରଂ ଲୋକଙ୍କ ସହିତ ଓ ଲୋକଙ୍କ ପାଇଁ ପ୍ରଶାସନ, ଓ ସମାଜର ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ସେବା ପହଞ୍ଚାଇବାର ଏକ ଉଦ୍ୟମ, ଏବଂ ରାୟଗଡା ଜିଲ୍ଲା ଏହି ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି ବୋଲି ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ପ୍ରକାଶ କରିଛନ୍ତି ” ଏହି ‘ଦୁଆରେ ପ୍ରଶାସନ’ କାର୍ଯ୍ୟକ୍ରମ ମାଧ୍ୟମରେ କୁର୍ଲି ପଞ୍ଚାୟତର ପାଖାପାଖି ୫୨୦, କାଙ୍କୁବାଡିର କୁର୍ମା ଗ୍ରାମର ୩, ଚାଞ୍ଚଡାଗୁଡାର ୨୮୦ ଏବଂ ଡାଲିଆକୁଜି ଗ୍ରାମ ପଞ୍ଚାୟତର ୨୮୪, ଏଭଳି ଚାରୋଟି ପିଭିଟିଜି ପଞ୍ଚାୟତର ପାଖାପାଖି ୧୧୧୭ରୁ ଅଧିକ ହିତାଧିକାରୀ ଏହି ଯୋଜନା ଦ୍ୱାରା ଲାଭାନ୍ୱିତ ହେବେ ବୋଲି ବିଷମକଟକ ବିଡିଓ ଶିବ ପଟ୍ଟନାୟକ ପ୍ରକାଶ କରିଛନ୍ତି । ଏହି ପଦକ୍ଷେପ ଆମ ଅଞ୍ଚଳର ଲୋକଙ୍କ ପାଇଁ ଅତ୍ୟାବଶ୍ୟକ ଓ ଏହାକୁ ବାସ୍ତବତା ରେ ପରିଣତ କରିବା ପାଇଁ ସରପଞ୍ଚ ଶୁଭର୍ଦନୀ ୱାଡକା ଜିଲ୍ଲା ତଥା ବ୍ଲକ ପ୍ରଶାସନ କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ତେବେ ଏହି ପ୍ରୟୋଗ ନିୟମଗିରି ପର୍ବତ ଶୃଙ୍ଖଳାର ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଅଧିବାସୀଙ୍କ ଜୀବନରେ ନୂଆ ଆଶା ଓ ଉତ୍ସାହ ଆଣିଥିବା କୁହାଯାଉଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ପଂଚାୟତ ସମିତି ଅଧାକ୍ଷା ଯଶୋଦା ହୁଇକା, ଉପାଧକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ ଓ ଅନ୍ୟାନ୍ୟ ଅଧିକାରୀ ଯୋଗଦେଇ ଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ ସଂଯୋଜନା ବିଷମକଟକ ସାମାଜିକ ସୁରକ୍ଷା ଅଧିକାରୀ ମୁନା ତାଡିଙ୍ଗି, ଡିଇଓ ସର୍ବଜିତ ପାଢ଼ୀ କରିଥିବା ବେଳେ ଏହାକୁ ସଫଳ ଆୟୋଜନ ପାଇଁ ସମସ୍ତ ବ୍ଲକ ପ୍ରଶାସନ ନିଜର ଯୋଗଦାନ ଦେଇଥିବା ବିଷମକଟକ ବିଡିଓ ପ୍ରକାଶ କରିଛନ୍ତି ।

# ରାୟଗଡ଼ାରେ ଓରମାସ ଦୀପାବଳି ଉତ୍ସବ ଷ୍ଟଲ୍ ଉଦ୍‌ଘାଟିତ

ରାୟଗଡ଼, ୧୮ ।୧୦ (ନିପ୍ର); ରାୟଗଡ଼ାର ସିଡିଓ -କମ-ଇଓ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ ରାୟଗଡ଼ାର ଜନଜାତି ସେବା ଜଗତ କାର୍ଯ୍ୟାଳୟ ପରିସର, ଟ୍ରାଇବାଲ୍ ୱାର୍ଲ୍ଡ ସମ୍ମୁଖରେ ଓରମାସ, ଦୀପାବଳି ଉତ୍ସବ ଷ୍ଟଲର ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ରାୟଗଡା, ଡେପୁଟି ସିଓ, ଓରମାସ, ଏବଂ ଅନେକ ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଓରମାସ, ରାୟଗଡ଼ା ଦ୍ୱାରା ଆୟୋଜିତ ଦୀପାବଳି ଉତ୍ସବ ୧୬ ଅକ୍ଟୋବରରୁ ଆସନ୍ତା ୨୦ ଅକ୍ଟୋବର, ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଗ୍ରାମୀଣ କାରିଗର ଏବଂ ଉତ୍ପାଦକମାନଙ୍କୁ ସେମାନଙ୍କ ହସ୍ତଶିଳ୍ପ ଉତ୍ପାଦ



ପ୍ରଦର୍ଶନ ଏବଂ ବିକ୍ରୟ କରିବା ପାଇଁ ସହରାଞ୍ଚଳରେ ଏକ ଅର୍ଥପୂର୍ଣ୍ଣ ମାର୍କେଟିଂ ପ୍ଲାଟଫର୍ମ ପ୍ରଦାନ କରିବା। ଷ୍ଟଲଗୁଡ଼ିକରେ ବିଭିନ୍ନ ପ୍ରକାରର ପାରମ୍ପରିକ ଏବଂ ଉତ୍ସବକାଳୀନ ସାମଗ୍ରୀ ପ୍ରଦର୍ଶିତ ହୋଇଛି - ଯେଉଁଥିରେ ମାଟିର ଦୀପ, ମହମବତି, ସାଜସଜ୍ଜା ଆଲୋକ, କୃତ୍ରିମ ଫୁଲ, ଆଦିବାସୀ ହସ୍ତଶିଳ୍ପ, ପାହାଡ଼ୀ ଝାଡୁ, ପୂଜା ତେଲ, ଧୂପକାଠି ଏବଂ ଅନ୍ୟାନ୍ୟ ସ୍ଥାନୀୟ ଭାବରେ ନିର୍ମିତ ଉତ୍ପାଦ ଅନ୍ତର୍ଭୁକ୍ତ। ଏହି ପଦକ୍ଷେପ କେବଳ ଗ୍ରାମୀଣ ଏବଂ ଆଦିବାସୀ କାରିଗରଙ୍କ ଜୀବିକାକୁ ସମର୍ଥନ କରେ ନାହିଁ ବରଂ ସହରାଞ୍ଚଳ ଗ୍ରାହକମାନଙ୍କୁ ଉତ୍ପାଦକଙ୍କଠାରୁ ସିଧାସଳଖ ପରିବେଶ ଅନୁକୂଳ, ହସ୍ତନିର୍ମିତ ଏବଂ ପାରମ୍ପରିକ ଉତ୍ପାଦ କ୍ରୟ କରିବାକୁ ଉତ୍ସାହିତ କରି ’ଲୋକଙ୍କ ପାଇଁ ଭୋକାଲ’ ଭାବନାକୁ ପ୍ରୋତ୍ସାହିତ କରେ। ସିଡିଓ-କମ୍-ଇଓ ଶ୍ରୀଯୁକ୍ତ ଖେମୁଣ୍ଡୁ ଓରମାସ ଏବଂ ସମସ୍ତ ଅଂଶଗ୍ରହଣକାରୀ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଉତ୍ପାଦକ ଗୋଷ୍ଠୀଙ୍କ ଦୀପାବଳି ଉତ୍ସବରେ ସକ୍ରିୟ ଅଂଶଗ୍ରହଣ ପାଇଁ ପ୍ରୟାସକୁ ପ୍ରଶଂସା କରିଛନ୍ତି।

ସେ ରାୟଗଡ଼ାର ସ୍ଥାନୀୟ ନାଗରିକମାନଙ୍କୁ ଷ୍ଟଲ ପରିଦର୍ଶନ କରିବାକୁ ଏବଂ ଗ୍ରାମୀଣ ଉଦ୍ୟୋଗୀମାନଙ୍କୁ ସେମାନଙ୍କର ସମର୍ଥନ ଦେବାକୁ ଉତ୍ସାହିତ କରିଛନ୍ତି।

# ‘ଭଜନ କୀର୍ତ୍ତନ ମାନସିକ ଶାନ୍ତି ଦେଉଛି’

ପୁରୀ, ୧୮ ।୧୦ (ନିପ୍ର): ହବିଷ୍ୟାଳୀ କେନ୍ଦ୍ରଗୁଡ଼ିକରେ ପ୍ରତି ସଂଧ୍ୟାରେ ପରିବେଷିତ ହେଉଛି ପାଲା,ଦାସକାଠିଆ, ସଂକୀର୍ତ୍ତନ, ଭଜନ ଓ ପ୍ରବଚନ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ। ଏହି ଆଧାତ୍ମିକ ଭାବଧାରାର ସାଂସ୍କୃତିକ କାର୍ଯ୍ୟକ୍ରମ ହବିଷ୍ୟାଳୀ ମା ମାନଙ୍କୁ କେବଳ ମନୋରଞ୍ଜନ ଦେଉନାହିଁ ବରଂ ମାନସିକ ଶାନ୍ତି ପ୍ରଦାନରେ ସହାୟକ ହେଉଛି ବୋଲି କହିଛନ୍ତି ହବିଷ୍ୟାଳି ମା ମାନେ। ବଲାଙ୍ଗୀରର ବୀଣାପାଣି ମିଶ୍ର, ଖୋର୍ଦ୍ଧା ର ରଶ୍ମି ପ୍ରିୟା ବାଇ,ଲକ୍ଷ୍ମୀ ଦେଇ,ସୁଷମା ସ୍ୱାଇଁ, ଗଞ୍ଜାମର ସୁଜ୍ଞାନୀ ସାହୁ,କଟକର ମମତାପ୍ରଭା ରାଉତ, ବୌଦ୍ଧର ପୂର୍ଣ୍ଣବାସୀ ସାହୁ ପ୍ରମୁଖଙ୍କ ମତରେ ଏହା ଏକ ନିଆରା ଅନୁଭବ। ଆମେ ଘର ଦ୍ୱାର ଛାଡି ଆସିଲା ବେଳେ ଆଶଙ୍କା ଥିଲା,ଅଜଣା, ଅଶୁଣା ଲୋକ, ତାଙ୍କ ସହ କେମିତି ମିଶିବୁ, କେମିତି ଚଳିବୁ। ପିଲାମାନଙ୍କ କଥା ମନେ ପଡିବ। ହେଲେ ଏଠାରେ କଳାଠାକୁରଙ୍କୁ ଥରେ ଦେଖି ଆଖିରୁ ଦି ଟୋପା ଲୁହ ଗଡିଗଲା ପରେ ସବୁ ମା ମାନେ ନିଜର ନିଜର ଲାଗିବାକୁ ଲାଗିଲେ। ବୋଧହୁଏ ସେ ଦୁଇ ଟୋପା ଲୁହ ପରିବାର ପ୍ରତି ଥିବା ମୋହ,ଆକର୍ଷଣକୁ ଧୋଇ ଦେଲା। ହୃଦୟରେ ପିଲା, ପରିବାର ସ୍ଥାନରେ ମହାପ୍ରଭୁ ସ୍ଥାନିତ ହେଲେ। ଦିନ ରାତି ଏଠି କେବଳ ତାଙ୍କରି ଚିନ୍ତା। ଆମେ ଆମ ପାରିବାରିକ ଜଞ୍ଜାଳ ମଧ୍ୟରୁ କେବେ ହେଲେ ଏତେ ଦିନ ପାଇଁ ବାହାରି ମହାପ୍ରଭୁଙ୍କ ଦର୍ଶନ ଲାଗି ଆସି ପାରି ନ ଥାନ୍ତୁ।ତାଙ୍କରି ଡାକରା ରେ ଆସିଛୁ। ଅତି ସୁନ୍ଦରରେ ଦର୍ଶନ କରୁଛୁ। ହୁଏତ ପରିବାର ସହ ବା ଏକୁଟିଆ ଆସୁଥିଲେ ଏମିତି ଦର୍ଶନ ସମ୍ଭବ ହେଉ ନ ଥାନ୍ତା। ଆମକୁ ସ୍ୱତନ୍ତ୍ର ଭାବେ ସ୍ୱେଚ୍ଛାସେବୀ ମାନେ ବା ସରକାରୀ କର୍ମଚାରୀ ନେବା ଆଣିବା କରିବା ଆମ ପାଇଁ ସ୍ୱପ୍ନ ଓ ଗୌରବ ଲାଗୁଛି ବୋଲି କହନ୍ତି ହବିଷ୍ୟାଳୀ ମା ମାନେ। ଦିନ ସାରା ହବିଷ୍ୟାଳି ବ୍ରତର ପୁରାଣ ପଢିବା, ଶୁଣିବା ପ୍ରତି ଯେଉଁ ନିଷ୍ଠା ଓ ସମର୍ପଣ ତାହା ଆଦୌ ଘରେ ସମ୍ଭବ ନୁହେଁ।ଆମକୁ ଏହି ହବିଷ୍ୟାଳି କେନ୍ଦ୍ର ରେ ଯେଉଁ ସୁବିଧା ମିଳୁଛି ତାହା ଅନନ୍ୟ ଓ ଖୁବ ଭଲ। ଆମେ ନାଚୁଛୁ,ଗାଉଛୁ,ସାଙ୍ଗ ସାଥି ବନଉଛୁ। ଏହି ସବୁ ପ୍ରତିଭା ଆମ ଭିତରେ ଲୁଚି ରହିଥିଲା ବୋଲି ଆମେ ବି ଭାବି ପାରୁନୁ।କିନ୍ତୁ ଆମେ ଛୋଟ ପିଲାଙ୍କ ପରି ନିର୍ଭୟ ରେ ଏ ସବୁ କରି ପାରୁଛୁ। କାରଣ ଆମେ ଅନୁଭବ କରୁଛୁ ଆମ ଚାରି ପାଖରେ ସୁରକ୍ଷାର ବଳୟ ଅଛି। ଆମ ନିଜ ଠାରୁ ଆହୁରି ନିଜର ଦାୟିତ୍ୱ ନେଉଥିବା ଏହି ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ ମାନେ ରହୁଛନ୍ତି। ଆମେ ଯେଉଁ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖୁଛୁ ତାହା ଆମକୁ ଆନନ୍ଦ ସହ ଅନେକ ଶିକ୍ଷା ଦେଉଛି।

# ଡ୍ରେନ ନିର୍ମାଣରେ ଅନିୟମିତତା ଅଭିଯୋଗ

ଭାପୁର, ୧୮/୧୦(ନିପ୍ର): ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ ନୟାଗଡ଼ ଜ଼ିଲ୍ଲା ଭାପୁର ବ୍ଲକର ପ୍ରଶାସନ ଓ ରାଜନେତାଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଦୁର୍ନୀତି ଶେଷ ସୀମାରେ ପହଂଚିଛି। ଭାପୁର ବ୍ଲକରେ ଏମିତି ପ୍ରକଳ୍ପ ନାହିଁ ଯେଉଁଠି ଦୁର୍ନୀତିର ଗନ୍ଧ ନାହିଁ ? ଏହିଭଳି ଏକ ପ୍ରକଳ୍ପ ଫତେଗଡ଼ ଗ୍ରାମରେ ଡ୍ରେନ ନିର୍ମାଣରେ ଅନିୟମିତତା ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ନୟାଗଡ଼ ଜ଼ିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଭାପୁର ପଂଚାୟତ ସମିତି ଜରିଆରେ ନିର୍ମାଣ ହୋଇଥିବା ଫତେଗଡ ଗ୍ରାମର ନାରାୟଣ ତ୍ରିପାଠୀଙ୍କ ଘର ପଛ ପାର୍ଶ୍ୱରୁ ତ୍ରିନାଥ ମହାରଣା ଗ୍ୟାରେଜ ପର୍ଯ୍ୟନ୍ତ ୧୫୦ ମିଟର ଡ୍ରେନ ନିର୍ମାଣରେ ବଡ ଘୋଟଲା ହୋଇଥିବା ଅଭିଯୋଗ ହୋଇଛି। ଏହି କାର୍ଯ୍ୟ ନିର୍ମାଣ ପାଇଁ ୨୦୨୪/୨୫ ଆର୍ଥିକ ବର୍ଷରେ ଦୁଇ ଲକ୍ଷ ପଞ୍ଚସ୍ତରୀ ହଜାର ଟଙ୍କା ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଆୟୋଗଙ୍କ ପାଣ୍ଠିରୁ ଅନୁଦାନ ହୋଇଥିଲା କିନ୍ତୁ, ଡ୍ରେନ କାର୍ଯ୍ୟ ନ ହୋଇ ସମ୍ପୂର୍ଣ ଅର୍ଥ ଆତ୍ମସାତ ହୋଇଥିବା ନେଇ ଅଭିଯୋଗ ହୋଇଛି । ତେଣୁ,ଜ଼ିଲ୍ଲା ପ୍ରଶାସନ ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।



# ଧାନଚାଷ ଜମିରେ ପତ୍ର ପୋଡ଼ା,ମୂଳସଢ଼ା ଓ ମଇଁଷିଆ ରୋଗ,ଚିନ୍ତାରେ ଚାଷୀ

ଚାରିଛକ, ୧୮ ।୧୦ (ନିପ୍ର): ଚାରିଛକ ନିକଟସ୍ଥ ଭୋଗଶାଳଦା, ତମ୍ପାଳୋ, ଛଣିଜଙ୍ଗ, ବାହାରଣା, ଭୋଦର, କଳାପାଂଚଣ,ତୁଳସୀପୁର ଆଦି ପଞ୍ଚାୟତରେ ଅଧିକାଂଶ ଧାନ ଚାଷ ଜମିରେ ଏହି ପତ୍ର ପୋଡା,ମୂଳସଢା ଓ ମଇଁଷିଆ ରୋଗ ହେବାଫଳରେ ଥୋଡ ସମୟରେ ଧାନଗଛ ସବୁ ହଳଦିଆ ପଡି କୁଜା ହୋଇଯାଉଛି। କେତେକ ପଂଚାୟତରେ ଚାଷ ଜମିରେ ଚକଡା ପୋକ ଲାଗିଥିବା ନେଇ ଅନେକ ଚାଷୀଙ୍କ ଠାରୁ ଶୁଣିବାକୁ ମିଳିଛି । ଚାଷୀମାନେ ନାନା ପ୍ରକାର ଔଷଧ ପକାଇଲେ ସୁଧା କୌଣସି ସୁଫଳ ମିଳୁନଥିବାରୁ ଚାଷୀମାନେ ଘୋର ଚିନ୍ତାରେ ପଡିଯାଇଛନ୍ତି । କିନ୍ତୁ ବର୍ତ୍ତମାନ ଚାଷୀଙ୍କ ଆର୍ଥିକ ଅବସ୍ଥା ଭଲ ନଥିବାରୁ ଚାଷୀମାନେ ଔଷଧ କିଣି ପକାଇବା ସମ୍ଭବ ହୋଇପାରୁନାହିଁ । ଜିଲ୍ଲା କୃଷି ବିଭାଗର ଅବହେଳା ହେତୁ ବ୍ଲକରେ ଏଭଳି ସବୁ ଫସଲ ହାନି ପ୍ରତ୍ୟେକବର୍ଷ ଘଟୁଥିବା ନେଇ ଚାଷିମାନେ ଅଭିଯୋଗ କରିଛନ୍ତି । ଏ ସଂପର୍କରେ କୃଷି



ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇବାପରେ କୃଷି ବିଭାଗ ଅଧିକାରୀମାନେ ଧାନ ଜମି ସବୁ ପରିଦର୍ଶନକରି ଫେରିଥିଲେ ମଧ୍ୟ ଏହାର ପ୍ରତିକାର ପାଇଁ ଗୁରୁତ୍ୱ ଦେଇନାହାନ୍ତି । ଏହାର ପ୍ରତିକାର କରାନଗଲେ ଆଗାମୀ ଦିନରେ କୃଷକନେତା କୃଷ୍ଣଚନ୍ଦ୍ର ରାଉତଙ୍କ ସମେତ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ ନିମ୍ନମାନର ଅଭିଯୋଗ, ତଦନ୍ତ କଲେ ଜିଲ୍ଲାପାଳ

ଖଣ୍ଡପଡ଼ା, ୧୮ ।୧୦(ନି.ପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳୀପୁର ପଞ୍ଚାୟତସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ନେଇ ପଞ୍ଚାୟତବାସୀ ବାରମ୍ବାର ଗ୍ରାମ୍ୟ ଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲ୍ଲାପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ହେଁ କୌଣସି ସୁଫଳ ମିଳୁ ନଥିବା ଅଭିଯୋଗ ହେଉଛି। ତେବେ ନୟାଗଡ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଖଣ୍ଡପଡ଼ା ଅଞ୍ଚଳକୁ ଗସ୍ତରେ ଆସି ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ଅବସରରେ ବନମାଳୀପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନରେ ଯାଇଥିଲେ। ଖବର ପାଇ ସ୍ଥାନୀୟ ବାସିନ୍ଦା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପହଞ୍ଚି ଜିଲ୍ଲାପାଳଙ୍କୁ ଭେଟିବା ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଅଭିଯୋଗ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଠିକାଦାର ମନଇଚ୍ଛା କାର୍ଯ୍ୟ କରୁଥିବା ବେଳେ କାର୍ଯ୍ୟ ତଦାରଖ ଦାୟୀତ୍ୱରେ ଥିବା ଗ୍ରାମ୍ୟଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ନିମ୍ନମାନର କାର୍ଯ୍ୟ ପ୍ରତି ଆଖି ବୁଜି ଦେଇଥିବା ନେଇ ଅଞ୍ଚଳବାସୀ ଅଭିଯୋଗ ଉଠାଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଜିଲ୍ଲାପାଳ ନିର୍ମାଣାଧୀନ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ତେବେ ଏ ସଂପର୍କରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ସଂପୃକ୍ତ ଠିକାଦାରଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସ୍ଥାନୀୟ ବାସିନ୍ଦାଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି। ପ୍ରକାଶଥାଉକି ୧ କୋଟି ଟଙ୍କା ବ୍ୟୟରେ ଗ୍ରାମ୍ୟଉନ୍ନୟନ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ନିର୍ମାଣ କାର୍ଯ୍ୟ ଗତ ୨ ବର୍ଷ ତଳୁ ଆରମ୍ଭ ହୋଇଥିଲେ ହେଁ ଅଦ୍ୟାବଧି ସ୍ୱାସ୍ଥ୍ୟକେନ୍ଦ୍ରର ୧୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିବା ଜଣାପଡିଛି। ଗ୍ରାମ୍ୟଉନ୍ନୟନ ବିଭାଗ କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତାର ସୁଯୋଗ ନେଇ ଠିକାଦାର ଯେଉଁ ଭଳି ଢଙ୍ଗରେ କାର୍ଯ୍ୟ କରୁଛି। ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କାର୍ଯ୍ୟ କେବେ ଶେଷ ହେବ ସେ ନେଇ ଅନିଶ୍ଚିତତା ଦେଖା ଦେଇଥିବାରୁ ସାଧାରଣରେ ଅସନ୍ତୋଷ



ପ୍ରକାଶ ପାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ନିର୍ମାଣରେ ହେଉଥିବା ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଗ୍ରାମ୍ୟଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଭିଜିଲାନ୍ସ ବିଭାଗ ଦୃଷ୍ଟି ଦେବାକୁ ବନମାଳୀପୁର ପଞ୍ଚାୟତବାସୀ ଦାବି କରିଛନ୍ତି। ଜିଲ୍ଲାପାଳଙ୍କ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଶାନ୍ତ କୁମାର ଦାଶ ଓ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଗଣ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ।

## ଘାଟିରୁ ତଳକୁ ଖସିଲା ଗାଡ଼ି: ୮ ମୃତ, ୮ ଆହତ

ନନ୍ଦୁରବାର,୧୮।୧୦: ମହାରାଷ୍ଟ୍ରର ନନ୍ଦୁରବାର ଜିଲ୍ଲାରେ ଭୟଙ୍କର ସଡକ ଦୁର୍ଘଟଣା । ଘାଟିରୁ ଖାଇକୁ ଗାଡି ଖସି ପଡ଼ିବାରୁ ୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୮ ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକଙ୍କୁ ପୋଷ୍ଟମର୍ଟମ ପାଇଁ ପଠାଯାଇଥିଲା।ପୋଷ୍ଟମର୍ଟମ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି। ସମସ୍ତ ଯାତ୍ରୀ ଅସ୍ତବା ଦେବୀଙ୍କ ଦର୍ଶନ ପାଇଁ ଯାଇଥିଲେ। ଫେରିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ବାହନ ଚାଳକ ନିଜର ନିୟନ୍ତ୍ରଣ ହରାଇ ବସିଥିଲେ। ପୋଲସର କହିବା ଅନୁସାରେ, ଖାଇ ଖୁବ୍ ଗଭୀର ଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ସମସ୍ତ ଯାତ୍ରୀ ଭିତରୁ ବାହାରକୁ ଖସି ପଡିଥିଲେ। ସେଭଳି ବାହନଟି ସମ୍ପୂର୍ଣ୍ଣ ଭାବରେ କ୍ଷତିଗ୍ରସ୍ତ ହୋଇଛି। ରିପୋର୍ଟ ଅନୁସାରେ, ନନ୍ଦୁରବାର ଜିଲ୍ଲାର ସାହାଦା ପୋଲିସ ଷ୍ଟେସନ୍ ଅନ୍ତର୍ଗତ ଅଞ୍ଚଳରେ ଦୁର୍ଘଟଣା ଘଟିଛି। ନନ୍ଦୁରବାର ପୋଲିସର କହିବା ଅନୁସାରେ, ଗାଡି ଚାନ୍ଦଶାଳୀ ଘାଟିରୁ ଏକ ଖାଇକୁ ଖସି ପଡ଼ିବାରୁ ୮ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଆଠ ଜଣ ଆହତ ହୋଇଛନ୍ତି।

## ବିହାର ନିର୍ବାଚନ: ରଦ୍ଦ ହୋଇଗଲା ଏନଡିଏ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର



ପାଟନା,୧୮।୧୦: ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଶାସକ ଏନଡିଏ କୁ ଏକ ବଡ଼ ଝଟକା ଲାଗିଛି। ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ) ପ୍ରାର୍ଥୀ ସୀମା ସିଂହଙ୍କ ପ୍ରାର୍ଥିପତ୍ର ବାତିଲ କରାଯାଇଛି। ଏହା ଫଳରେ ଏହି ଆସନରେ ଜିତିବା ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ପାଇଁ ସହଜ ହୋଇଯାଇଛି । ମଢୌରା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜଣାଶୁଣା ଭୋଜପୁରୀ ଚଳଚ୍ଚିତ୍ର ଅଭିନେତ୍ରୀ ସୀମା ସିଂହଙ୍କୁ ଚିରାଗ ପାସୱାନଙ୍କ 'ଗ୍ଲାମର ଚେହେରା' ବୋଲି ବିବେଚନା କରାଯାଉଥିଲା। ରିଟର୍ଣ୍ଣିଂ ଅଫିସର ତାଙ୍କ ଡକ୍ୟୁମେଣ୍ଟରେ ଅସଙ୍ଗତି ଦର୍ଶାଇ ତାଙ୍କ ନାମାଙ୍କନକୁ ଖାରଜ କରିଥିଲେ। ମଧୁରା ଆସନରେ ମୋଟ ଚାରି ଜଣ ପ୍ରାର୍ଥୀଙ୍କୁ ଖାରଜ କରାଯାଇଛି। ଏହାପରେ ମଢୌରା ଆସନରେ ବିରୋଧୀ ମହାଗଠବନ୍ଧନର ସିଧାସଳଖ ଲାଭ ପାଇବାର ସମ୍ଭାବନା ବଢ଼ିଛି। ତେଜସ୍ୱୀ ଯାଦବଙ୍କ ଆରଜେଡି ପୂର୍ବରୁ ଅନେକ ଆସନରେ ଦୃଢ଼ ସ୍ଥିତିରେ ଥିବା ବିବେଚନା କରାଯାଉଛି। ତଥାପି, ଚିରାଗ ପାସୱାନ ସୀମାଙ୍କ ନାମାଙ୍କନ ବାତିଲକୁ ଏକ 'ସାମାନ୍ୟ ଯାନ୍ତ୍ରିକ ତ୍ରୁଟି' ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ ଦଳ ନିର୍ବାଚନ କମିସନଙ୍କ ନିକଟରେ ନିଜର ମାମଲା ଉପସ୍ଥାପନ କରିଛି। ମଢୌରା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜଣାଶୁଣା ଭୋଜପୁରୀ ଚଳଚ୍ଚିତ୍ର ଅଭିନେତ୍ରୀ ସୀମା ସିଂହଙ୍କୁ ଚିରାଗ ପାସୱାନଙ୍କ 'ଗ୍ଲାମର ଚେହେରା' ବୋଲି ବିବେଚନା କରାଯାଉଥିଲା। ରିଟର୍ଣ୍ଣିଂ ଅଫିସର ତାଙ୍କ ଡକ୍ୟୁମେଣ୍ଟରେ ଅସଙ୍ଗତି ଦର୍ଶାଇ ତାଙ୍କ ନାମାଙ୍କନକୁ ଖାରଜ କରିଥିଲେ।

## ନୀତିଶ କୁମାରଙ୍କ ବିକଳ୍ପ ନାହିଁ : ହରିବଂଶ

ନୂଆଦିଲ୍ଲୀ,୧୮।୧୦: ରାଜ୍ୟସଭା ଉପାଧ୍ୟକ୍ଷ ଏବଂ ଜନତା ଦଳ-ୟୁନାଇଟେଡ୍ ବରିଷ୍ଠ ନେତା ହରିବଂଶ ନାରାୟଣ ସିଂ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ପ୍ରଶଂସା କରିଛନ୍ତି। ହରିବଂଶ କହିଛନ୍ତି ଯେ, ବିହାରରେ ନୀତିଶ କୁମାରଙ୍କ ବିକଳ୍ପ ନାହିଁ। ହରିବଂଶ ନୀତିଶ କୁମାରଙ୍କ ଦୃଷ୍ଟିକୋଣ, ତାଙ୍କ ସଚ୍ଚୋଟତା ଏବଂ ରାଜନୈତିକ ସ୍ୱଚ୍ଛତାର ପ୍ରଶଂସା କରିଛନ୍ତି। ଉପାଧ୍ୟକ୍ଷ କହିଛନ୍ତି, ଯଦି ଆପଣ ନୀତିଶ କୁମାରଙ୍କ ଦୃଷ୍ଟିକୋଣ ସହିତ ରାଜନୀତିରେ ଥିବା ସମସ୍ତ ଲୋକଙ୍କୁ ତୁଳନା କରନ୍ତି, ତେବେ କେହି ତାଙ୍କ ସହିତ ସମାନ ହୋଇପାରିବେ ନାହିଁ। ଉପାଧ୍ୟକ୍ଷ କହିଛନ୍ତି, ନିଜ ଉପରେ କୌଣସି ଦାଗ ନ ଲଗାଇ ୨୦ ବର୍ଷ ଧରି କ୍ଷମତାରେ ରହିବା ଏକ ମହାନ ସଫଳତା। ସେ ରାଜନୀତିରେ ନିଜ ପରିବାରକୁ ପ୍ରୋତ୍ସାହିତ କରି ନଥିଲେ। ସେ ଜୟ ପ୍ରକାଶ ନାରାୟଣ ଏବଂ ଲୋହିଆଙ୍କ ଆଦର୍ଶକୁ ତାଙ୍କ ଜୀବନରେ ପ୍ରକୃତରେ ପ୍ରତିପାଦନ କରିଥିଲେ। ଉପାଧ୍ୟକ୍ଷ କହିଛନ୍ତି ଯେ, ନୀତିଶ କୁମାରଙ୍କ ନେତୃତ୍ୱରେ ବିହାରରେ ଦାରିଦ୍ର୍ୟ ହ୍ରାସ ପାଇଛି ଏବଂ ରାଜ୍ୟରେ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ବିକାଶ ହୋଇଛି। ସେ କହିଛନ୍ତି,ବିହାର ଦେଶର ସବୁଠାରୁ ପଛୁଆ ରାଜ୍ୟ ମଧ୍ୟରେ ଥିଲା, କିନ୍ତୁ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନେତୃତ୍ୱରେ ଦାରିଦ୍ର୍ୟ ଦ୍ରୁତ ଗତିରେ ହ୍ରାସ ପାଇଛି।

## ବିହାର: ଏକାକୀ ୬ଟି ଆସନରେ ଲଢ଼ିବ ଜେଏମଏମ

ପାଟନା,୧୮।୧୦: ବିହାର ନିର୍ବାଚନ ପାଇଁ ଇଣ୍ଡି ମେଣ୍ଟରେ ବିବାଦ । ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ) ଏବେ ମେଣ୍ଟ ସହିତ ସମ୍ପର୍କ କାଟି ଦେଇ। ଝାଡ଼ଖଣ୍ଡର ଶାସକ ଦଳ ଜେଏମଏମ ଶନିବାର ଘୋଷଣା କରିଛି ଯେ, ବିହାର ବିଧାନସଭା ନିର୍ବାଚନ ସ୍ୱାଧୀନ ଭାବରେ ଲଢ଼ିବ ଏବଂ ୬ଟି ଆସନରେ ନିଜର ପ୍ରାର୍ଥୀ ଦେବ। ବିହାର ବିଧାନସଭାର ୨୪୩ ଆସନ ପାଇଁ ନିର୍ବାଚନ ନଭେମ୍ବର ୬ ଏବଂ ୧୧ ତାରିଖରେ ଅନୁଷ୍ଠିତ ହେବ । ଭୋଟ ଗଣତି ନଭେମ୍ବର ୧୪ ତାରିଖରେ ହେବ। ଜେଏମଏମ ସାଧାରଣ ସମ୍ପାଦକ ଏବଂ ମୁଖପାତ୍ର ସୁପ୍ରିୟୋ ଭଟ୍ଟାଚାର୍ଯ୍ୟ କହିଛନ୍ତି, 'ଦଳ ନିଜେ ବିହାର ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛି। ଦଳ ୬ଟି ବିଧାନସଭା ଆସନ – ଚକାଇ, ଧମଦାହା, କଟୋରିଆ (ଏସଟି), ମନିହାରୀ (ଏସଟି), ଜାମୁଇ ଏବଂ ପିରପିନ୍ତିରେ ଲଢ଼ିବ।' ଏହି ସବୁ ଆସନ ପାଇଁ ଭୋଟ ନଭେମ୍ବର ୧୧ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ହେବ। ବିହାର ନିର୍ବାଚନ ପାଇଁ ଝାଡ଼ଖଣ୍ଡ ୨୦ ଜଣ ଷ୍ଟାର ପ୍ରଚାରକଙ୍କ ତାଲିକା ମଧ୍ୟ ପ୍ରକାଶ କରିଛି। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଷ୍ଟାର ପ୍ରଚାରକଙ୍କ ନେତୃତ୍ୱ ନେବେ। ଜେଏମଏମର ଜଣେ ବରିଷ୍ଠ ନେତା ଶନିବାର କହିଛନ୍ତି ଯେ, ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ମେଣ୍ଟରୁ ଆସନ ଦାବି କରିଥିଲା । କିନ୍ତୁ ସେମାନଙ୍କୁ ଆସନ ଦିଆଯାଇ ନଥିଲା। ତେଣୁ ଦଳ ଏକାକୀ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛି। ସୁପ୍ରିୟୋ ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, ଦଳ ବିହାର ନିର୍ବାଚନ ପାଇଁ ପ୍ରସ୍ତୁତି ଶେଷ କରିଛି। ଝାଡ଼ଖଣ୍ଡ ନିର୍ବାଚନରେ ଜେଏମଏମ ଏହାର ମେଣ୍ଟର ସହଯୋଗୀ – କଂଗ୍ରେସ, ଆରଜେଡି ଏବଂ ସିପିଆଇ(ଏମଏଲ)ଏଲକୁ 'ସମ୍ମାନଜନକ ଅଂଶ' ଦେଇଛି। ତେଣୁ ଆମେ ବିହାର ନିର୍ବାଚନରେ ମଧ୍ୟ ଜେଏମଏମ ପାଇଁ ଆସନର ଏକ ସମ୍ମାନଜନକ ଅଂଶ ଆଶା କରୁଛୁ ।'

## ରାଜନାଥଙ୍କ ଚେତାବନୀ: 'ଅପରେସନ୍ ସିନ୍ଦୂର' ଟ୍ରେଲର ଥିଲା

# ବ୍ରହ୍ମୋସର ରେଞ୍ଜ ଭିତରେ ପୂରା ପାକିସ୍ତାନ



ନୂଆଦିଲ୍ଲୀ,୧୮।୧୦: ପାକିସ୍ତାନକୁ ପୁଣିଥରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଚେତାବନୀ। ସେ କହିଛନ୍ତି, 'ଅପରେସନ୍ ସିନ୍ଦୂର' କେବଳ ମାତ୍ର ଟ୍ରେଲର ଥିଲା। ଆଗକୁ ପୁରା ଫିଲ୍ମ ବାକି ଅଛି। 'ବ୍ରହ୍ମୋସ'ର ରେଞ୍ଜ ଭିତରେ ଏବେ ପୁରା ପାକିସ୍ତାନ ରହିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଲକ୍ଷ୍ନୌରେ ଥିବା ବ୍ରହ୍ମୋସ ଏରୋସ୍ପେସ୍ ୟୁନିଟ୍ ରୁ ସୁପରସୋନିକ୍ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର ପ୍ରଥମ ବ୍ୟାଚ୍ କୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ରାଜନାଥ ଏହି କଡା ଚେତାବନୀଙ୍କ ଆତଙ୍କୀସ୍ଥାନକୁ ଦେଇଛନ୍ତି। ରାଜନାଥ କହିଛନ୍ତି, ସେହି ୟୁନିଟ୍ ଯାହାର ଭିତ୍ତିପ୍ରସ୍ତର ଡିସେମ୍ବର ୨୦୨୧ ରେ ସ୍ଥାପନା କରାଯାଇଥିଲା। ତାହା ୨୦୨୫ ମଇ ୧୧ ରେ ଆନୁଷ୍ଠାନିକ ଭାବରେ ଉଦଘାଟନ କରାଯାଇଥିଲା। କେବଳ ମାତ୍ର ୫ ମାସ ଭିତରେ ନିଜର ପ୍ରଥମ ଉତ୍ପାଦନକୁ ପୂରା କରିଛି, ଯାହାକି ଭାରତର ପ୍ରତିରକ୍ଷା ନିର୍ମାଣ କ୍ଷେତ୍ରରେ ଏକ ନୂଆ କୀର୍ତ୍ତିମାନ। ଏହି ୟୁନିଟର ଲକ୍ଷ୍ୟ ପ୍ରତି ବର୍ଷ ୮୦ ରୁ ୧୦୦ ବ୍ରହ୍ମୋସ ମିସାଇଲର ଉତ୍ପାଦନ କରିଥାଏ। ଏହି ପ୍ରୋଜେକ୍ଟ ଉତ୍ତର ପ୍ରଦେଶର ଡିଫେନ୍ସ ଇଣ୍ଡଷ୍ଟ୍ରିଆଲ କରିଡରର ୬ଟି ନୋଡସ୍ ଭିତରୁ ଗୋଟିଏ। ଯାହାକୁ ଲକ୍ଷ୍ନୌରେ ସ୍ୱତନ୍ତ୍ର ଭାବରେ ତିଆରି କରାଯାଇଛି। କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ବ୍ରହ୍ମୋସ ଏବେ କେବଳ ଏକ ମିସାଇଲ ନୁହେଁ, ବରଂ ଭାରତର ବଢୁଥିବେ ସ୍ୱଦେଶୀ ସାମରିକ କ୍ଷମତାର ପ୍ରତୀକ, ଏଥିରେ ପାରମ୍ପାରିକ ୱାରହେଡ୍, ଆଡଭାନ୍ସ ଗାଇଡେଡ୍ ମିସାଇଲ ସିଷ୍ଟମ ଓ ସୁପର ସୋନିକ୍ ସ୍ପିଡର ଏଭଳି କମ୍ବିନେସନ୍ ରହିଛି, ଯାହାକି ଏହାକୁ ଦୁନିଆର ସର୍ବଶ୍ରେଷ୍ଠ ମିସାଇଲରେ ସାମିଲ କରିଥାଏ। ସେ କହିଛନ୍ତି, ବ୍ରହ୍ମୋସ ମିସାଇଲ ଏବେ ସ୍ଥଳସେନା, ନୌସେନା ଓ ବାୟୁସେନାର ମେରୁଦଣ୍ଡ ପାଲଟି ସାରିଛି। ଦେଶର ନାଗରିକଙ୍କ ମତରେ ବ୍ରହ୍ମୋସ ନାଁରେ ଏକ ବିଶ୍ୱାସ ଓ ଭାବନା ରହିଛି। ଲକ୍ଷ୍ନୌରେ ବ୍ରହ୍ମୋସ ୟୁନିଟ୍ ସ୍ଥାପନା ଏହି କଥାର ପ୍ରମାଣ ଯେ, ଭାରତ ଏବେ କେବଳ ଉପଭୋକ୍ତା ନୁହେଁ ,ବଂର ପ୍ରତିରକ୍ଷା ଟେକ୍ନୋଲୋଜିରେ ଉତ୍ପାଦକ ଦେଶ ପାଲଟି ସାରିଛି। ଅପରେସନ୍ ସିନ୍ଦୁରରେ ବ୍ରହ୍ମୋସର ସଫଳତା ପ୍ରମାଣ କରିଛି ଯେ ଆମର କ୍ଷେପଣାସ୍ତ୍ର କେବଳ ଏକ ପରୀକ୍ଷଣ ନୁହେଁ, ବରଂ ଶକ୍ତିର ଏକ ବ୍ୟବହାରିକ ପ୍ରମାଣ। 'ଅପରେସନ୍ ସିନ୍ଦୁର'ୀ କେବଳ ଏକ ଟ୍ରେଲର ଥିଲା, ପାକିସ୍ତାନର ସମଗ୍ର ଅଞ୍ଚଳ ବ୍ରହ୍ମୋସର ପରିସର ମଧ୍ୟରେ ଅଛି। ବିଜୟ ଆଉ ଭାରତ ପାଇଁ ଏକ ଘଟଣା ନୁହେଁ, ବରଂ ଏକ ଅଭ୍ୟାସ, ଯାହାକୁ ଆହୁରି ମଜବୁତ କରିବାକୁ ପଡିବ।

## ଟ୍ରାନ୍ସଜେଣ୍ଡରଙ୍କ ପାଇଁ ସମାନ ଚାକିରି ସୁଯୋଗ ଲାଗି ସୁପ୍ରିମକୋର୍ଟ କମିଟି ଗଠନ କଲେ

ନୂଆଦିଲ୍ଲୀ,୧୮।୧୦: ଟ୍ରାନ୍ସଜେଣ୍ଡରଙ୍କ ଅଧିକାର ବୃଦ୍ଧି କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ସୁପ୍ରିମକୋର୍ଟ ଜଣେ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଛନ୍ତି ଯାହା ଦ୍ୱାରା କାର୍ଯ୍ୟକ୍ଷେତ୍ରରେ ସମାନ ସୁଯୋଗ, ଅନ୍ତର୍ଭୁକ୍ତ ଚିକିତ୍ସା ସେବା ସହିତ ସୁରକ୍ଷା ଟ୍ରାନ୍ସଜେଣ୍ଡରଙ୍କୁ ପ୍ରଦାନ କରାଯାଇପାରିବ। ବିଚାରପତି ଜେବି ପାରଦିୱାଲା ଏବଂ କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଏହି ରାୟ ତୃତୀୟ ଲିଙ୍ଗଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବ ବୋଲି ଆଶା କରାଯାଉଛି। ଏହି କମିଟିରେ ଅବସରପ୍ରାପ୍ତ ଜଷ୍ଟିସ୍ ଆଶା ମେନନ୍ ନେତୃତ୍ୱ ନେବେ ଏବଂ ଟ୍ରାନ୍ସଜେଣ୍ଡର କାର୍ଯ୍ୟକର୍ତ୍ତା ଗ୍ରେସ୍ ବାନୁ ଏବଂ ଆକାଇ ପଦ୍ମଶାଳି, ଗୌରବ ମଣ୍ଡଳ, ସିଏଲପିଆର ବେଙ୍ଗାଲୁରୁ ସଦସ୍ୟ ଡ.ସଞ୍ଜୟ ଶର୍ମା ଏବଂ ଆମିକସ୍ ସିନିୟର ଆଡଭୋକେଟ୍ ଜୟନା କୋଠାରୀଙ୍କୁ ନେଇ ଗଠିତ ହେବ। ସମାନ ସୁଯୋଗ,ଅନ୍ତର୍ଭୁକ୍ତ ଚିକିତ୍ସା ସେବା, ଟ୍ରାନ୍ସଜେଣ୍ଡର



ବ୍ୟକ୍ତିମାନଙ୍କ ସୁରକ୍ଷା ଉପରେ କମିଟି ନଜର ରଖିବ। ଆବେଦନକାରୀଙ୍କ ସେବା କିପରି ସମାପ୍ତ କରାଗଲା ତାହା ବିଚାର କରି ଆମେ ତାଙ୍କୁ କ୍ଷତିପୂରଣ ପ୍ରଦାନ କରିଛୁ। ଆମେ ଆଶା କରୁଛୁ ଯେ, ଏହା ସହିତ ତୃତୀୟ ଲିଙ୍ଗଙ୍କର ଭବିଷ୍ୟତ ସୁରକ୍ଷିତ ରହିବ। ଆମେ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିଛୁ ଏବଂ ଯେଉଁ ସଂସ୍ଥାଗୁଡ଼ିକର ନିର୍ଦ୍ଦେଶାବଳୀ ନାହିଁ ସେମାନେ କେନ୍ଦ୍ର ନୀତି ଆଣିବା ପର୍ଯ୍ୟନ୍ତ ଏହାକୁ ଅନୁସରଣ କରିବେ ବୋଲି ଶୀର୍ଷ କୋର୍ଟ କହିଛନ୍ତି। ଉତ୍ତର ପ୍ରଦେଶ ଏବଂ ଗୁଜରାଟର ଦୁଇଟି ଘରୋଇ ସ୍କୁଲ ଦ୍ୱାରା ଶିକ୍ଷୟିତ୍ରୀ ଭାବରେ ନିଯୁକ୍ତିକୁ ତାଙ୍କ ଲିଙ୍ଗଗତ ପରିଚୟ ଯୋଗୁ ବାତିଲ କରାଯାଇଥିବା ଜଣେ ଟ୍ରାନ୍ସଓମେନଙ୍କୁ କ୍ଷତିପୂରଣ ପ୍ରଦାନ କରିବା ସମୟରେ କୋର୍ଟ ଏହି ରାୟ ଦେଇଛନ୍ତି। ସେ ପୂର୍ବରୁ କୋର୍ଟକୁ କହିଥିଲେ ଯେ, ତାଙ୍କୁ ଉତ୍ତର ପ୍ରଦେଶରେ ନିଯୁକ୍ତି ପତ୍ର ଦିଆଯାଇଥିଲା କିନ୍ତୁ ସେ ସେଠାରେ କେବଳ ଛଅ ଦିନ ପାଇଁ ପାଠପଢ଼ାଇ ପାରିପାରିଥିଲେ। ଗୁଜରାଟରେ ମଧ୍ୟ ତାଙ୍କୁ ନିଯୁକ୍ତି ପତ୍ର ଦିଆଯାଇଥିଲା କିନ୍ତୁ ଯୋଗଦେବାକୁ ଅନୁମତି ଦିଆଯାଇ ନଥିଲା ବୋଲି ସେ ଆବେଦନରେ ଉଲ୍ଲେଖ କରାଯାଇଛି।

## ପଛୁଆ ବର୍ଗ ସଂରକ୍ଷଣ ଦାବିରେ ତେଲେଙ୍ଗାନାରେ ଧର୍ମଘଟ ହାଇକୋର୍ଟ ରାୟ ବିରୁଦ୍ଧରେ ରାସ୍ତାକୁ ଓହ୍ଲାଇଲେ ଲୋକେ



ନୂଆଦିଲ୍ଲୀ,୧୮।୧୦: ତେଲେଙ୍ଗାନାରେ ପଛୁଆ ବର୍ଗ ମିଳିତ କାର୍ଯ୍ୟ କମିଟି ଦ୍ୱାରା ଦିଆଯାଇଥିବା ବନ୍ଦ ଡାକରା ପାଇଁ ସମଗ୍ର ରାଜ୍ୟରେ ଧର୍ମଘଟ ଆରମ୍ଭ ହୋଇଯାଇଛି। ସ୍ଥାନୀୟ ନଗର ନିଗମ ନିର୍ବାଚନରେ ପଛୁଆ ବର୍ଗଙ୍କ ପାଇଁ ୪୨ ପ୍ରତିଶତ ସଂରକ୍ଷଣ ଉପରେ ହାଇକୋର୍ଟ ରୋକ ଲଗାଇବା ପରେ ଏହି ନିର୍ଦ୍ଦେଶ ବିରୋଧରେ ଧର୍ମଘଟ ଡାକରା ଦିଆଯାଇଥିବା ଜଣାପଡିଛି। ଏହି ଧର୍ମଘଟକୁ ଶାସକ କଂଗ୍ରେସ ସମେତ ସମସ୍ତ ରାଜନୈତିକ ଦଳ ସମର୍ଥନ କରିଛନ୍ତି। ଏହି କମିଟିର ଅଧ୍ୟକ୍ଷ ତଥା ଭାରତୀୟ ଜନତା ପାର୍ଟି(ବିଜେପି)ର ରାଜ୍ୟସଭା ସାଂସଦ ଆର. କୃଷ୍ଣୈୟା ପୂର୍ବରୁ ସମସ୍ତ ରାଜନୈତିକ ଦଳ ଏବଂ ନାଗରିକ ସମାଜ ସଂଗଠନକୁ ବନ୍ଦକୁ ସମର୍ଥନ କରିବାକୁ ନିବେଦନ କରିଥିଲେ। ଜରୁରୀକାଳୀନ ଏବଂ ଅତ୍ୟାବଶ୍ୟକ ସେବା ପ୍ରଦାନ କରୁଥିବା କ୍ଷେତ୍ର ବ୍ୟତୀତ ସମସ୍ତ କ୍ଷେତ୍ରକୁ ଏହି ଧର୍ମଘଟରେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ସୂଚନା ମୁତାବକ, ଗତ ଅକ୍ଟୋବର ୯ ତାରିଖରେ ତେଲେଙ୍ଗାନା ହାଇକୋର୍ଟ ସ୍ଥାନୀୟ ନଗର ନିଗମ ନିର୍ବାଚନରେ ପଛୁଆ ବର୍ଗ ସମ୍ପ୍ରଦାୟକୁ ୪୨ ପ୍ରତିଶତ ସଂରକ୍ଷଣ ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଉପରେ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ଜାରି କରିଥିଲେ। ଯାହାକୁ ନେଇ ସମଗ୍ର ତେଲେଙ୍ଗାନାରେ ପ୍ରତିବାଦ ଆରମ୍ଭ ହୋଇଯାଇଛି। ପ୍ରତିବାଦର ଅଂଶ ସ୍ୱରୂପ, ବିଭିନ୍ନ ରାଜନୈତିକ ଦଳ ଏବଂ ପଛୁଆ ବର୍ଗ ସଂଗଠନର ନେତାମାନେ ତେଲେଙ୍ଗାନା ରାଜ୍ୟ ସଡ଼କ ପରିବହନ ନିଗମ ବସ୍ ଡିପୋ ବାହାରେ ଧାରଣା ଦେଉଛନ୍ତି। ଯେଉଁଥିପାଇଁ ବସ୍ ଗୁଡ଼ିକୁ ଗନ୍ତବ୍ୟ ସ୍ଥଳିକୁ ଯିବାପାଇଁ ବାଧା ଉପୁଜିଛି। ବିଜେପି ଲୋକସଭା ସାଂସଦ ଏଟାଲା ରାଜେନ୍ଦର ଜୁବୁଲି ବସ୍ ଷ୍ଟେସନରେ ହେଉଥିବା ବନ୍ଦରେ ଅଂଶଗ୍ରହଣ କରିଥିଲେ।

## ଢାକା ବିମାନବନ୍ଦରରେ ଅଗ୍ନିକାଣ୍ଡ: ସବୁ ଉଡ଼ାଣ ବାତିଲ

ଢାକା,୧୮।୧୦: ବାଂଲାଦେଶର ରାଜଧାନୀ ଢାକାର ହଜରତ ଶାହଜଲାଲ ଅନ୍ତର୍ଜାତୀୟ ବିମାନବନ୍ଦରର କାର୍ଗୋ ଅଞ୍ଚଳରେ ଅଗ୍ନିକାଣ୍ଡ । ଦୁର୍ଘଟଣାର କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ। ନିଆଁ ଏତେ ଶୀଘ୍ର ବ୍ୟାପିଗଲା ଯେ, ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ତୁରନ୍ତ ସମସ୍ତ ଉଡ଼ାଣକୁ ବାତିଲ କରିବାକୁ ପଡିଲା। ଦିଲ୍ଲୀରୁ ଢାକା ଯାଉଥିବା ଏକ ବିମାନକୁ କୋଲକାତାକୁ ପଠାଯାଇଛି। ବିମାନବନ୍ଦରର ଗେଟ୍ ନମ୍ବର ୮ ନିକଟସ୍ଥ କାର୍ଗୋ ଭିଲେଜରେ ଅପରାହ୍ନ ପ୍ରାୟ ୨.୩୦ ସମୟରେ ଅଗ୍ନିକାଣ୍ଡ ଘଟିଥିଲା। ଏପର୍ଯ୍ୟନ୍ତ କୌଣସି ମୃତାହତ ନେଇ ଖବର ମିଳିନାହିଁ । କାର୍ଗୋର ବଡ଼ କ୍ଷତି ହୋଇଥିବା ଆଶଙ୍କା କରାଯାଉଛି। ଘନ କଳା ଧୂଆଁ ଆଖପାଖ ଅଞ୍ଚଳର ବାୟୁମଣ୍ଡଳକୁ ପ୍ରଦୂଷିତ କରିପକାଇଛି । ବିଶେଷଜ୍ଞମାନେ କହିଛନ୍ତି ଯେ, ଏହା ଶ୍ୱାସକ୍ରିୟାରେ ସମସ୍ୟା ସୃଷ୍ଟି କରିପାରେ। ଢାକା ବିମାନବନ୍ଦରରେ ଅଗ୍ନିକାଣ୍ଡ ଯୋଗୁଁ ମୋଟ ନଅଟି ବିମାନକୁ ଅନ୍ୟ ବିମାନବନ୍ଦରକୁ ଡାଇଭର୍ଟ କରାଯାଇଛି।

## ଟ୍ରମ୍ପଙ୍କ ଶୁଳ୍କ ଯୁଦ୍ଧ ସହ ଜିଏସଟି ସଂସ୍କାରର କୌଣସି ସଂପର୍କ ନାହିଁ : ସୀତାରମଣ



ନୂଆଦିଲ୍ଲୀ,୧୮।୧୦ : ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଶନିବାର କହିଛନ୍ତି ଯେ ଜିଏସଟି ହ୍ରାସର ପ୍ରଭାବ ସାଧାରଣ ଜନତାଙ୍କ ଉପରେ ପଡିଛି। ତେବେ ସରକାର ୫୪ଟି ସାମଗ୍ରୀର ଦର ଉପରେ ନଜର ରଖିଛନ୍ତି, ଯେପରିକି ଦର ହ୍ରାସର ସୁଫଳ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିବ। ଶନିବାର ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ କେତେକ ସାମଗ୍ରୀର ଦର ଆଶାଠାରୁ ଅଧିକ କମିଛି । ଏହି ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପିୟୁଷ ଗୋଏଲ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉପସ୍ଥିତ ଥିଲେ। ତେବେ ସେ କହିଛନ୍ତି ଯେ, ଟ୍ରମ୍ପଙ୍କ ଶୁଳ୍କ ଯୁଦ୍ଧ ସହ ଜିଏସଟି ସଂସ୍କାରର କୌଣସି ସଂପର୍କ ନାହିଁ। ତେବେ ସୀତାରମଣ ସ୍ପଷ୍ଟ କରିଛନ୍ତି ଯେ ସଦ୍ୟ କାର୍ଯ୍ୟକାରୀ ହୋଇଥିବା ଜିଏସଟି ସଂସ୍କାରଗୁଡ଼ିକର ଶୁଳ୍କ ଯୁଦ୍ଧ ସହିତ କୌଣସି ସମ୍ପର୍କ ନାହିଁ। ସେ କହିଛନ୍ତି ଯେ ସଂସ୍କାର ପ୍ରକ୍ରିୟା ଗତ ଦେଢ଼ ବର୍ଷ ଧରି ଚାଲିଥିଲା, ଏବଂ ଏହି ପଦକ୍ଷେପ ଏକ ପୂର୍ବ ଯୋଜନାବଦ୍ଧ ରଣନୀତିର ଅଂଶ ଥିଲା। ସେ କହିଛନ୍ତି ଯେ ସଂସ୍କାରଗୁଡ଼ିକ ଗତ ଦେଢ଼ ବର୍ଷ ଧରି ପ୍ରକ୍ରିୟାରେ ଥିଲା, ଏବଂ ସେତେବେଳେ କେହି ଶୁଳ୍କ ଯୁଦ୍ଧ ବିଷୟରେ ଚିନ୍ତା କରିନଥିଲେ। ମନ୍ତ୍ରୀମାନଙ୍କର ଅନେକ ଗୋଷ୍ଠୀ ଏହା ଉପରେ ନିରନ୍ତର କାମ କରୁଥିଲେ। ସରକାରଙ୍କ ପ୍ୟାକେଜକୁ ଜିଏସଟି ପରିଷଦକୁ ପଠାଯାଇଥିଲା, ଏବଂ ପରିଷଦ ଏହାକୁ ବିଚାର ପାଇଁ ସମ୍ପୃକ୍ତ ମନ୍ତ୍ରୀଗୋଷ୍ଠୀଗୁଡ଼ିକୁ ପଠାଇଥିଲା।

## ଟ୍ରମ୍ପଙ୍କ ଟାରିଫ୍ ବୋମା: ଟ୍ରକ ଆମଦାନି ଉପରେ ଲଗାଇଲେ ୨୫% ଶୁଳ୍କ

ନୂଆଦିଲ୍ଲୀ,୧୮/୧୦:ଆମଦାନୀ ସାମଗ୍ରୀ ଓ ଔଷଧ ଆଦି ଉପରେ ଟାରିଫ ଲଗାଇଥିବା ପରେ ଏବେ ଟ୍ରକ୍ ଓ ଏହାର ପାର୍ଟ୍ସ ଆମଦାନୀ ଉପରେ ଟାରିଫ ଲଗାଇଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ।ନଭେମ୍ବର ୧ରୁ ଆମଦାନୀ ହେଉଥିବା ମଧ୍ୟମ ଏବଂ ଭାରୀ ଟ୍ରକ ଏବଂ ଏହାର ପାର୍ଟସ ଉପରେ ଟ୍ରମ୍ପ ୨୫% ଶୁଳ୍କ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆମଦାନୀ ହେଉଥିବା ବସ୍ ଉପରେ ମଧ୍ୟ ୧୦% ଶୁଳ୍କ ଲାଗୁ କରାଯିବ। ଅଧିକାରୀଙ୍କ ଅନୁଯାୟୀ,ଏହି ଶୁଳ୍କ ଜାତୀୟ ସୁରକ୍ଷା ଦୃଷ୍ଟିରୁ ଲାଗୁ କରାଯାଉଛି ଏବଂ ଏହା ଆମେରିକାକୁ ଅଧିକ ଅଟୋ ଉତ୍ପାଦନ ସ୍ଥାନାନ୍ତର କରିବା ପାଇଁ ଉଦ୍ଦିଷ୍ଟ। ତଥାପି ଏହା ମେକ୍ସିକୋ ପାଇଁ ଏକ ଶକ୍ତ ଧକ୍କା ହୋଇପାରେ ଯାହା ଆମେରିକାକୁ ମଧ୍ୟମ ଏବଂ ଭାରୀ ଟ୍ରକର ସର୍ବବୃହତ ରପ୍ତାନିକାରୀ ।ଟ୍ରମ୍ପଙ୍କ ନିର୍ଦ୍ଦେଶ ଅନୁଯାୟୀ, ଆମେରିକାର ଅଟୋମେକରମାନେ ୨୦୩୦ ପର୍ଯ୍ୟନ୍ତ ଆମେରିକାରେ ସଂଗୃହୀତ ଯାନବାହନ ପାଇଁ ପ୍ରସ୍ତାବିତ ଖୁଚୁରା ମୂଲ୍ୟର ୩.୭୫% କ୍ରେଡିଟ୍ ପାଇପାରିବେ। ଏହି କ୍ରେଡିଟ୍ ଆମଦାନୀ ହେଉଥିବା ପାର୍ଟସ ଉପରେ ଶୁଳ୍କ ଖର୍ଚ୍ଚ ପୂରଣ କରିବାରେ ସାହାଯ୍ୟ କରିବ।

## ବାଂଲାଦେଶ ସେନାର ଲେଫ୍ଟନାଣ୍ଟ ଜେନେରାଲଙ୍କୁ ଭେଟିଲେ ଭାରତୀୟ ସେନା ମୁଖ୍ୟ



ନୂଆଦିଲ୍ଲୀ,୧୮।୧୦: ଭାରତୀୟ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ୟୁଏନଟିସିସି କନକ୍ଲେଭ ପରେ ବାଂଲାଦେଶ ସେନାର ଲେଫ୍ଟନାଣ୍ଟ ଜେନେରାଲ ମହମ୍ମଦ ମୈନୁର ରହମାନଙ୍କୁ ଭେଟିଛନ୍ତି। ଉଭୟ ଦେଶର ସାମରିକ ଅଧିକାରୀମାନେ ପ୍ରତିରକ୍ଷା ସହଯୋଗକୁ ଆହୁରି ମଜବୁତ କରିବାକୁ ସହମତ ହୋଇଛନ୍ତି। ଭାରତୀୟ ସେନା ଏକ୍ସ ରେ ଏକ ପୋଷ୍ଟରେ କହିଛି ଯେ ୟୁଏନଟିସିସି ୨୦୨୫ ଅବସରରେ, ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ବାଂଲାଦେଶ ସେନାର ଲେଫ୍ଟନାଣ୍ଟ ଜେନେରାଲ ମହମ୍ମଦ ମୈନୁର ରହମାନଙ୍କ ସହ ଏକ ଗଠନମୂଳକ ଏବଂ ଫଳପ୍ରଦ ଆଲୋଚନା କରିଛନ୍ତି। ସେମାନେ ଜାତିସଂଘ ଶାନ୍ତିରକ୍ଷା ଅଭିଯାନରେ ପ୍ରତିରକ୍ଷା ସହଯୋଗ, ତାଲିମ ଏବଂ ସମନ୍ୱୟକୁ ସୁଦୃଢ଼ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ଏହି ବୈଠକ ଏପରି ଏକ ସମୟରେ ହୋଇଛି ଯେତେବେଳେ ସୀମା ସୁରକ୍ଷା ବାହିନୀ ମହାନିର୍ଦ୍ଦେଶକ ଦଲଜିତ ସିଂହ ଚୌଧୁରୀ ଢାକାରେ କହିଛନ୍ତି ଯେ, ଭାରତରେ ଅବୈଧ ଭାବରେ ରହୁଥିବା ବାଂଲାଦେଶୀ ନାଗରିକଙ୍କ ସମେତ ବିଦେଶୀ ନାଗରିକଙ୍କ ବିରୁଦ୍ଧରେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଢାକାରେ ସୀମା ସୁରକ୍ଷା ବାହିନୀ ବାଂଲାଦେଶ ସହିତ ଆଲୋଚନା ପରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନର ଉତ୍ତର ଦେଇ ଦଲଜିତ ଚୌଧୁରୀ କହିଛନ୍ତି, ଭାରତରେ ଅବୈଧ ଭାବରେ ରହୁଥିବା ଲୋକଙ୍କ ସହିତ ଆଇନ ଅନୁଯାୟୀ କାର୍ଯ୍ୟ କରାଯାଉଛି। ଦଲଜିତ ସିଂହ ଚୌଧୁରୀ କହିଛନ୍ତି, ଦିଲ୍ଲୀରେ ବାଂଲାଦେଶୀ ହାଇକମିଶନରଙ୍କ ପାଖରେ ବାଂଲାଦେଶୀ ନାଗରିକଙ୍କ ଯାଞ୍ଚର ୨୪୦୦ରୁ ଅଧିକ ମାମଲା ରହିଛି।

## ଯୁଦ୍ଧବିରତି ଆଲୋଚନା ପାଇଁ ସର୍ତ୍ତ ରଖିଲେ ଜେଲେନସ୍କି



ୱାଶିଂଟନ,୧୮।୧୦: ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସକି ହ୍ୱାଇଟ୍ ହାଉସରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଭେଟିଛନ୍ତି। ସେ ଗାଜା ଶାନ୍ତି ଚୁକ୍ତିନାମା ପାଇଁ ଟ୍ରମ୍ପ୍‌ଙ୍କୁ ଅଭିନନ୍ଦନ ଜଣାଇ ୟୁକ୍ରେନୀୟ ଯୁଦ୍ଧ ସମାପ୍ତ କରିବା ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ଏହି ପଦକ୍ଷେପ ୟୁକ୍ରେନୀୟ ସଂଘର୍ଷର ଅନ୍ତ ପାଇଁ ସ୍ଥିତି ସୃଷ୍ଟି କରିପାରିବ। ୟୁକ୍ରେନୀୟ ରାଷ୍ଟ୍ରପତି ଜେଲେନସ୍କି ହ୍ୱାଇଟ୍ ହାଉସରେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଭେଟିଥିଲେ। ଏହି ଅବସରରେ ସେ ୟୁକ୍ରେନୀୟ ଯୁଦ୍ଧ ବନ୍ଦ କରିବାକୁ ଦାବି କରିଥିଲେ। ମୁଁ ନିଶ୍ଚିତ ଯେ ଆପଣଙ୍କ ସାହାଯ୍ୟରେ ଆମେ ଏହି ଯୁଦ୍ଧ ବନ୍ଦ କରିପାରିବୁ ବୋଲି ଜେଲେନସ୍କି କହିଥିଲେ। ସେ କହିଥିଲେ, ଆମକୁ ବସି କଥାବାର୍ତ୍ତା କରିବାକୁ ପଡିବ। ଆମ ପାଇଁ ଯୁଦ୍ଧବିରତି ଆବଶ୍ୟକ। ଆମେ ଯୁଦ୍ଧବିରତି ଚାହୁଁଛୁ, କିନ୍ତୁ ପୁଟିନ ଚାହାଁନ୍ତି ନାହିଁ। ଏହି ସମୟରେ, ଜେଲେନସ୍କି କହିଥିଲେ, ମଧ୍ୟପ୍ରାଚ୍ୟରେ ସଫଳ ଯୁଦ୍ଧବିରତି ପାଇଁ ଅଭିନନ୍ଦନ। ମୁଁ ବିଶ୍ୱାସ କରେ ଏହା ୟୁକ୍ରେନ୍ ଏବଂ ରୁଷିଆ ମଧ୍ୟରେ ଯୁଦ୍ଧ ସମାପ୍ତ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ। ଜେଲେନସ୍କି କହିଥିଲେ, ଆମେ ଯେକୌଣସି ଫର୍ମାଟରେ କଥାବାର୍ତ୍ତା କରିବାକୁ ପ୍ରସ୍ତୁତ। ତାହା ଦ୍ୱିପାକ୍ଷିକ କିମ୍ବା ତ୍ରିପାକ୍ଷିକ ହୋଇପାରେ। ରାଷ୍ଟ୍ରପତି ଟ୍ରମ୍ପ୍ ଏବଂ ମୋ ମଧ୍ୟରେ ସୁରକ୍ଷା ଗ୍ୟାରେଣ୍ଟି ବହୁତ ଗୁରୁତ୍ୱପୂର୍ଣ୍ଣ। ଯେତେବେଳେ ଜେଲେନସ୍କିଙ୍କୁ ପଚରାଗଲା ଯେ, ସେ ଯୁଦ୍ଧ ସମାପ୍ତ କରିବା ପାଇଁ ୟୁକ୍ରେନର ନାଟୋ ସଦସ୍ୟତା ପରିତ୍ୟାଗ କରିବାକୁ ବିଚାର କରିବେ କି, ସେ କହିଥିଲେ ୟୁକ୍ରେନୀୟ ଲୋକଙ୍କ ପାଇଁ ନାଟୋ ସଦସ୍ୟତା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏବଂ ଏହି ନିଷ୍ପତ୍ତି ୟୁକ୍ରେନ ତଥା ଏହାର ସହଯୋଗୀମାନଙ୍କ ଉପରେ ନିର୍ଭର କରେ। ଯେଉଁମାନେ ଆକ୍ରମଣର ସମ୍ମୁଖୀନ ହେଉଛନ୍ତି, ସେମାନଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସୁରକ୍ଷାର ଗ୍ୟାରେଣ୍ଟି। ଜେଲେନସ୍କି ଏହା ମଧ୍ୟ କହିଥିଲେ ଯେ, ସେ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କଠାରୁ ଦ୍ୱିପାକ୍ଷିକ ସୁରକ୍ଷା ଗ୍ୟାରେଣ୍ଟି ଚାହାନ୍ତି। ସେ କହିଥିଲେ, ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏପର୍ଯ୍ୟନ୍ତ ଶାନ୍ତି ପାଇଁ ପ୍ରସ୍ତୁତ ନାହାନ୍ତି। କିନ୍ତୁ ସେ ଟ୍ରମ୍ପ୍‌ଙ୍କୁ କହିଥିଲେ, ମୁଁ ନିଶ୍ଚିତ ଯେ ଆପଣଙ୍କ ସାହାଯ୍ୟରେ ଆମେ ଏହି ଯୁଦ୍ଧକୁ ବନ୍ଦ କରିପାରିବୁ।

## ଗାଁ ପୋଖରୀରେ ବୁଡି ବୃଦ୍ଧ ମୃତ ଅଭିଯୋଗ

ଆସିକା (ନିପ୍ର): ଆସିକା ଥାନା ଅନ୍ତର୍ଗତ ଦେବଭୂମି ପଞ୍ଚାୟତ କର୍ପୁର ନୂଆଗାଁ ପୋଖରୀରେ ବୁଡି ବୃଦ୍ଧ ମୃତ । ଆଜି କର୍ପୁର ନୂଆଗାଁର ସନ୍ୟାସୀ ଗୌଡ଼ (୬୫) ନିଜ ବିଲରେ କାମ ଶେଷ କରି ଗାଁ ରେ ଥିବା ପୋଖରୀକୁ ଗାଧୋଇବା ନିମନ୍ତେ ଯାଇ ଆଉ ଘରକୁ ଫେରିନଥିଲେ । ଘର ଲୋକଙ୍କ ପକ୍ଷରୁ ବହୁତ ଖୋଜା ଖୋଜି ପରେ ମଧ୍ୟ ସେ ମିଳିନଥିଲେ । ହଠାତ କିଛି ଗ୍ରାମବାସୀ ପାଣି ମଧ୍ୟରେ ବୁଡି ରହିଥିବାର ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ । ତାଙ୍କ ପୁଅ ଏବଂ ଅନ୍ୟ ଗ୍ରାମବାସୀ ପକ୍ଷରୁ ପୋଖରୀ ମଧ୍ୟରୁ ବୁଡି ରହିଥିବା ସନ୍ୟାସିଙ୍କୁ ଉଦ୍ଧାର କରିଥିଲେ । ସଂଗେ ସଂଗେ ମୋଟର ସାଇକେଲରେ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆଣିଥିଲେ । ମେଡିକାଲର କାର୍ଯ୍ୟରତ ଡାକ୍ତର ସନ୍ୟାସୀଙ୍କୁ ମୃତ ଘୋଷଣା କରିଥିଲେ । ଆସିକା ଥାନା କେସ ନମ୍ବର ୨୦/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ କରି ସନ୍ୟାସୀର ଶବ ବ୍ୟବଚ୍ଛେଦ କରି ପରିବାରଙ୍କୁ ହସ୍ତାନ୍ତର କରାଯାଇଛି ।

## ଯୁବକଙ୍କୁ ଛୁରା ମାଡ଼, ଅଭିଯୁକ୍ତ ଗିରଫ

କଟକ,(ନିପ୍ର): ସ୍ଥାନୀୟ ବିଡ଼ାନାସୀ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ ଛୁରାମାଡ଼ ହୋଇଛି । ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ପୋଲିସ ଘଟଣାରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଲେ ବିଡ଼ାନାସୀ ଧୋବା ସାହିର ଇଙ୍ଗ ସେଠୀ । ପୋଲିସ ତା ନିକଟରୁ ଗୋଟିଏ ଛୁରୀ ଜବତ କରିଛି । ସୂଚନା ଅନୁଯାୟୀ, ସ୍ଥାନୀୟ ଦେଉଳସାହିରେ ସୁରଞ୍ଜନ ମଲ୍ଲିକ ରହୁଛନ୍ତି । ଗତ ବିଳମ୍ବିତ ରାତିରେ ସେ କୌଣସି କାମରେ ସ୍ଥାନୀୟ ଧୋବାସାହିକୁ ଚାଲି ଚାଲି ଯାଉଥିଲେ । ଏତିକିବେଳେ ଅଭିଯୁକ୍ତ ଇଙ୍ଗ ସେଠୀ ନିଶାସକ୍ତ ଅବସ୍ଥାରେ ସୁରଙ୍କୁ ଏକୁଟିଆ ଦେଖି ଅଟକାଇଥିଲେ । ବିନା କାରଣରେ ଇଙ୍ଗ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ସୁରଞ୍ଜନ ଏହାର ପ୍ରତିବାଦ କରିବାରୁ ଇଙ୍ଗ ପାଖରେ ରଖିଥିବା ଏକ ଛୁରାରେ ତାଙ୍କୁ ଆକ୍ରମଣ କରିଥିଲା । ତାଙ୍କ ପିଠି ଓ ଛାତିରେ ଆଘାତ ଲାଗିଥିଲା । ରକ୍ତାକ୍ତ ଅବସ୍ଥାରେ ସୁରଞ୍ଜନ ଘଟଣା ସ୍ଥଳରେ ପଡ଼ି ଯିବା ପରେ ଅଭିଯୁକ୍ତ ଇଙ୍ଗ ସେଠାରୁ ଫେରାର ହୋଇଯାଇଥିଲା ।

## ଦଶିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସମୀକ୍ଷା ବୈଠକ

ମାର୍ଶାଘାଇ,(ନି.ପ୍ର) ବ୍ଲକ ଅନ୍ତର୍ଗତ ବାପୁଜୀ ବିଦ୍ୟାପୀଠ କ୍ଲଷ୍ଟର ଦୁମୁକା ଅଧୀନରେ ଥିବା ଦଶିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୦୨୪/୨୫ ଆର୍ଥିକ ବର୍ଷର ସମଗ୍ର ଶିକ୍ଷା ର ସାମାଜିକ ସମୀକ୍ଷା ବୈଠକ ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଛାତ୍ରଙ୍କ ଅଭିଭାବକ ଗଙ୍ଗାଧର ନାୟକଙ୍କ ସଭାପତିତ୍ୱରେ ବୈଠକ ଆୟୋଜିତ ହୋଇଥିଲା । ଏହି ବିଦ୍ୟାଳୟରେ ଚଳିତ ମାସ ଗୁରୁବାର ଠାରୁ ଶନିବାର ପର୍ଯ୍ୟନ୍ତ ୪ ଦିନ ଧରି ସମଗ୍ର ଶିକ୍ଷା ର ସାମାଜିକ ସମୀକ୍ଷାରେ ସ୍ୱଚ୍ଛତା ଓ ଉତ୍ତର ଦାୟିତ୍ୱ ସହ ବିଦ୍ୟାଳୟ ର ଭିତ୍ତି ଭୂମି ଉପରେ ସର୍ଭେ କରାଯାଇଥିଲା । ଏହି ସମୀକ୍ଷା ରେ ସିଏସଏ (କ୍ଲଷ୍ଟର ସାମାଜିକ ସମୀକ୍ଷା ) ରାଜଶ୍ରୀ ସ୍ୱାଇଁ ଏବଂ ସାପ୍ଟ ଟିମ ସଦସ୍ୟମାନେ ସର୍ଭେ କରିଥିଲେ ।

## ମା' ଶ୍ୟାମାକାଳୀଙ୍କ ପୂଜା ନିମନ୍ତେ କଳସ ଯାତ୍ରା

ବେଲଗୁଣ୍ଠା,(ନିପ୍ର): ବେଲଗୁଣ୍ଠା ବ୍ଲକ୍ ଗୋବରା ମୁଖ୍ୟ ସଡ଼କ ପାର୍ଶ୍ୱରେ ଶ୍ରୀ ଶ୍ରୀ କପିଳେଶ୍ୱର ଯୁବକ ସଂଘ ତରଫରୁ ମାଆ ଶ୍ୟାମାକାଳୀଙ୍କ ପୂଜା ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଆଜି କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ଗଙ୍ଗା ଆବାହନ, ମଣ୍ଡଳ ଅଧିବାସ,ବରୁଣ ପୂଜା, ମହାବାକ୍ୟ ସଂକଳ୍ପ, ସୂର୍ଯ୍ୟ ପୂଜା, ଘଟ ସ୍ଥାପନ ଏବଂ ଦେବୀଙ୍କ ମୁଖ ଉନ୍ମୋଚନ କରାଯାଇଥିଲା ଓ ସନ୍ଧ୍ୟାରେ ଦେବୀଙ୍କ ସନ୍ଧ୍ୟା ପୂଜା, ଷୋଡ଼ଶ ଉପଚାର ପୂଜା, ମୃତ୍ୟୁଞ୍ଜୟ ପୂଜା, ମହା ଆଳତି, ପୁଷ୍ପାଞ୍ଜଳି, ପଦ୍ମ ଫୁଲ ଏବଂ ବେଲ ପତ୍ର ଅର୍ପଣ କରାଯାଇଥିଲା । କଳସ୍ ଶୋଭାଯାତ୍ରାରେ ଅଞ୍ଚଳର ବହୁ ମହିଳା ଅଂଶଗ୍ରହଣ କରି ବାସୁଦେବପୁର ଏବଂ ଗୋବରା ମୁଖ୍ୟ ସଡକ ପରିକ୍ରମା କରିଥିଲେ ।

## ବାଲିପଦରରେ କ୍ଲଷ୍ଟରସ୍ତରୀୟ ବୈଠକ

ବୁଗୁଡା, (ନିପ୍ର) : ବୁଗୁଡ଼ା ବ୍ଲକ ବାଲିପଦର କ୍ଲଷ୍ଟର ଅନ୍ତର୍ଗତ ବାଲିପଦର ନୂଆଁ ସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଶ୍ୱଜିତ୍ ପରିଡାଙ୍କ ଅଧ୍ୟକ୍ଷତାରେ ଚତୁର୍ଥ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । କ୍ଲଷ୍ଟରର ୧୧ ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ସମେତ ଏଫଏଲଏନ ଶିକ୍ଷକମାନେ ଉପସ୍ଥିତ ରହି ଅକ୍ଟୋବର ମାସର ଶୈକ୍ଷିକ କ୍ୟାଲେଣ୍ଡର, ନମୁନା ପାଠ ଯୋଜନା, ବିଦ୍ୟାଳୟ ପରିଦର୍ଶନ ଓ ଆଲୋଚନା, ଶିକ୍ଷଣ ସୋପାନ ରେଜିଷ୍ଟର, ପଢ଼ିବା ଗଢ଼ିବା ଓଡିଶା, ବର୍ଣ୍ଣାଳି କାର୍ଯ୍ୟକ୍ରମ, ଜିଲ୍ଲା ଭିତ୍ତିକ ଶୈକ୍ଷିକ ଆଲୋଚନା ଇତ୍ୟାଦି ବିଶଦ ଭାବେ ପର୍ଯ୍ୟାଲୋଚନା କରାଯାଇ ବିଦ୍ୟାଳୟ ସ୍ତରରେ ଦୃଢ଼ୀଭୂତ କରିବାକୁ ଆହ୍ୱାନ କରାଯାଇଥିଲା । ଭେନ୍ୟୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଟିନା ରଥ ଆବଶ୍ୟକୀୟ ସହଯୋଗ ପ୍ରଦାନ କରିଥିଲେ । ପରିଶେଷରେ ସିଆରସିସି ଶ୍ରୀ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂକୀର୍ତ୍ତନ ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟିତ

ନିଆଳି (ନି.ପ୍ର): କଟକ ଜିଲ୍ଲା ନିଆଳି ବ୍ଲକ ଅନ୍ତର୍ଗତ ସାଧୁଗୋସାଇଁ ଆଶ୍ରମ ଠାରେ ନୂତନ ସଂକୀର୍ତ୍ତନ ଗୋଷ୍ଠୀ କେନ୍ଦ୍ର ସ୍ଥାନୀୟ ବିଧାୟକ ଇଂ. ଛବି ମଲ୍ଲିକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ସରକାରଙ୍କ ବିକଶିତ ଗାଁ, ବିକଶିତ ଓଡିଶା କାର୍ଯ୍ୟକ୍ରମରେ ୭ ଲକ୍ଷ ଟଙ୍କା ଅନୁଦାନରେ ଆଧ୍ୟାତ୍ମିକ ଚେତନା ତଥା ସଂକୀର୍ତ୍ତନ ପାଇଁ ଏହି ନୂତନ ଗୃହଟି ନିର୍ମାଣ କରାଯାଇଛି ।

## ସ୍ତନ କର୍କଟ ନେଇ ସଚେତନତା

ରମ୍ଭା (ନିପ୍ର): ମିଞ୍ଜିନି ପାଟଣା ସ୍ଥିତ ଜ୍ଞାନାଲୋକ କୋଚିଙ୍ଗ ସେଣ୍ଟର ଓ ଅଖିଳ ଭାରତୀୟ ମାରୱାଡି ମହିଳା ସମିତିଙ୍କ ମିଳିତ ଆନୁକୂଲ୍ୟରେ ଏକ ସ୍ତନ କର୍କଟ ରୋଗର ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜ୍ଞାନାଲୋକ କୋଚିଙ୍ଗର ସମସ୍ତ ଛାତ୍ର ଛାତ୍ରୀ ପୋଷ୍ଟର,ବ୍ୟାନର ଓ ଶ୍ଳୋଗାନ ଦେଇ ରମ୍ଭା ସହର ପରିକ୍ରମା ସହ ପ୍ରତ୍ୟେକ ସାହିର ଘରେ ଘରେ ଓ ଗଳିକନ୍ଦିରେ ପ୍ରଚାର ପତ୍ର ଦେଇ ଲୋକଙ୍କୁ କର୍କଟ ରୋଗ ବିଷୟରେ ଅବଗତ କରାଇଥିଲେ ।

# ସହରରେ ଖୋଲିଲା ବାଣ ଦୋକାନ: ସବୁଜ ବାଣର ଦର ଆକାଶଛୁଆଁ

କଟକ, (ନିପ୍ର): ଆସୁଛି ଦୀପାବଳି । ଶନିବାର ଠାରୁ ସହରରେ ଖୁଚୁରା ବାଣ ଦୋକାନଗୁଡ଼ିକ ଖୋଲିବା ଆରମ୍ଭ କରିଛି । ଯାବତୀୟ କଟକଣା ମଧ୍ୟରେ କଟକ କମିଶନରେଟ ପୋଲିସ ଅଞ୍ଚଳରେ ପାଖାପାଖି ୧୫୦ରୁ ଊର୍ଦ୍ଧ୍ୱ ଅସ୍ଥାୟୀ ବାଣ ଦୋକାନ ଖୋଲିଛି । କମିଶନରେଟ ପୋଲିସ ପାଖକୁ ଆସିଥିବା ୪୦୦ ଆବେଦନ ପତ୍ର ମଧ୍ୟରୁ ୧୫୦ଜଣଙ୍କର ଲାଇସେନ୍ସ ମଞ୍ଜୁର ହୋଇଥିଲା । ସହରରେ କେବଳ ୧୫ଟି ସ୍ଥାନରେ ବାଣ ଦୋକାନ ଖୋଲିବା ପାଇଁ ଚୂଡ଼ାନ୍ତ ହୋଇଛି । ଦେବୀଗଡ଼ା, ଖାନନଗର, ପଞ୍ଚମୁଖୀ ପଡ଼ିଆ, ନେତାଜୀ ପଡ଼ିଆ, ଚାଉଳିଆଗଞ୍ଜ ପଡ଼ିଆ, ପୋତାପୋଖରୀ ପଡ଼ିଆ, ଉପର ବାଲିଯାତ୍ରା ପଡ଼ିଆ, ମର୍କତନଗର ସେକ୍ଟର ୯ ସରସ୍ୱତୀ ବିଦ୍ୟାମନ୍ଦିର ଖେଳପଡ଼ିଆ, ସେକ୍ଟର ୧୧ ଖେଳପଡ଼ିଆ, ବେଲଭ୍ୟୁ ନିକଟସ୍ଥ ପଡ଼ିଆ ଓ ଯୋବ୍ରା ବ୍ୟାରେଜ ପଡ଼ିଆରେ ଅସ୍ଥାୟୀ ବାଣଦୋକାନ ଗୁଡ଼ିକ ଖୋଲିଛି । ଏହାଛଡ଼ା ସହର ବାହାର କମିଶନରେଟ ପୋଲିସ ଅଞ୍ଚଳରେ ମଧ୍ୟ ନିର୍ଦ୍ଦିଷ୍ଟ ଖୋଲା ସ୍ଥାନ, ନଦୀକୂଳ ଓ ଖେଳପଡ଼ିଆରେ ବାଣ ଦୋକାନ ଖୋଲିବା ପାଇଁ ଅନୁମତି ଦିଆଯାଇଛି । କୌଣସି ବାଣ ବ୍ୟବସାୟୀ ନିୟମ ଉଲଘଂନ କରିଥିବା ନଜରକୁ ଆସିବା ମାତ୍ରେ ତାଙ୍କର ଲାଇସେନ୍ସକୁ ରଦ୍ଦ କରାଯିବା ସହିତ ଦୋକାନକୁ ବନ୍ଦ କରି ଦିଆଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି । ଚଳିତ ବର୍ଷ ସବୁଜ ବାଣ ମୂଲ୍ୟ ଆକାଶଛୁଆଁ ରହିଛି । ଯେଉଁ ବାଣ ଗତବର୍ଷ ୧୦୦ଟଙ୍କା ଥିଲା ତାହାର ଦାମ ୧୫୦ରୁ ୨୦୦ଟଙ୍କା ଛୁଇଁଛି । ସେହିପରି ଫ୍ୟାନସି ବାଣଦର ମଧ୍ୟ ବୃଦ୍ଧି ପାଇଛି । ଅସ୍ଥାୟୀ ବାଣଦୋକାନ ଗୁଡ଼ିକରେ ଅନାର, ଚକ୍ରି, ଧପଧପି, ସ୍କାଏସଟ, ପେଣ୍ଟାସ୍କାଏ ଓ ରକେଟ ଆଦି ଭଳି



ସବୁଜ ବାଣ ବିକ୍ରି ହେଉଛି । ସ୍କାଏସଟର ମୂଲ୍ୟ ୫୦୦ ଟଙ୍କାରୁ ଆରମ୍ଭ କରି ୫୦୦୦ଟଙ୍କା ପର୍ଯ୍ୟନ୍ତ ରହିଛି । ସେହିପରି ଅନାର ବାଣର ମୂଲ୍ୟ ୫୦ରୁ ୧୫୦ଟଙ୍କା, ଚକ୍ରି ବାଣ ମୂଲ୍ୟ ୩୦ରୁ ୧୦୦ଟଙ୍କା, ଧପଧପି ବାଣ ମୂଲ୍ୟ ୪୦ରୁ ୧୨୦ ଟଙ୍କା ଏବଂ ରକେଟ ବାଣର ମୂଲ୍ୟ ୫୦ରୁ ୩୦୦ଟଙ୍କା ମଧ୍ୟରେ ରହିଛି । ଏହାଛଡ଼ା ଚଳିତ ବର୍ଷ ଆକାଶଦୀପ, ଘଡ଼ି ଓ ଫୁଲଝଡ଼ି ଭଳି ବାଣର ଡିମାଣ୍ଡ ମଧ୍ୟ ରହିଛି । ଫ୍ୟାନ୍ସି ବାଣର ଦର ୫୦ ଟଙ୍କାରୁ ଆରମ୍ଭ କରି ୧୦୦୦ଟଙ୍କା ପର୍ଯ୍ୟନ୍ତ ରହିଛି । ଏହାଛଡ଼ା ଘଡ଼ି ବାଣ ୪୦ରୁ ୧୦୦ ଟଙ୍କା ମଧ୍ୟରେ ରହିଥିବାବେଳେ ସ୍କାଏ ଲଣ୍ଠନର ମୂଲ୍ୟ ୫୦ରୁ ୧୫୦ଟଙ୍କା ମଧ୍ୟରେ ରହିଛି । ଅପର ପକ୍ଷରେ ପାରମ୍ପରିକ ବାଣ ଓ ରାସାୟନିକ ବାଣ ଫୁଟାଇବା ଓ ବିକ୍ରି ଉପରେ କଟକଣା ଯୋଗୁଁ ଦୀପାବଳିରେ ଦୀପ ଓ ଲାଇଟର ଚାହିଦା ବୃଦ୍ଧି ପାଇଛି ।

## ପୂର୍ଣ୍ଣାଙ୍ଗ ଶିକ୍ଷା ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

## ଦୟା, କ୍ଷମା, କରୁଣା ଆମ ଭିତରେ ରହିଲେ ମନୁଷ୍ୟ ଆଗକୁ ବଢ଼ିପାରିବ: ଆଇନ ମନ୍ତ୍ରୀ



ପୁରୀ,(ନିପ୍ର): ସ୍ୱର୍ଗଦ୍ୱାର ନିକଟସ୍ଥ ଅରବିନ୍ଦ ଧାମ ପୂର୍ଣ୍ଣାଙ୍ଗ ଶିକ୍ଷା ଏକାଡେମୀର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ମହାସମାରୋହରେ ଉଦଘାଟିତ ହୋଇଛି । ଶ୍ରୀ ଅରବିନ୍ଦ ଧାମର ପରିଚାଳନା ଟ୍ରଷ୍ଟି ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଉତ୍ସବ ରେ ଓଡିଶା ର ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶ୍ରୀଅରବିନ୍ଦ ଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଅନାବରଣ କରିବା ସହିତ କହିଲେ ଶ୍ରୀ ଅରବିନ୍ଦ ଶ୍ରୀ ମା ଙ୍କ ଆଦର୍ଶ କୁ ନେଇ ଭାରତ ବର୍ଷ ର ଶିକ୍ଷା ନୀତି ତିଆରି ହେବା ସହିତ ଏହି ବିଦ୍ୟାଳୟ ମଣିଷ ତିଆରି କାରଖାନା ରୂପେ ଉଦ୍ଭାସିତ ହୋଇ ଉତ୍ତମ ନାଗରିକ ଦେଶ ଗଠନ ପାଇଁ ଦେଇପାରିଛି । ଶିକ୍ଷା ମଣିଷର ବଡ଼ ଆଭୂଷଣ । ଜ୍ଞାନ ଦୃଷ୍ଟିରୁ ସମାଜରେ ଲୋକ ପ୍ରତିଷ୍ଠିତ ହେବା କ୍ଷେତ୍ରରେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷା ଏକାଡେମୀ ମଣିଷକୁ ସର୍ବାଙ୍ଗୀଣ ଭାବେ ତିଆରି କରିବା ପାଇଁ କାର୍ଯ୍ୟ କରିଆସୁଛି । ଦୟା, କ୍ଷମା, କରୁଣା ଆମ ଭିତରେ ରହିଲେ ମନୁଷ୍ୟ ଆଗକୁ ବଢ଼ିପାରିବ । ମୁଖ୍ୟ ବକ୍ତା ରୂପେ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଧାମର ବରିଷ୍ଠ ସାଧକ ମାତୃ ପ୍ରସାଦ ଜୀ ମୁଖ୍ୟ ବକ୍ତା ଏବଂ ସାଧକ ରୂପେ , ସତ୍ୟ ଦୟାନନ୍ଦ, ରିତମ ସିନ୍‌ହା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଏକାଡେମୀର ଅଧ୍ୟକ୍ଷା ଦୁର୍ଗେଶ ନନ୍ଦିନୀ ମହାନ୍ତି ସ୍ୱାଗତ ଭାଷଣ, ସମ୍ପାଦକ ଡାକ୍ତର ବିପିନାନନ୍ଦ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ କର୍ଣ୍ଣେଲ ଯୋଗେଶ୍ୱର କର ଧନ୍ୟବାଦ ଅର୍ପଣ କରିଥିଲେ ।

## ପୋଲିସ ଏସଆଇ ପରୀକ୍ଷା ଦୁର୍ନୀତି

## ମୁନା ମହାନ୍ତି ଘରେ କ୍ରାଇମବ୍ରାଞ୍ଚ ଟିମର ଚଢ଼ାଉ

କଟକ(ନିପ୍ର): ପୋଲିସ ଏସଆଇ ପରୀକ୍ଷା ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ମୋଷ୍ଟ ୱାଣ୍ଟେଡ୍ ଦଲାଲ ମୁନା ମହାନ୍ତି ଘରେ କ୍ରାଇମବ୍ରାଞ୍ଚ ଟିମ ପକ୍ଷରୁ ଚଢ଼ାଉ ହୋଇଛି । ଶନିବାର ସକାଳେ କଟକ ଜିଲ୍ଲା ବାଙ୍କୀ କଳାପଥର ସ୍ଥିତ ମୁନା ମହାନ୍ତି ଘରେ କ୍ରାଇମବ୍ରାଞ୍ଚ ଟିମ ପକ୍ଷରୁ ଜାରି କରାଯାଇଥିଲା । ବୈଦେଶ୍ୱର ଥାନା ପୋଲିସ ମଧ୍ୟ ଏହି ଚଢ଼ାଉରେ ସାମିଲ ହୋଇଥିଲେ । ସୂଚନାଯୋଗ୍ୟ, ଗତକାଲି ମୁନାକୁ ନୟାଗଡ଼ ଜିଲ୍ଲା ଦଶପଲାରୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲେ । ପୋଲିସ ଏସଆଇ ପରୀକ୍ଷା ଦୁର୍ନୀତିର ବିଜୟନଗର ମଡ୍ୟୁଲ ମୁନା ମହାନ୍ତି ନେତୃତ୍ୱରେ ପରିଚାଳିତ ହେଉଥିଲା । ମୁନା ମହାନ୍ତି କାରରେ ପରୀକ୍ଷାର୍ଥୀମାନଙ୍କୁ ଅଣାଯାଉଥିଲା ବୋଲି ପୋଲିସ ସୂଚନା ଦେଇଥିଲା । ଦିଲ୍ଲୀରେ ରହିଥିବା କେଳେଙ୍କାରୀର ମାଷ୍ଟର ମାଇଣ୍ଡ ଶଙ୍କର ପୃଷ୍ଟିକୁ ମୁନା ରିର୍ପୋଟ କରୁଥିଲା ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଥିଲା ।

## ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

ମର୍ଶାଘାଇ(ନିପ୍ର): ଯୌତୁକ ଜୁଇରେ ଜଳିଗଲା ଜଣେ ନବବଧୂ । ବାପ ଛେଉଣ୍ଡ ଝିଅକୁ ଖୁସୀରେ ଜୀବନଯାପନ ପାଇଁ ସର୍ବସ୍ୱ ଦେଲାପରେ ମଧ୍ୟ ଯୌତୁକ ଲୋଭୀମାନଙ୍କ କବଳରୁ ବଞ୍ଚାଇ ପାରିଲାନି ବିଧବା ମାଆ । ଏମିତି ଅଭିଯୋଗ ହୋଇଛି ମାର୍ଶାଘାଇ ଥାନାରେ । ଏହି ଥାନା ଅନ୍ତର୍ଗତ ଆଦମପୁର ବାଲଣା ଗ୍ରାମର ସ୍ୱର୍ଗତ କ୍ଷୀରୋଦ ରାଉତଙ୍କ ଝିଅ ଜ୍ୟୋତିର୍ମୟୀ ହାତିଆ ଗ୍ରାମର ଭାଗବତ ଲେଙ୍କାଙ୍କ ପୁଅ ରାଜକୁମାର ୧୬ ମାସ ତଳେ ବୈଦିକ ରୀତିରେ ବଡ ଧୁମଧାମରେ ବିବାହ କରିଥିଲେ । ଝିଅର ସୁନାର ସଂସାର ପାଇଁ ଟଙ୍କା ସୁନା ଯାନିଯୌତୁକ ଦେବାରେ ହେଳା କରି ନଥିଲା ବିଧବା ମାଆ ନଳିନୀ । ହେଲେ ବିବାହର କିଛି ଦିନ ପରେ ଝିଅର ଶାଶୁଘର ପକ୍ଷରୁ ଏକ ମୋଟରସାଇକେଲ ଦେବାପାଇଁ ଦାବି କରାଯିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଆରମ୍ଭ ହୋଇଯାଇଥିଲା । ଗତକାଲି ଜ୍ୟୋତିର୍ମୟୀ କାନ୍ଦିକାନ୍ଦି ସେଠାରୁ ତାକୁ ନେଇ ଆସିବା ପାଇଁ ମାଆକୁ କହିଥିଲା । ନହେଲେ ଶାଶୁଘର ଲୋକେ ତାକୁ ମାରିଦେବେ ବୋଲି ସେ ଫୋନ୍ ଯୋଗେ ଜଣାଇଥିଲା । ମାତ୍ର ହଠାତ୍ ଆଜି ଜ୍ୟୋତିର୍ମୟୀ ମୃତଦେହ କେନ୍ଦ୍ରାପଡା ମେଡିକାଲ୍‌ରେ ତାଙ୍କ ପିଉସୀ ଦେଖି ନଳିନୀଙ୍କୁ ଜଣାଇବା ପରେ ତାଙ୍କୁ ହତ୍ୟା କରାଯାଇଥିବା ସେ ମାର୍ଶାଘାଇ ଥାନାରେ ଅଭିଯୋଗ କରିଛନ୍ତି । ଝିଅର ମୃତ୍ୟୁ ସଂପର୍କରେ ଶାଶୁଘର ପକ୍ଷରୁ ତାଙ୍କୁ ଏଯାଏଁ କୌଣସି ସୂଚନା ଦିଆଯାଇନାହିଁ ବୋଲି ସନ୍ଦେହ ଦୃଢୀଭୂତ ହୋଇଥିବା ସେ କହିଛନ୍ତି ।

## ୨ ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଭୁବନେଶ୍ୱର,(ନିପ୍ର): ଭୁବନେଶ୍ୱର ଆଡିସନାଲ୍ ସେସନ୍ସ ଜଜ୍-୨ର ବିଚାରପତି ବନ୍ଦନା କର ଶନିବାର ଗତ ୨୦୨୩ ମସିହା ଜାନୁଆରୀ ମାସରେ ମୈତ୍ରୀବିହାର ଥାନା ଅଞ୍ଚଳରେ ହୋଇଥିବା ଏକ ହତ୍ୟା ମାମଲାର ବିଚାର କରି ଦୁଇ ଅଭିଯୁକ୍ତଙ୍କ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ବିଚାରପତି ଉଭୟ ଅଭିଯୁକ୍ତଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ଜରିମାନା ଅର୍ଥରେ ମଧ୍ୟ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ହେଲେ ଅଭିଯୁକ୍ତ ଦ୍ୱୟ ଅଧିକ ୧ ବର୍ଷ କାରାଦଣ୍ଡରେ ରହିବେ ବୋଲି ବିଚାରପତି ତାଙ୍କ ରାୟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି । ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିବା ଅଭିଯୁକ୍ତ ଦ୍ୱୟ ହେଉଛନ୍ତି, ବିଶ୍ୱନାଥ କିସ୍କୁ ଓ ସୁନାରାମ ମୁର୍ମୁ । ଏହି ମାମଲାର ତଦନ୍ତ ମୈତ୍ରୀବିହାର ଥାନାର ତତ୍କାଳୀନ ଏସଆଇ ଦିଗବିଜୟନୀ ବାଗ କରୁଥିବା ବେଳେ ନିର୍ଦ୍ଧାରିତ ସମୟ ପୂର୍ବରୁ ଅଭିଯୁକ୍ତ ଦ୍ୱୟଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରିଥିଲେ । ପରେ ଅଦାଲତରେ ୯ଜଣଙ୍କ ସାକ୍ଷ୍ୟ ଗ୍ରହଣ ହେବା ପରେ ବିଚାରପତି ଏହି ରାୟ ଶୁଣାଇଛନ୍ତି ।

## ଘରେ ପଶି ଚୋରି, ଅନ୍ୟତମ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,(ନିପ୍ର): ଘରେ ପଶି ଚୋରି କରିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଆଉ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଯୁବକଙ୍କ ନାମ ମିଥୁନ ନାୟକ (୨୯) ଓ ତାଙ୍କ ଘର ସହିଦନଗର ଥାନା ଅନ୍ତଗର୍ତ ଶାନ୍ତିପଲ୍ଲୀ ବସ୍ତିରେ ବୋଲି ଜଣାପଡ଼ିଛି । ଏନେଇ ଅଶୋକ କୁମାର ସ୍ୱାଇଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହି ମାମଲାରେ ପୋଲିସ ପୂର୍ବରୁ ସୂର୍ଯ୍ୟପ୍ରକାଶ ସ୍ୱାଇଁଙ୍କୁ ଗିରଫ କରିଥିବା ବେଳେ ଶନିବାର ମିଥୁନଙ୍କୁ ଗିରଫ କରିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ପଞ୍ଜାବୀ କଲୋନୀର ପ୍ଲଟ ନମ୍ବର-୨୭୨ ରେ ପରିବାର ସହ ରୁହନ୍ତି । ଗତ ସେପ୍ଟେମ୍ବର ୨୫ ତାରିଖ ବିଳମ୍ବିତ ରାତିରେ ଘରେ ସମସ୍ତେ ଶୋଇପଡିଥିବା ବେଳେ, ଅଭିଯୁକ୍ତ ସୂର୍ଯ୍ୟପ୍ରକାଶ, ଅନ୍ୟ ଜଣେ ସହଯୋଗୀଙ୍କ ସହ ମିଶି ମୁଖ୍ୟ ଗେଟର ତାଲା ଭାଙ୍ଗି ଭିତରେ ପ୍ରବେଶ କରିବା ସହ ଦୁଇଟି ମୋବାଇଲ ଫୋନ, ୩ଟି ସିମ କାର୍ଡ, ଦୁଇଟି ସୁନା ଚୁଡି ଏବଂ ଦଶ ହଜାର ଟଙ୍କା ଚୋରିକରି ନେଇଯାଇଥିଲେ ।

## କଟକ ରେଳ ଷ୍ଟେସନରୁ ୨ ଚୋର ଗିରଫ, ୯୦ହଜାର ଟଙ୍କା ଓ ୨ଟି ମୋବାଇଲ ଫୋନ ଜବତ

କଟକ, (ନିପ୍ର): କଟକ ରେଳ ଷ୍ଟେସନରୁ ଆରପିଏଫ ପୋଲିସ ୨ ଚୋରଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ମହାରାଷ୍ଟ୍ର ରାଜ୍ୟର ମୁଣ୍ଡେଇକୋଟା ଅଞ୍ଚଳର ପିନି ଗେଣ୍ଡାଲ ବିଷ୍ଟି (୩୬) ଓ ମହାରାଷ୍ଟ୍ର ରାଜ୍ୟ ଏମଜି ନଗର ଅଞ୍ଚଳର ମଣ୍ଡା ସୁମନ ସିଂ ପୁରୁୱାଲ (୫୫) । ପୋଲିସ ଗିରଫ ଅଭିଯୁକ୍ତଙ୍କ ଠାରୁ ୨ଟି ମୋବାଇଲ ଓ ୯୦ହଜାର ଟଙ୍କା ଜବତ କରିଛି । ଗିରଫ ଅଭିଯୁକ୍ତମାନଙ୍କୁ ଜିଆରପି ପୋଲିସକୁ ହସ୍ତାନ୍ତର କରାଯାଇଛି । ସୂଚନାମୁତାବକ, ଆରପିଏଫ କର୍ମଚାରୀମାନେ କଟକ ରେଳ ଷ୍ଟେସନରେ ଯାଞ୍ଚ ଓ ପେଟ୍ରୋଲିଂ କାର୍ଯ୍ୟ କରୁଥିଲେ । ଏହି ସମୟରେ ପ୍ଲାଟଫର୍ମ ୩ ରେ ଟ୍ରେନ ନଂ ୧୨୮୩୯ରୁ ଜଣେ ପୁରୁଷ ଓ ଜଣେ ମହିଳା ବଗିରୁ ଓହ୍ଲାଇ ଦୌଡ଼ିବାକୁ ଆରମ୍ଭ କରିଥିଲେ । ଏହି ସମୟରେ ବଗି ମଧ୍ୟରେ ବସିଥିବା ଯାତ୍ରୀମାନେ ଚୋର ଚୋର ବୋଲି ଚିତ୍କାର କରିଥିଲେ । ଆରପିଏଫ କର୍ମଚାରୀମାନେ ଉଭୟଙ୍କ ପିଛା କରି ୨ ଜଣକୁ ଗିରଫ କରିବାରେ ସକ୍ଷମ ହୋଇଥିଲେ । ପୋଲିସ ତାଙ୍କ ନିକଟରୁ ୨ଟି ମୋବାଇଲ ଓ ୯୦ହଜାର ଟଙ୍କା ଜବତ କରିଥିଲା । ଅଭିଯୁକ୍ତମାନେ ମୋବାଇଲର କୌଣସି କାଗଜପତ୍ର ଦେଖାଇ ପାରିନଥିଲେ । ଏହାପରେ ଆରପିଏଫ କର୍ମଚାରୀମାନେ ୨ ଅଭିଯୁକ୍ତକୁ ଗିରଫ କରି ଜିଆରପି ଥାନାରେ ହସ୍ତାନ୍ତର କରିଥିଲେ ।

## ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀଙ୍କ କେନ୍ଦ୍ରାପଡ଼ା ଗସ୍ତ

କେନ୍ଦ୍ରାପଡ଼ା(ନିପ୍ର): ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ମାନ୍ୟବର ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ଆଜି କେନ୍ଦ୍ରାପଡ଼ା ଗସ୍ତକରି କେନ୍ଦ୍ରାପଡ଼ା ପୌରପାଳିକାର ନୂତନ କାର୍ଯ୍ୟାଳୟ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମାନ୍ୟବର ସାଂସଦଙ୍କ ପ୍ରତିନିଧି ସଲିମ ଖାନ,ଅଧ୍ୟକ୍ଷା ପୌରପରିଷଦ ସରିତା ସାହୁ, ଉପାଧ୍ୟକ୍ଷା ଆକବରି ଖାତୁନ, ଜିଲ୍ଲାପାଳ ରଘୁରାମ ଆର ଆୟର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି,ପୌରପାଳିକା ନିର୍ବାହୀ ଅଧିକାରୀ ଅଜିତ ପ୍ରସାଦ ନାରାୟଣ ଗିରି ପ୍ରମୁଖ ଉପସ୍ଥିତ ଥିଲେ । ମାନ୍ୟବର ମନ୍ତ୍ରୀ ବକ୍ତବ୍ୟରେ କହିଲେ ଯେ, କେନ୍ଦ୍ରାପଡ଼ା ମୁନିସିପାଲିଟିକୁ ସବୁଜ ସହରରେ ପରିଣତ କରିବା ପାଇଁ ଆଗେଇ ଆସିବାକୁ ଆହ୍ୱାନ କରିଛନ୍ତି । ସ୍ୱଚ୍ଛତା ହିଁ ସଭ୍ୟତା,ସ୍ୱଚ୍ଛତା ଉପରେ କୌଣସି ସାଲିସ କରାଯିବନି ବୋଲି ମାନ୍ୟବର ମନ୍ତ୍ରୀ କହିଛନ୍ତି ।

## ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟ ଉଦ୍‌ଘାଟନ

ଭଦ୍ରକ(ନିପ୍ର): ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟ,ଭଦ୍ରକ କାର୍ଯ୍ୟାଳୟ ଆଜି ଜିଲ୍ଲାପାଳ ଦିଲିପ ରାଉତରାଏଙ୍କ କର କୋମଳରେ ଶୁଭ ଉଦ୍‌ଘାଟନ ହୋଇଯାଇଛି । ଏଇ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ୍, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅରୂପ ଅଭିଷେକ ବେହେରା, ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଉପ ନିର୍ଦ୍ଦେଶକ, ଅଭିଯୋଜନ ରଶ୍ମିତା ମହାପାତ୍ର,ପବ୍ଲିକ ପ୍ରସିକ୍ୟୁଟର୍ ମିନି ଟପ୍ପ, ସହକାରୀ ପବ୍ଲିକ ପ୍ରସିକ୍ୟୁଟର୍ ଓ ଜିଲ୍ଲା ର ସରକାରୀ/ବେସରକାରୀ ଅଧିବକ୍ତାମାନେ ଉପସ୍ଥିତ ଥିଲେ । ଜିଲ୍ଲା ରେ ବିଭିନ୍ନ ଅପରାଧିକ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ସଠିକ୍ ଭାବରେ ଅନୁସନ୍ଧାନ କରାଯାଇ ଉପଯୁକ୍ତ ଦଣ୍ଡ ବିଧାନ କରିବା ଲକ୍ଷ୍ୟରେ ଉକ୍ତ କାର୍ଯ୍ୟାଳୟ ଟି ପ୍ରତିଷ୍ଠା କରାଯାଇଛି । ବହୁ ସମୟ ରେ ପ୍ରକୃତ ଦୋଷୀ ସଠିକ୍ ତଦନ୍ତ ଅଭାବ ରୁ ଅଳ୍ପ ଦିନ ଦଣ୍ଡ ପାଇ ମୁକ୍ତ ହୋଇ ପୁଣି ଅପରାଧିକ କାର୍ଯ୍ୟକଳାପ ରେ ଲିପ୍ତ ରହୁଛି । ଏହା ଫଳ ରେ ଜନ ସାଧାରଣ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଏଇ ନିର୍ଦ୍ଦେଶାଳୟ ଖୋଲିଲା ପରେ ଅପରାଧିକ କାର୍ଯ୍ୟ କଳାପରେ ଅଙ୍କୁଶ ଲାଗିବ ବୋଲି ଆରକ୍ଷୀ ଅଧିକ୍ଷକ ମତ ବ୍ୟକ୍ତ କରିଛନ୍ତି । ଉକ୍ତ କାର୍ଯ୍ୟାଳୟଟି ପୁରୁଣା କୋର୍ଟ ପରିସର ରେ କାର୍ଯ୍ୟକ୍ଷମ କରିବ ।

# ବିପର୍ଯ୍ୟସ୍ତ ଅବସ୍ଥାରେ ଜିଲ୍ଲା ଗ୍ରାମ୍ୟ ଅର୍ଥନୀତି

## ଏକାଧିକ ଗ୍ରାମ ପଞ୍ଚାୟତରେ ଚଳିତ ଆର୍ଥିକ ବର୍ଷର ଉନ୍ନତିମୂଳକ କାର୍ଯ୍ୟ ଆରମ୍ଭ ହୋଇ ପାରୁନି !

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ରେ ଗ୍ରାମ୍ୟ ପଞ୍ଚାୟତ ଉନ୍ନତୀ ମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି । ଖୋର୍ଦ୍ଧା ଜିଲ୍ଲାରେ ୧୯୦ ଗ୍ରାମ ପଞ୍ଚାୟତ ଅଛି । ଅନଲାଇନ ରିପୋର୍ଟ ଅନୁସାରେ ୧୦୦ ଟି ପଞ୍ଚାୟତରେ ବର୍ତ୍ତମାନ ସୁଦ୍ଧା କୌଣସି ଉନ୍ନତି ମୂଳକ କାର୍ଯ୍ୟ ଗୋଟିଏ ବି ଆରମ୍ଭ ହୋଇନି । ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ବର୍ଷ ର ଆଉ ୫ ମାସ ପରେ ସାରିବାକୁ ଯାଉଥିବା ବେଳେ କୌଣସି ଗୋଟିଏ ବି କାମ ଆରମ୍ଭ ହୋଇନି ଏହା ଏକ ଦୁଃଖ ଏବଂ ଆଲୋଚନାର ବିଷୟ ପାଲଟିଛି । ଖୋର୍ଦ୍ଧା ଜିଲ୍ଲା ରେ ପନ୍ଦର ତମ ଅର୍ଥ କମିଶନ୍ ସ୍କିମ୍ ରେ ୪୧.୦୮୫୪ କୋଟି , ରାଜ୍ୟ ପଞ୍ଚ ଦଶ ଅର୍ଥ କମିଶନ ସ୍କିମ୍ ରେ ୧୬.୨୯୯୬ କୋଟି , ମନରେଗା



ରେ ସ୍କିମ୍ ୨୨.୩୩୯୧ କୋଟି , ନିଜସ୍ୱ ପାଣ୍ଠି ସ୍କିମ୍ ରେ ୨.୦୩୩୧ କୋଟି ଟଙ୍କା ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ମଞ୍ଜୁର ହୋଇଅଛି । ବାଲିଅନ୍ତା ବ୍ଲକ୍ ରେ ମୋଟ ୧୬ ପଞ୍ଚାୟତ ରୁ ୩ ଟି , ବାଲିପାଟଣା ବ୍ଲକ୍ ରେ ମୋଟ ୧୭ ଟି ପଞ୍ଚାୟତ ରୁ ୯ ଟି , ବାଣପୁର ବ୍ଲକ୍ ରେ ମୋଟ ୧୭ ଟି ପଞ୍ଚାୟତ ରୁ ୧୪ ଟି , ବେଗୁନିଆ ବ୍ଲକ୍ ରେ ମୋଟ ୨୧ ଟି ପଞ୍ଚାୟତ ମଧ୍ୟରୁ ୧୨ ଟି , ଭୁବନେଶ୍ୱର ବ୍ଲକ୍ ର ୨୦ ଟି ପଞ୍ଚାୟତ ମଧ୍ୟରୁ ୧୮ ଟି , ବୋଲଗଡ଼ ବ୍ଲକ୍ ର ୧୯ ଟି ପଞ୍ଚାୟତ ମଧ୍ୟରୁ ୧୩ ଟି , ଚିଲିକା ବ୍ଲକ୍ ର ୧୭ ଟି ପଞ୍ଚାୟତ ମଧ୍ୟରୁ ୧୫ ଟି , ଜଟଣୀ ବ୍ଲକ୍ ୧୫ ଟି ପଞ୍ଚାୟତ ମଧ୍ୟରୁ ୮ଟି , ଖୋର୍ଦ୍ଧା ବ୍ଲକ ର ୨୨ ଟି ପଞ୍ଚାୟତ ମଧ୍ୟରୁ ୧ଟି , ଟାଙ୍ଗୀ ବ୍ଲକ ର ୨୬ ଟି ପଞ୍ଚାୟତ ମଧ୍ୟରୁ ୭ଟି ପଞ୍ଚାୟତ ରେ ବର୍ତ୍ତମାନ ଯାଏଁ ଗୋଟିଏ ଗ୍ରାମ୍ୟ ଉନ୍ନତି ମୂଳକ କାର୍ଯ୍ୟ ଆରମ୍ଭ ହୋଇ ପାରି ନାହିଁ ଯାହାକି ଏକ ବିକଶିତ ଓଡ଼ିଶା ଆହ୍ୱାନ ପାଇଁ ଏକ ବଡ଼ ପ୍ରଶ୍ନ ବାଚୀ । ଟାଙ୍ଗୀ ବ୍ଲକ୍ ର ବଡପୋଖରିଆ , ବାଲିପାଟପୁର, ଡିଆ, ନୂଆଗଡ, ରତନପୁର, ସାନରାଉତପଡ଼ା, ଉଜଳା ଗୋପିନାଥପୁର ଗ୍ରାମ ପଞ୍ଚାୟତ ରେ ବର୍ତ୍ତମାନ ତା ୦୯.୧୦.୨୦୨୫ ଇ ଗ୍ରାମ୍ ସ୍ୱରାଜ ରିପୋର୍ଟ ଅନୁସାରେ ସୁଦ୍ଧା କୌଣସି ଉନ୍ନତି ମୂଳକ କାର୍ଯ୍ୟ ହୋଇନି ବା ଅର୍ଥ ରାଶି ଖର୍ଚ୍ଚ ହୋଇ ପାରିନି ବୋଲି ଜଣାପଡିଛି । ଖୋର୍ଦ୍ଧା ଜିଲ୍ଲା ରେ ଜିଲ୍ଲା ପରିଷଦ ଖୋର୍ଦ୍ଧା । ରେ ୩୩୭,୪୮,୪୦,୩୩୭.୪୫ ଟଙ୍କା ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ମଞ୍ଜୁର ହୋଇଥିଲା । ସେଥିରୁ ୭୩,୯୦,୭୪,୧୮୨.୯୬ ଟଙ୍କା ଖର୍ଚ୍ଚ ବର୍ତ୍ତମାନ ସୁଦ୍ଧା ହୋଇଛି । ଟାଙ୍ଗୀ ବ୍ଲକ ରେ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ରେ ମଞ୍ଜୁର ହୋଇଥିଲା । ୬୨,୩୫,୭୦,୮୦୯.୫୮ ଟଙ୍କା ସେଥିରୁ ୩୨,୮୨,୮୭୦ ଟଙ୍କା ଖର୍ଚ୍ଚ ହୋଇଛି ।କେମିତି ହେବ ବିକଶିତ ଓଡ଼ିଶା । ରାଜ୍ୟ ସରକାର ବିକଶିତ ଓଡ଼ିଶା ସ୍ଲୋଗାନ କେବଳ କଥାରେ ରହିଯିବ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି । ଲୋକେ ଇଲେକ୍ସନ ରେ ଭୋଟ ଦେଇ ଲୋକ ପ୍ରତିନିଧି ରୂପେ ସରପଞ୍ଚ ଏବଂ ପ୍ରତ୍ୟେକ ୱାର୍ଡ ପାଇଁ ଜଣେ ଲେଖାଏଁ ୱାର୍ଡ ସଭ୍ୟ ବଛା ହୋଇଥାନ୍ତି ।କେଉଁ ଗ୍ରାମ ରେ କେଉଁ କାର୍ଯ୍ୟ କଲେ ଭଲ ହେବ ସେଥି ପାଇଁ ଆକ୍ସନ ପ୍ଲାନ୍ ଗଠନ କରି ଗ୍ରାମ ସଭା ରେ ପାସ କରି ବ୍ଲକ୍ ଉନ୍ନୟନ ଅଧିକାରୀ ଙ୍କୁ ପଠା ଯାଇଥାଏ । ସେ ପ୍ରୋଜେକ୍ଟ ଗୁଡ଼ିକ ଆପ୍ରୁଭ ହେଲେ ବା ଅର୍ଥ ରାଶି ମଞ୍ଜୁର ହେଲେ କାର୍ଯ୍ୟ ଆରମ୍ଭ କରାଯାଏ । ଯଦି ପଞ୍ଚାୟତ ରେ ଉନ୍ନତୀ ମୂଳକ କାର୍ଯ୍ୟ ହୋଇପାରିନି ଅର୍ଥ ମଞ୍ଜୁର ହେଲେ ପରେ ମଧ୍ୟ କେମିତି ଖୋର୍ଦ୍ଧା ଜିଲ୍ଲା ଉନ୍ନତି କରିବ ଯାହାକି ଏକ ବଡ଼ ପ୍ରଶ୍ନ ବାଚୀ ପାଲଟିଛି । ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ବି ସମ୍ଭବ ହୋଇ ପାରିନାହିଁ । ଏଥି ପାଇଁ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଏହାକୁ ନଜର ରଖି ମଞ୍ଜୁର ହୋଇଥିବା ଅର୍ଥ ରାଶି ଖର୍ଚ୍ଚ କରି ଗ୍ରାମ୍ୟ ଅର୍ଥନୀତି କୁ ସୁଦୃଢ କରିବା ସାଧାରଣରେ ପ୍ରଶାସନ ନିକଟରେ ଅନୁରୋଧ କରାଯାଇଛି ।

**ଓଡ଼ିଶା-ବରୋଦା ରଣଜୀ ମ୍ୟାଚ**

### ଘରୋଇ ପଡ଼ିଆରେ ନିରାଶ କଲା ଓଡ଼ିଶା

# ୭ ୱିକେଟରେ ଜିତିଲା ବରୋଦା



କଟକ,୧୮।୧୦(ନିପ୍ର): ଘରୋଇ ପଡ଼ିଆରେ ନିରାଶ କଲା ଓଡ଼ିଶା କ୍ରିକେଟ ଦଳ । ସ୍ଥାନୀୟ ବାରବାଟୀ ଷ୍ଟାଡ଼ିୟମରେ ଖେଳା ଯାଇଥିବା ଚଳିତ ସିଜିନର ପ୍ରଥମ ରଣଜୀ ମ୍ୟାଚରେ ଭ୍ରମଣକାରୀ ବରୋଦା ଦଳ ଓଡ଼ିଶା ଦଳକୁ ୭ ୱିକେଟରେ ପରାସ୍ତ କରିଛି । ବରୋଦା ଦଳର ନିର୍ଭରଯୋଗ୍ୟ ବ୍ୟାଟସମ୍ୟାନ ଶିବାଳିକ ଶର୍ମା ପ୍ଲେୟାର ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଛନ୍ତି । ତୃତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ପ୍ରଥମ ଇନିଂସରେ ୪୧୩/୭ ରନ ସଂଗ୍ରହ କରିଥିବା ବରୋଦା ଦଳ ଚତୁର୍ଥ ଦିନ ଖେଳ ଆରମ୍ଭରୁ ପାଳି ଘୋଷଣା କରିଥିଲା । ପ୍ରଥମ ଇନିଂସରେ ୧୪୨ ରନରେ ପଛୁଆ ଥିବା ଓଡ଼ିଶା ଦଳ ଚତୁର୍ଥ ଦିନ ଆରମ୍ଭରୁ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଥିଲା । ସ୍ୱସ୍ତିକ ସାମଲ ଓ ଗୌରବ ଚୌଧୁରୀ ଓଡ଼ିଶା ପାଇଁ ଇନିଂସ ଆରମ୍ଭ କରିଥିଲେ । ୧୩ ରନରେ ଦଳର ପ୍ରଥମ ୱିକେଟ ପତନ ଘଟିଥିଲା । ସ୍ୱସ୍ତିକ ସାମଲ ମାତ୍ର ୬ ରନ୍ କରି ଆଉଟ ହୋଇଯାଇଥିଲେ । ଏହାପରେ ବରୋଦା ଦଳର ଘାତକ ବୋଲିଂକୁ ସମ୍ମୁଖୀନ କରି ନପାରି ଓଡ଼ିଶା ଦଳ ନିୟମିତ ବ୍ୟବଧାନରେ ୱିକେଟ ହରାଇଥିଲା । ଓଡ଼ିଶା ଦଳର ଅଧିନାୟକ ଶୁଭ୍ରାଂଶୁ ସେନାପତି ଧୈର୍ଯ୍ୟର ସହ ବ୍ୟାଟିଂ କରି ୫୯ ରନ୍ ସଂଗ୍ରହ କରିଥିଲେ ଓ ସେ ଶେଷ ପର୍ଯ୍ୟନ୍ତ ଆଉଟ ହୋଇନଥିଲେ । ଦଳର ଅନ୍ୟ କୌଣସି ବ୍ୟାଟସମ୍ୟାନ କ୍ରିଜରେ ତିଷ୍ଠି ପାରି ନଥିଲେ । ଅଧିକାଂଶ ବ୍ୟାଟସମ୍ୟାନ ଦାୟିତ୍ୱହୀନ ସଟ ଖେଳି ସେମାନଙ୍କର ୱିକେଟ ଫୋପାଡ଼ି ଦେଇଥିଲେ । ଫଳରେ ମାତ୍ର ୫୯.୩ ଓଭର ଖେଳି ଓଡ଼ିଶା ଦଳ ଦ୍ୱିତୀୟ ଇନିଂସରେ ୧୭୪ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ବରୋଦା ଦଳ ପକ୍ଷରୁ ମହେଶ ପିଥିଆ ୬ଟି, ଭାର୍ଗବ ଭଟ୍ଟ ୩ଟି ଓ ରସିକ ସଲାମ ୧ଟି ୱିକେଟ ଅକ୍ତିଆର କରିଥିଲେ । ୩୩ ରନର ଟାର୍ଗେଟକୁ ପିଛା କରି ବରୋଦା ଦଳ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଥିଲା । ମାତ୍ର ୭.୪ ଓଭରରେ ବରୋଦା ଦଳ ୩ ୱିକେଟ ହରାଇ ୩୬ ରନ୍ ସଂଗ୍ରହ କରି ମ୍ୟାଚରେ ବିଜୟୀ ହୋଇଥିଲେ । ଦଳ ପକ୍ଷରୁ ଶିବାଳିକ ଶର୍ମା ଅପରାଜିତ ୩୨ ରନ ସଂଗ୍ରହ କରିଥିଲେ । ଓଡ଼ିଶା ଦଳ ପକ୍ଷରୁ ବାଦଲ ବିଶ୍ୱାଳ ୨ଟି ଓ ଗୋବିନ୍ଦ ପଦାର ୧ଟି ୱିକେଟ ଅକ୍ତିଆର କରିଥିଲେ । ସୂଚନାଯୋଗ୍ୟ, ଓଡ଼ିଶା ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ପ୍ରଥମ ଇନିଂସରେ ରାଜେଶ ଧୂପରଙ୍କ ୯୪ ଓ ଶୁଭ୍ରାଂଶୁ ସେନାପତିଙ୍କ ୭୯ ରନ୍ ବଳରେ ୨୭୨ ରନ କରି ଅଲଆଉଟ ହୋଇଯାଇଥିଲେ । ବରୋଦା ଦଳ ପକ୍ଷରୁ ଅତୀତ ସେଠ୍ ୪ଟି, ରସିକ ସଲାମ ୩ଟି ଓ ଭାର୍ଗବ ଭଟ୍ଟ ୨ଟି ୱିକେଟ ଅକ୍ତିଆର କରିଥିଲେ । ଏହାପରେ ବରୋଦା ଦଳ ପ୍ରଥମ ଇନିଂସରେ ୭ ୱିକେଟରେ ୪୧୩ ରନ ସଂଗ୍ରହ କରି ପାଳି ଘୋଷଣା କରିଥିଲେ । ଦଳ ପକ୍ଷରୁ ଶିବାଳିକ ଶର୍ମା ୧୨୪, ସ୍ୱୀକୃତ ପାଣ୍ଡେ ୭୧, ମିଥେଶ ପଟେଲ ୧୦୦ ଓ ରସିକ ସଲାମ ୪୫ ରନ କରି ଅପରାଜିତ ରହିଥିଲେ । ଓଡ଼ିଶା ପକ୍ଷରୁ ସୁମିତ ଶର୍ମା ୩ଟି ଓ ବାଦଲ ବିଶ୍ୱାଳ ୨ଟି ୱିକେଟ ଅକ୍ତିଆର କରିଥିଲେ ।

### ପ୍ରଶଂସକଙ୍କ ପାଇଁ ସୁପର ସଣ୍ଡେ

## ଦୁଇଟି ଭିନ୍ନ ଭିନ୍ନ ଦେଶରେ ଖେଳିବ ଟିମ୍ ଇଣ୍ଡିଆ

ନୂଆଦିଲ୍ଲୀ,୧୮।୧୦: ୱେଷ୍ଟଇଣ୍ଡିଜ ବିପକ୍ଷରେ ଦୁଇଟି ଟେଷ୍ଟ ସିରିଜ ପରେ, ଟିମ ଇଣ୍ଡିଆ ଏବେ ବ୍ଲୁ ଜର୍ସିରେ ଚମତ୍କାର ପ୍ରଦର୍ଶନ କରିବାକୁ ପ୍ରସ୍ତୁତ । ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ଭାରତୀୟ ଦଳ ପର୍ଥରେ ଅଷ୍ଟ୍ରେଲିଆ ସହିତ ମୁକାବିଲା କରିବ । ଏହି ମ୍ୟାଚ କ୍ରିକେଟ ପ୍ରେମୀଙ୍କ ପାଇଁ ପ୍ରକୃତରେ ରୋମାଞ୍ଚକର ହେବ, କାରଣ ଭାରତର ଦୁଇ କିମ୍ବଦନ୍ତୀ ଖେଳାଳି ପ୍ରାୟ ସାତ ମାସ ପରେ ପଡ଼ିଆକୁ ଫେରିବେ । ବିରାଟ କୋହଲି ଏବଂ ରୋହିତ ଶର୍ମା ଚାମ୍ପିଅନ୍ସ ଟ୍ରଫି ପରେ ପ୍ରଥମଥର ପାଇଁ ଟିମ ଇଣ୍ଡିଆ ପାଇଁ ଖେଳିବେ । ଏହି କାରଣରୁ ଅକ୍ଟୋବର ୧୯ ତାରିଖ, ପ୍ରଶଂସକମାନଙ୍କ ପାଇଁ ଏକ ସୁପର ସଣ୍ଡେ ହେବ । ଏହା ପଛରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ଅଛି: କେବଳ ଭାରତୀୟ ପୁରୁଷ ଦଳ ନୁହେଁ, ବରଂ ମହିଳା ଦଳ ମଧ୍ୟ ରବିବାର ଇଂଲଣ୍ଡ ସହିତ ମୁକାବିଲା କରିବ । ହରମନପ୍ରୀତ କୌରଙ୍କ ଅଧିନାୟକତ୍ୱରେ, ଭାରତୀୟ ମହିଳା ଦଳ ଇଂଲଣ୍ଡକୁ ପରାସ୍ତ କରିବାକୁ ଏବଂ ସେମିଫାଇନାଲ ସ୍ଥାନ ପାଇଁ ନିଜର ଦାବିକୁ ଆହୁରି ମଜଭୁତ କରିବାକୁ ଚେଷ୍ଟା କରିବ । ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଏହି ମ୍ୟାଚ ଇନ୍ଦୋରର ହୋଲକର ଷ୍ଟାଡିୟମରେ ଖେଳାଯିବ । ପର୍ଥରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଦିନିକିଆ ମ୍ୟାଚ ସମ୍ପର୍କରେ, ଏହା ସକାଳ ୯ଟାରେ ଆରମ୍ଭ ହେବ । ଶୁବମନ ଗିଲଙ୍କ ଅଧିନାୟକତ୍ୱରେ ଟିମ ଇଣ୍ଡିଆ ଏହି ମ୍ୟାଚ ପାଇଁ ମଇଦାନକୁ ଓହ୍ଲାଇବ । ଭାରତୀୟ ମହିଳା ଦଳ ଅପରାହ୍ନ ୩ଟାରେ ଇଂଲଣ୍ଡ ବିପକ୍ଷରେ ମଇଦାନକୁ ଓହ୍ଲାଇବ । ଟସ ଅପରାହ୍ନ ୨ଟା ୩୦ରେ ଅନୁଷ୍ଠିତ ହେବ । ପର୍ଥରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମ ଦିନିକିଆର ଲାଇଭ ଆକ୍ସନ ଷ୍ଟାର ସ୍ପୋର୍ଟସ ନେଟୱାର୍କର ବିଭିନ୍ନ ଚ୍ୟାନେଲରେ ଦେଖାଯାଇପାରିବ । ଏହା ସହିତ, ମ୍ୟାଚଟି ଜିଓହଟଷ୍ଟାରରେ ଲାଇଭ ଷ୍ଟ୍ରିମିଂ ହେବ । ସେହିପରି, ଆଇସିସି ମହିଳା ଦିନିକିଆ ବିଶ୍ୱକପ ମ୍ୟାଚର ଲାଇଭ ଆକ୍ସନ ଏବଂ ଷ୍ଟ୍ରିମିଂ ଷ୍ଟାର ସ୍ପୋର୍ଟସ ଏବଂ ଜିଓହଟଷ୍ଟାରରେ ମଧ୍ୟ ଉପଲବ୍ଧ ହେବ ।

## ନୂଆପଡ଼ା ଉପନିର୍ବାଚନ : ପ୍ରାର୍ଥିପତ୍ର ଦାଖଲ କଲେ ଘାସିରାମ ଓ ଜୟ



ନୂଆପଡା, ୧୮।୧୦(ନିପ୍ର): ନୂଆପଡା ଉପନିର୍ବାଚନ ପାଇଁ ଶନିବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝି ଓ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ । ଘାସିରାମ ଓ ଜୟ ନିଜ ନିଜ ସମର୍ଥକମାନଙ୍କ ସହ ଶୋଭାଯାତ୍ରାରେ ଆସି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ଉଲ୍ଲେଖଯୋଗ୍ୟ, ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ନଭେମ୍ବର ୧୧ ତାରିଖରେ ନୂଆପଡ଼ା ବିଧାନସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ । ଏହାକୁ ନେଇ ରାଜ୍ୟର ତିନି ପ୍ରମୁଖ ଦଳ ବିଜେପି, ବିଜେଡି ଓ କଂଗ୍ରେସ ଶିବିର ଚଳଚଞ୍ଚଳ ହୋଇଉଠିଛି । ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଆଗାମୀ ସୋମବାର ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ସୂଚନା ମିଳିଛି ।

### ମନ୍ତ୍ରୀମୁଣ୍ଡା କପ୍ ଫୁଟବଲ ଦ୍ୱିତୀୟ ଦିବସ

## ସେମିଫାଇନାଲରେ ସୁନ୍ଦରଗଡ଼ ଦୋସ୍ତି ବ୍ରଦର୍ସ




କୁଚିଣ୍ଡା,୧୮।୧୦(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ମନ୍ତ୍ରୀମୁଣ୍ଡା ଯୁବକସଂଘ ପକ୍ଷରୁ ମନ୍ତ୍ରୀମୁଣ୍ଡା ମିନିଷ୍ଟାଡିୟମରେ ଚାଲିଥିବା ୧୨ତମ ମନ୍ତ୍ରୀମୁଣ୍ଡା କପ୍ ଫୁଟବଲ୍ ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି । ଶନିବାର ମଧ୍ୟ ୩ଟି ମ୍ୟାଚ ଖେଳ ହୋଇଥିଲା । ପ୍ରଥମ ମ୍ୟାଚର ଖେଳ ରାଉରକେଲା ଜଲଦା ଏଫସି ଓ ଝାରସୁଗୁଡ଼ା ଶାନ୍ତି ନଗର ମଧ୍ୟରେ ହୋଇଥିଲା । ଏଥିରେ ୨-୧ ଗୋଲରେ ଶାନ୍ତିନଗର ବିଜେତା ହୋଇଥିଲା । ଦ୍ୱିତୀୟ ମ୍ୟାଚର ଖେଳ ସମ୍ବଲପୁର ତ୍ରିରଙ୍ଗା ଏଫସି ଓ ସୁନ୍ଦରଗଡ ଦୋସ୍ତି ବ୍ରଦର୍ସ ମଧ୍ୟରେ ହୋଇଥିବା ବେଳେ ୫-୦ ଗୋଲରେ ଦୋସ୍ତି ବ୍ରଦର୍ସ ବିଜୟୀ ହୋଇଥିଲା । ସେହିପରି ତୃତୀୟ ମ୍ୟାଚରେ ଶାନ୍ତିନଗର ଓ ଦୋସ୍ତି ବ୍ରଦର୍ସ ପରସ୍ପରକୁ ଭେଟିଥିଲେ । ୪-୦ ଗୋଲରେ ଦୋସ୍ତି ବ୍ରଦର୍ସ ଶାନ୍ତିନଗରକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା । କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଜିଲ୍ଲାପରିଷଦ ସଭ୍ୟ ଅଜିତ କୁମାର ମହାପାତ୍ର, କୁଚିଣ୍ଡା ଏନଏସି ନିର୍ବାହୀ ଅଧିକାରୀ ମନୋରଞ୍ଜନ ସୁନା, ପୂର୍ଣ୍ଣେନ୍ଦୁ ମହାନ୍ତି, ନବୀନ ଅଗ୍ରୱାଲ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ରେଫରୀ ଭବେ ଶିବ ଶଙ୍କର ପଣ୍ଡା, ପଞ୍ଚାନନ ପାତ୍ର,ସଲିଲ ବେହେରା, ସୁଜିତ ରାଜହଂସ, ରାଜେଶ ଜୟପୁରିଆ ଖେଳ ପରିଚାଳନା କରିଥିଲେ । ମନ୍ତ୍ରୀମୁଣ୍ଡା ଯୁବକ ସଂଘ ସଭାପତି ତାପସ କୁମାର ନାଏକ, ଉପସଭାପତି ଗୌତମ ମିଶ୍ର, ସମ୍ପାଦକ ଅକ୍ଷୟ କିଷାନ, କୋଷାଧ୍ୟକ୍ଷ ଭବାନୀ କିଷାନ, ଉପଦେଷ୍ଟା ପ୍ରଣବ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଟୁର୍ଣ୍ଣାମେଣ୍ଟ ପରିଚାଳନା ହୋଇଥିବା ବେଳେ ଅଯୋଧ୍ୟା ନାଏକ, ବୁଧୁରାମ ମାଝି, ସନ୍ତୋଷ ପଟେଲ,ଫକୀର କିଷାନ, ମନୋରଞ୍ଜନ ନାଏକ, ୟୁକେ ବରିହା, ବୃଷଭ ଦେଉଳ ପ୍ରମୁଖ ସହଯୋଗ କରିଥିଲେ । ଖେଳକୁ ହଜାର ହଜାର ଦର୍ଶକ ଉପଭୋଗ କରିଥିଲେ ।

## ଆଦି କର୍ମଯୋଗୀ ଅଭିଯାନରେ ମୟୂରଭଞ୍ଜ ଶ୍ରେଷ୍ଠ

■ ଦିଲ୍ଲୀରେ ପୁରସ୍କୃତ ହେଲେ ଜିଲ୍ଲାପାଳ

ବାରିପଦା, ୧୮।୧୦(ନିପ୍ର): ଆଦି କର୍ମଯୋଗୀ ଅଭିଯାନ ଅଧୀନରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବରେ ମୟୂରଭଞ୍ଜ ଜିଲ୍ଲା ପୁରସ୍କୃତ ହୋଇଛି । ଉଲ୍ଲେଖନୀୟ ପ୍ରଦର୍ଶନ ଏବଂ ଉଦାହରଣୀୟ ଅବଦାନ ପାଇଁ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ଦ୍ୱାରା ସ୍ୱୀକୃତି ପ୍ରମାଣ ପତ୍ର ପ୍ରଦାନ କରାଯାଇଛି । ନୂଆଦିଲ୍ଲୀ ଠାରେ ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ 'ଆଦି କର୍ମଯୋଗୀ ଅଭିଯାନ' ଉପରେ ଜାତୀୟ ସମ୍ମେଳନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଶ୍ରେଷ୍ଠ କାର୍ଯ୍ୟ ପ୍ରଦର୍ଶନ କରିଥିବା ରାଜ୍ୟ, ଜିଲ୍ଲା, ବ୍ଲକ ଓ ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା ମାନଙ୍କୁ ସମ୍ମାନିତ କରିଛନ୍ତି । ଉକ୍ତ ଉତ୍ସବରେ ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ମନ୍ତ୍ରୀ ଜୁଏଲ ଓରାମ ଓ ସଚିବ ବିଭୁ ନାୟାର ପ୍ରମୁଖ ଉପସ୍ଥିତ ଥିଲେ । ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲାକୁ ଆଦି କର୍ମଯୋଗୀ ଅଭିଯାନରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଜିଲ୍ଲାପାଳ ହେମକାନ୍ତ ସୟଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁରସ୍କୃତ କରିଛନ୍ତି ।

## ଟ୍ରେନରୁ ଜବତ ୭୦ ଲକ୍ଷ ଟଙ୍କା

ବଲାଙ୍ଗୀର,୧୮।୧୦: ଟ୍ରେନରୁ ଜବତ ହୋଇଛି ୭୦ ଲକ୍ଷ ଟଙ୍କା । ଟିଟିଲାଗଡରୁ ଏହି ଟଙ୍କା ଧର୍ତି ଆବା ସୁପରଫାଷ୍ଟ ଟ୍ରେନରୁ ଟଙ୍କା ଜବତ ପୋଲିସ ଜବତ କରିବା ସହ ପ୍ରଭାତ କୁମାର ସାହୁ ଓ ଉମେଶ ପ୍ରସାଦ ନାମକ ଦୁଇ ଜଣଙ୍କୁ ଅଟକ ରଖିଛି । ଟ୍ରେନଟି ଏର୍ଣ୍ଣାକୁଲମରୁ ହଟିଆ ଯାଉଥିବା ବେଳେ ଜିଆରପି ପୁଲିସ ଏହାକୁ ଜବତ କରିଥିଲା । ଦୁଇ ଯୁବକ ଟଙ୍କା ସହିତ ଧରାପଡିଥିବାରୁ ପୁଲିସ ସେମାନଙ୍କୁ ଜେରା କରୁଛି ।

## ଧନତେରାସ: ମହଙ୍ଗା ସତ୍ତ୍ୱେ ସୁନାର ଚାହିଦା

ଭୁବନେଶ୍ୱର,୧୮।୧୦: କାର୍ତ୍ତିକ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଧନତେରାସ ୨୪କ୍ୟାରେଟ ସୁନାର ଦାମ ୧ଲକ୍ଷ ୩୩ହଜାର ୩୦୦ ରହିଛି । ମହଙ୍ଗା ସତ୍ତ୍ୱେ ରାଜଧାନୀର ସୁନା ଦୋକାନଗୁଡ଼ିକରେ ଗ୍ରାହକଙ୍କ ପ୍ରବଳ ଭିଡ ଲକ୍ଷ୍ୟ କରାଯାଇଥିଲା । ଗତବର୍ଷ ଧନତେରସ ସମୟରେ ସୁନା ପ୍ରତି ୧୦ଗ୍ରାମକୁ ୭୮ହଜାର ୬୧୦ ଟଙ୍କା ରହିଥିଲା । ବର୍ଷକରେ ସୁନା ମୂଲ୍ୟ ୬୫.୧୭ପ୍ରତିଶତ ବୃଦ୍ଧି ପାଇଛି । ଏହି ଦର ବୃଦ୍ଧିର କେବଳ ୫୮ପ୍ରତିଶତ ୨୦୨୫ ପ୍ରଥମ ୧୦ମାସରେ ହୋଇଛି ।

## ବିଡ଼ାନାସୀ ଶ୍ମଶାନ ପୁନରୁଦ୍ଧାର କାର୍ଯ୍ୟ ଲୋକାର୍ପିତ

କଟକ,୧୮।୧୦(ନିପ୍ର): ସ୍ଥାନୀୟ ବିଡ଼ାନାସୀ ଶ୍ମଶାନ ପୁନରୁଦ୍ଧାର କାର୍ଯ୍ୟର ଲୋକାର୍ପଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କଟକ ମେୟର ସୁବାସ ସିଂ, ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଓ ସିଏମସି କମିଶନର କୀରଣଦୀପ କୌର ସହୋତା ଉପସ୍ଥିତ ଥିଲେ । ପାଖାପାଖି କୋଟିଏ ଟଙ୍କାର ବ୍ୟୟରେ ନିର୍ମିତ ଏହି ଶ୍ମଶାନରେ ସ୍ଥାନୀୟ ଲୋକେ ସମସ୍ତ ପ୍ରକାରର ସୁବିଧା ସୁଯୋଗ ପାଇବେ । ଦୀର୍ଘଦିନ ଧରି ଅବହେଳିତ ହୋଇ ପଡ଼ିଥିବା ଏହି ଶ୍ମଶାନଟି କଟକ ମହାନଗର ନିଗମ ଦ୍ୱାରା ପୁନରୁଦ୍ଧାର ହୋଇଛି । ସଂପ୍ରତି ଏହି ଶ୍ମଶାନ କାର୍ଯ୍ୟରେ ୬୮ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଆଗକୁ ଏହାର ଉନ୍ନତିକରଣ ପାଇଁ ଆବଶ୍ୟକ ଅର୍ଥ ଦିଆଯିବ ବୋଲି ମେୟର ଶ୍ରୀ ସିଂ କହିଛନ୍ତି । ସେହିପରି ଆଗାମୀ ଦିନରେ ଲୋକଙ୍କ ସୁବିଧା ପାଇଁ ଏଠାରେ ବିଦ୍ୟୁତ ଚାଳିତ ଚୁଲାରେ ଶବଦାହ କରାଯିବାର ସୁବିଧା ଯୋଗାଇ ଦିଆଯିବ ବୋଲି ବିଧାୟିକା ସୋଫିଆ ଫିର୍ଦ୍ଦୋଷ କହିଛନ୍ତି । କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟରଙ୍କ ସମେତ ବହୁ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ ।

## ଭାରସାମ୍ୟ ହରାଇ ଓଲଟିଲା ଅଟୋ ବୋଝେଇ ଆଇଚର୍



ଟାଙ୍ଗି / ଚୌଦ୍ୱାର,୧୮।୧୦: (ନିପ୍ର): ଚୌଦ୍ୱାର ମଧ୍ୟ ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥ ଗାନ୍ଧୀଛକ ଠାରେ ଭାରସାମ୍ୟ ହରାଇ ଓଲଟିଲା ଅଟୋ ବୋଝେଇ ଆଇଚର୍ ଗାଡ଼ି । ଯାହାର ରେଜିଷ୍ଟ୍ରେସନ ନଂ (ଓଡି -୦୨୦-ଏଲ ୯୮୬୬ ) । ସୂଚନା ଅନୁଯାୟୀ , ଶନିବାର ସକାଳ ପ୍ରାୟ ୬ ଘଟିକା ସମୟ ରେ ଉକ୍ତ ଗାଡିଟି ଢେଙ୍କାନାଳ ଆଡକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ଗାନ୍ଧି ଛକ ନିକଟରେ ଥିବା ଓଭର ବ୍ରିଜର ଡିଭାଇଡରରେ ପିଟି ହୋଇଯାଇଥିଲା । ଉକ୍ତ ଦୁର୍ଘଟଣାରେ ଗାଡିଟି ଓଲଟି ଯିବା ସହ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିଲା । ଅନ୍ୟପକ୍ଷେ ଗାଡିରେ ନେଉଥିବା ଦୁଇଟି ନୂଆ ବ୍ୟାଟେରୀ ଅଟୋ ମଧ୍ୟ ଭାଙ୍ଗି ରୁଜୁ ଯାଇଥିଲା । ସ୍ଥାନୀୟ ଲୋକ ଗାଡି ଚାଳକକୁ ଉଦ୍ଧାର କରି ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ କରାଇଥିଲେ । ଚୌଦ୍ୱାର ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତ ରାୟ ଟିମ ସହ ଘଟଣା ସ୍ଥଳରେ ପହଞ୍ଚି, ଘଟଣାର ଅନୁଧ୍ୟାନ କରିବା ସହ ରାସ୍ତାରେ ଗାଡି ଚଳାଚଳକୁ ସୁଗମ କରାଇଥିଲେ । ଗାଡିଟି କେଉଁ କାରଣରୁ ଦୁର୍ଘଟଣାଗ୍ରସ୍ତ ହେଲା ତାହା ଜଣାପଡି ନାହିଁ । ତେବେ ଏହି ଗାଡି ଆସିବା ସମୟରେ ବେପରୁଆ ଗାଡି ଚାଳନା ପାଇଁ ମଙ୍ଗୁଳି ଛକରେ କିଛି ଲୋକ ଅଟକାଇ ଠିକରେ ଗାଡି ଚଳାଇବା ପାଇଁ ଚାଳକକୁ ତାଗିଦ କରିଥିଲେ ବୋଲି ସୂଚନା ରହିଛି । ଅନ୍ୟପକ୍ଷେ, ଠିକା ସଂସ୍ଥାର ମନମୁଖି କାର୍ଯ୍ୟ, ପ୍ରଶାସନର ନିରବଦ୍ରଷ୍ଟା ପାଇଁ ଦୁର୍ଘଟଣା ଘଟୁଥିବା ଚୌଦ୍ୱାରବାସୀ ଅଭିଯୋଗ କରିଛନ୍ତି ।

## ବେଆଇନ ବାଣ ଜବତ: ଜଣେ ଗିରଫ



ପୁରୀ,୧୮।୧୦(ନିପ୍ର): ଆଉ ଦିନକ ପରେ ଆଲୋକର ପର୍ବ ଦୀପାବଳି । ବାଣ ଫୁଟାଇ ଦୀପାବଳି ମନେଇବାକୁ ସମସ୍ତେ ପ୍ରସ୍ତୁତ ହେଲେଣି । କିନ୍ତୁ ଏହାରି ଭିତରେ କିଛି ଅସାଧୁ ଲୋକ ବେଆଇନ ଭାବେ ବାଣ ତିଆରି କରିବା ଘଟଣା ସାମ୍ନାକୁ ଆସିଛି । ପୁରୀ ସଦରଥାନା ଅନ୍ତର୍ଗତ ନରହରିପୁର ଗ୍ରାମର ଶ୍ରୀକାନ୍ତ ମିଶ୍ର ନାମକ ଜଣେ ବ୍ୟକ୍ତି ତାଙ୍କ ବଗିଚାରେ ବେଆଇନ ଭାବେ ବାଡିଆ ବମ୍ ପ୍ରସ୍ତୁତ କରୁଥିଲେ । ବିଶ୍ୱସ୍ତସୂତ୍ରରୁ ଖବର ପାଇ ସଦରଥାନା ଆଇଆଇସି ଅଚାନକ ଚଢାଉ କରି ଶ୍ରୀକାନ୍ତଙ୍କ ନିକଟରୁ ୬ ବସ୍ତା ବାଡିଆ ବମ୍ ଜବତ କରିବା ସହ ଅନେକ ବାଡିଆ ବମ୍‌କୁ ପାଣିରେ ପକାଇ ନଷ୍ଟ କରିଛନ୍ତି । ବେଆଇନ ବାଣ ତିଆରି କରିବା ଅଭିଯୋଗରେ ଶ୍ରୀକାନ୍ତ ମିଶ୍ରଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି ।

## ନାବାଳିକାଙ୍କୁ ଅପହରଣ କରି ବନ୍ଧାହେଲେ

ଭୁବନେଶ୍ୱର,୧୮।୧୦(ନିପ୍ର): ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକଙ୍କ ନାମ ସତ୍ୟବ୍ରତ ଭୋଇ (୨୦) ଓ ତାଙ୍କ ଘର ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅଂଚଳରେ ବୋଲି ଜଣାପଡ଼ିଛି । ଏନେଇ ପୀଡ଼ିତାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ପରିବାର ସହ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବୁଦ୍ଧେଶ୍ୱରୀ କଲୋନୀରେ ରୁହନ୍ତି । ପୂର୍ବରୁ ଅଭିଯୁକ୍ତ ସତ୍ୟବ୍ରତ, ତାଙ୍କ ନାବାଳିକା ଝିଅକୁ ଅପହରଣ କରିନେବା ଲାଗି ନିୟମିତ ଭାବେ ଧମକ ଦେଇଆସୁଥିଲେ । ପରିବାର ସଦସ୍ୟ ଅଭିଯୁକ୍ତଙ୍କର ଏହିଭଳି ଧମକର ବିରୋଧ କରିବାରୁ, ଅଭିଯୁକ୍ତ ସେମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଥିଲେ । ଗତ ୪ ତାରିଖରେ ଅଭିଯୁକ୍ତ ସତ୍ୟବ୍ରତ ଅଭିଯୋଗକାରିଣୀଙ୍କ ନାବାଳିକା କନ୍ୟାଙ୍କୁ ତାଙ୍କ ଘରୁ ପରିବାର ସଦସ୍ୟଙ୍କ ଅଗୋଚରରେ ଅପହରଣ କରି ନେଇଯାଇଥିଲେ । ଯିବା ସମୟରେ ନାବାଳିକାଙ୍କ ପାଖରେ ତାଙ୍କ ବାପାଙ୍କ ମୋବାଇଲ ଫୋନ ଏବଂ ୩ହାଜର ଟଙ୍କା ଥିଲା । ଏନେଇ ଅଭିଯୋଗକାରିଣୀ ଥାନାରେ ଅଭିଯୋଗ କରିଥିଲେ । ମାମଲାର ତଦନ୍ତ କାଳରେ ପୋଲିସ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚଢଉ କରିବା ସହ ଅଭିଯୁକ୍ତ ସତ୍ୟବ୍ରତ ଭୋଇଙ୍କୁ କାବୁ କରିବାରେ ସକ୍ଷମ ହୋଇଥିବା ବେଳେ, ସେ ନିଜ ଦୋଷ ସ୍ୱୀକାର କରିଥିଲା ।

## ୧୨ ଲକ୍ଷ ଠକେଇ, ଯୁବକ ଗିରଫ

ଭୁବନେଶ୍ୱର,୧୮।୧୦(ନିପ୍ର): ୧୨ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ଶନିବାର ସ୍ଥାନୀୟ ଅଂଚଳର ସୁଦର୍ଶନ ପଣ୍ଡା (୩୮) ନାମକ ଜଣେ ଯୁବକଙ୍କୁ ଗିରଫ କରିଛି । ଏନେଇ ଅରୁଣ କୁମାର ପରିଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୁଦର୍ଶନ ନିଜ ଦୋକାନ ବିସ୍ତାରିତ କରିବାକୁ ଅରୁଣଙ୍କ ନିକଟରୁ ବେଶ୍ କିଛିବର୍ଷ ହେବ ୧୨ ଲକ୍ଷ ଟଙ୍କା ଧାର ଆକାରରେ ନେଇଥିଲେ । ଏହାର ପ୍ରତିବଦଳରେ ସେ ଦୁଇଟି ଚେକ୍ ପ୍ରଦାନ କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଟଙ୍କା ଫେରସ୍ତ କରି ନ ଥିଲେ ଏନେଇ ଅଭିଯୋଗକାରିଣୀ ତାଙ୍କୁ ପଚାରିବାରୁ ସୁଦର୍ଶନ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ । ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ସୁର୍ଦ୍ଦଶନଙ୍କୁ ଗିରଫ କରିକୋର୍ଟଚାଲାଣ କରିଛି ।

## ଅବକାରୀ ଚଢ଼ାଉ: ଦେଶୀମଦ ଜବତ, ପୋଚ ନଷ୍ଟ



ଆଠଗଡ଼,୧୮।୧୦(ନିପ୍ର): ଆଠଗଡ଼ ଥାନା ଅନ୍ତର୍ଗତ କୋରଙ୍ଗା ଗ୍ରାମରେ ଆଠଗଡ଼ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ଜିଲ୍ଲା ମୋବାଇଲ ୟୁନିଟ ଅବକାରୀ ବିଭାଗ, ଆଠଗଡ଼ ଥାନା ପକ୍ଷରୁ ଏକ ମିଳିତ ଚଢାଉ କରାଯାଇଥିଲା । ଉକ୍ତ ଚଢାଉରେ ସର୍ବମୋଟ ୧୯୯୫ ଲିଟର ଦେଶୀମଦ ସହ ୨୦୮୯୫ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ଼ପୋଚ ଉଦ୍ଧାର କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଛି । ଏହି ପରିପ୍ରେକ୍ଷୀରେ ୬ଟି ମାମଲା ରୁଜୁ କରାଯାଇଛି । କଟକ ଜିଲ୍ଲା ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଅବକାରୀ ଉପଅଧୀକ୍ଷକ ସି ଏଚ ତିରୁପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ, ଆଠଗଡ଼ ଅବକାରୀ ଉପନିରୀକ୍ଷକ ଅରୁଣ ଭୋଇ, ବାଙ୍କୀ ଅବକାରୀ ଉପ ନିରୀକ୍ଷକ ସୌମ୍ୟ ରଂଜନ ମାଝୀ, ନରସିଂହପୁର ଅବକାରୀ ଥାନା ଉପ ନିରୀକ୍ଷକ ବାପି ସାହୁ, କଟକ ୨ ଅବକାରୀ ଥାନା ଉପ ନିରୀକ୍ଷକ ତରୁଣ ପାତ୍ରଙ୍କ ସମେତ ଆଠଗଡ଼ ପୋଲିସ ଗ୍ରୁପ ଏବଂ ସମସ୍ତ ଅବକାରୀ ସହକର୍ମୀ ଚଢାଉରେ ଅଂଶଗ୍ରହଣ କରିଥିଲେ । ଅବକାରୀ ଚଢାଉ କରାଯାଉ ଥିଲେ ମଧ୍ୟ କେହି ଗିରଫ ନହେବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

**AFFIDAVIT**

I Sharddindu Nayak, S/o- Late Sudhanidhi Nayak, At- Kadapata, Po- alanga, Dist- Bhadrak, Pin-756112, Odisha declare by this affidavit o.-2764 dtd. 16.10.2025 that ow o wards I Shall be known as Sharaddindu Nayak for all future purposes.

**Sharaddidu Nayak**

**AFFIDAVIT**

By virtue of an affidavit swor before the Executive Magistrate, Banpur, on dt. 18.10.2025. I, Rasmilata Dash, W/o: Basudev Dash of Vill: Belapada, Po: Belapada, P.S.: Balugaon, Dist: Khurda, Odisha, Pin-752030, declare that, I have changed my name from Rasmita Dash to Sasmilata Dash. Hence forth I, shall be know as Rasmilata Dash for all purposes as per my Aadhar Card.

**Rasmilata Dash**

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ